RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -207 | ସଂଖ୍ୟା-୨୦୭
ଭୁବନେଶ୍ୱର, ମଙ୍ଗଳବାର ୦୩ ନଭେମ୍ବର ୨୦୨୬
Bhubaneswar, Tuesday 03 November, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




ବିଶିଷ୍ଟ ଡାକ୍ତର ଅଶୋକ ମହାପାତ୍ରଙ୍କ ଦେହାନ୍ତ

ଭୁବନେଶ୍ୱର,୨।୧୧(ନି.ପ୍ର): ଆଉ ନାହାନ୍ତି ବିଶିଷ୍ଟ ଡାକ୍ତର ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର । ଚିକିତ୍ସାଧୀନ ଅବସ୍ଥାରେ ନୂଆଦିଲ୍ଲୀ ଏମସରେ ସୋମବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ୭୪ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । ତାଙ୍କ ପରଲୋକ ଖବର ପ୍ରଚାର ହେବା ମାତ୍ରେ ସବୁ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ରାତି ୯ଟା ୧୫ରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସ୍ନାୟୁ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଡାକ୍ତର ମହାପାତ୍ରଙ୍କର ଦେଶବ୍ୟାପୀ ସୁନାମ ରହିଥିଲା । ନିଜର ଦୀର୍ଘ ଅଭିଜ୍ଞତା, ଚିକିତ୍ସା ସେବା ଓ ଅବଦାନ ପାଇଁ ସେ ଚିକିତ୍ସା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେ ବ୍ରେନ୍ କ୍ୟାନସରରେ ପୀଡ଼ିତ ଥିଲେ । ତାଙ୍କ ଦେହାନ୍ତ ଚିକିତ୍ସା କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ଦେହାନ୍ତ ଖବର ପାଇ ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକପ୍ରକାଶ କରିଛନ୍ତି ।

ଆଜି ଓଡ଼ିଶା ଆସିବ ମରଶରୀର, ଗାର୍ଡ ଅଫ୍ ଅନର ପରେ ପୁରୀରେ ହେବ ଅନ୍ତ୍ୟେଷ୍ଟି କ୍ରିୟା

ମଙ୍ଗଳବାର ଓଡ଼ିଶା ଆସିବ ମରଶରୀର । ସକାଳ ୯ଟା ୧୫ରେ ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବ ମରଶରୀର । ଓଡ଼ିଶା ସରକାରଙ୍କ ଦ୍ୱାରା ଦିଆଯିବ ଗାର୍ଡ ଅଫ୍ ଅନର୍ । ଏହାପରେ ପୁରୀରେ ହେବ ଅନ୍ତ୍ୟେଷ୍ଟି କ୍ରିୟା ।

କିଛିଦିନ ତଳେ ଡା.ମହାପାତ୍ର ମସ୍ତିଷ୍କ ଯନ୍ତ୍ରଣାରେ ଅସୁସ୍ଥ ହୋଇ ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଅଧିକ ଉନ୍ନତ ଚିକିତ୍ସା ଲାଗି ତାଙ୍କୁ ନୂଆଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତରମାନଙ୍କର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ତାଙ୍କର ପରଲୋକ ହୋଇଯାଇଛି । ଯୋଡ଼ା ମୁଣ୍ଡ ଶିଶୁ ଜଗା-ବଳିଆଙ୍କ ଅସ୍ତ୍ରପଚାର ପାଇଁ ଚର୍ଚ୍ଚିତ ଡା. ମହାପାତ୍ରଙ୍କୁ ଭାରତ ସରକାର ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଛନ୍ତି । ଡା. ମହାପାତ୍ର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ)ର ପୂର୍ବତନ କୁଳପତି ତଥା ବର୍ତ୍ତମାନ ପ୍ରିନ୍ସିପାଲ୍ ଆଡଭାଇଜାରି ରହିଛନ୍ତି ।



ପୁରୀରେ ୧୯୫୨ ମସିହାରେ ଜନ୍ମ ଗ୍ରହଣ କରିଥିବା ଡକ୍ଟର ମହାପାତ୍ର ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜରୁ ୧୯୭୫ ମସିହାରେ ଏମବିବିଏସ ଡିଗ୍ରୀ ହାସଲ କରିଥିଲେ । ଏହାପରେ ସେ ନୂଆଦିଲ୍ଲୀ ଏଏମ୍ସ ରେ ଉଚ୍ଚଶିକ୍ଷା ଗ୍ରହଣ କରି ୧୯୭୯ରେ ଏମଏସ ଏବଂ ୧୯୮୨ରେ ସ୍ନାୟୁ ଶଲ୍ୟ ଚିକିତ୍ସାରେ ଏମ.ସିଏଚ୍) ଡିଗ୍ରୀ ହାସଲ କରିଥିଲେ । ୪୦ ବର୍ଷରୁ ଅଧିକ ସମୟ ଧରି ଏମ୍ସ ନୂଆଦିଲ୍ଲୀ ସହ ଜଡ଼ିତ ରହି ସେ ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ, ନ୍ୟୁରୋସାଇନ୍ସ ସେଣ୍ଟରର ମୁଖ୍ୟ ଏବଂ ଗବେଷଣା ଡିନ୍ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି । ଡକ୍ଟର ମହାପାତ୍ରଙ୍କ ଜୀବନର ସବୁଠାରୁ ବଡ଼ ସଫଳତା ମଧ୍ୟରୁ ଗୋଟିଏ ହେଉଛି ୨୦୧୭ ମସିହାରେ ଜଗା- କାଳିଆଙ୍କ ଐତିହାସିକ ଅପରେସନ୍ । ଡାକ୍ତର ମହାପାତ୍ର ୨୦୧୭ରେ କନ୍ଧମାଳର ଯୋଡ଼ା ମୁଣ୍ଡ ଶିଶୁ ଜଗା-କାଳିଆଙ୍କ ସଫଳ ଅସ୍ତ୍ରପଚାର କରି ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲେ। ନୂଆଦିଲ୍ଲୀ ଏଏକ୍ସ ରେ କରାଯାଇଥିବା ଏହି ଜଟିଳ ପ୍ରକ୍ରିୟା ଭାରତରେ ଏହି ପ୍ରକାରର ପ୍ରଥମ ସଫଳ ଅସ୍ତ୍ରପଚାର ଥିଲା ଏବଂ ପରେ ଲିମକା ବୁକ୍ ଅଫ୍ ରେକର୍ଡସରେ ସ୍ଥାନିତ ହୋଇଥିଲା ।ଚିକିତ୍ସା ସେବା ସହିତ ଶିକ୍ଷା ଓ ପ୍ରତିଷ୍ଠାନ ଗଠନରେ ମଧ୍ୟ ତାଙ୍କର ଅବଦାନ ଅତୁଳନୀୟ। ଚିକିତ୍ସା କ୍ଷେତ୍ରରେ ଜଣେ ସୁଦକ୍ଷ ପ୍ରଶାସକ ଭାବେ ସୁପରିଚିତ ଡାକ୍ତର ମହାପାତ୍ର ୨୦୨୪ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ ।

୨୦୦୬ ମସିହାରେ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ, ଲକ୍ଷ୍ନୌର ନିର୍ଦ୍ଦେଶକ ଓ ଭୁବନେଶ୍ୱର, ଏମ୍ସର ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଥିଲେ। ନିଜର କାର୍ଯ୍ୟକାଳ ଭିତରେ ସେ ୮୦ଟି ଗବେଷଣାପତ୍ର ପ୍ରକାଶ କରିଛନ୍ତି। ୧୨ରୁ ଅଧିକ ପିଏଚ୍ଡି ଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ୧୯୯୮-୨୦୦୮ ମସିହା ଦେଶରେ ତୃତୀୟ ସର୍ବୋଚ୍ଚ ଚିକିତ୍ସା ପ୍ରକାଶନ ଓ ଏମ୍ସରେ ସର୍ବାଧିକ ସଂଖ୍ୟକ ପ୍ରକାଶନ ତାଙ୍କର ନାଁରେ ରହିଥିଲା। ୨୦୧୯-୨୦୨୩ ମସିହା ମଧ୍ୟରେ ବିଶ୍ୱର ୨% ବୈଜ୍ଞାନିକ, ବିଶ୍ୱର ୫% ସ୍ନାୟୁ ବିଜ୍ଞାନୀ ଓ ବିଶ୍ୱରେ ୧% ଶିଶୁ ସ୍ନାୟୁ ଶଲ୍ୟ ଚିକିତ୍ସକଙ୍କ ମଧ୍ୟରେ ସ୍ଥାନ ପାଇଥିଲେ।ଶିଶୁ ସ୍ନାୟୁ ଶଲ୍ୟ ଚିକିତ୍ସା, ମସ୍ତିଷ୍କ ଘାତ ଏବଂ ଟ୍ୟୁମର୍ ଅପରେସନରେ ତାଙ୍କର ରହିଛି ବିଶେଷ ଦକ୍ଷତା। ତାଙ୍କର ୬୦୦ରୁ ଅଧିକ ଗବେଷଣାତ୍ମକ ପ୍ରବନ୍ଧ ଏବଂ ୧୫ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇସାରିଛି ।ସେ ଭୁବନେଶ୍ୱର ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଏହାର ଭିତ୍ତିଭୂମି ମଜବୁତ କରିଥିଲେ। ଏହାଛଡ଼ା ଲକ୍ଷ୍ନୌର ଏସଜିପିଜିଆଇର ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ସମ୍ପ୍ରତି ସେ ଭୁବନେଶ୍ୱରର ଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଜ୍ଞାନର ପ୍ରମୁଖ ପରାମର୍ଶଦାତା ତଥା ପୂର୍ବତନ କୁଳପତି ଭାବେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରୁଛନ୍ତି। ଚିକିତ୍ସା କ୍ଷେତ୍ରରେ ତାଙ୍କର ଏହି ଅମୂଲ୍ୟ ଅବଦାନ ପାଇଁ ୨୦୨୫ ଏପ୍ରିଲରେ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା 'ପଦ୍ମଶ୍ରୀ' ସମ୍ମାନର ସମ୍ମାନିତ ହୋଇଥିଲେ । ଏହାବ୍ୟତୀତ ଓଡ଼ିଶା ବିଜ୍ଞାନ ଏକାଡ଼ମୀ (ପୃ-୭)ପକ୍ଷରୁ ତାଙ୍କୁ 'ସି.ଭି. ରମଣ ଆୱାର୍ଡ' ମଧ୍ୟ ପ୍ରଦାନ କରାଯାଇଛି। ଡକ୍ଟର ଅଶୋକ କୁମାର ମହାପାତ୍ର କେବଳ ଜଣେ କୁଶଳୀ ଡାକ୍ତର ନୁହଁନ୍ତି, ବରଂ ସେ ଓଡ଼ିଶା ଏବଂ ସମଗ୍ର ଦେଶର ଯୁବ ପିଢ଼ିଙ୍କ ପାଇଁ ଏକ ପ୍ରେରଣାର ପ୍ରତୀକ ଅଟନ୍ତି। ନିଜର ଆମାୟିକ ବ୍ୟବହାର ଓ କର୍ତ୍ତବ୍ୟ ପ୍ରତି ନିଷ୍ଠାପଣ ତାଙ୍କୁ ଭିନ୍ନ ପରିଚୟ ଦେଇଥିଲା । ଶେଷ ପର୍ଯ୍ୟନ୍ତ ନିୟମିତ ରୋଗୀଙ୍କ ଚିକିତ୍ସା ସହ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ । ପ୍ରଫେସର ମହାପାତ୍ର ବିଭିନ୍ନ ଉପାଦେୟ ମୂଳକ ପୁସ୍ତକ ରଚନା ସହ ଚିକିତ୍ସା ଓ ଆଧ୍ୟାତ୍ମିକତାର ଅପୂର୍ବ ସଂଯୋଗ ତଥା ସମନ୍ୱୟ ବିଷୟରେ ସର୍ବଦା ସମସ୍ତଙ୍କୁ ଅବଗତ କରି ଆସୁଥିଲେ ।

ଦିଲ୍ଲୀଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୨।୧୧(ନି.ପ୍ର.): ଓଡ଼ିଶାର ସବୁଜ ଶକ୍ତି ଅଭିଯାନକୁ ଆଗକୁ ବଢ଼ାଇବା ସହ ବନ୍ୟା ବିପନ୍ନ ଜିଲ୍ଲାଗୁଡ଼ିକ ପାଇଁ କେନ୍ଦ୍ରୀୟ ସହାୟତା ହାସଲ ଲକ୍ଷ୍ୟରେ ଆଜି ସନ୍ଧ୍ୟା ୬ଟାରେ ନୂଆଦିଲ୍ଲୀ ଗସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁଇଦିନିଆ ଏହି ସରକାରୀ ଗସ୍ତକୁ ନେଇ ରାଜ୍ୟ ରାଜନୀତି ଓ ପ୍ରଶାସନିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ନୂଆଦିଲ୍ଲୀରେ ଆୟୋଜିତ ପ୍ରତିଷ୍ଠିତ ଭାରତ ନବୀକରଣ ଶକ୍ତି ସମ୍ମିଳନୀ ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ। ଏହି ସମ୍ମିଳନୀରେ ଦେଶର ବରିଷ୍ଠ ନେତା, ଶକ୍ତି ବିଶେଷଜ୍ଞ, ଶିଳ୍ପପତି ଓ ନୀତି ନିର୍ଦ୍ଧାରକମାନେ ଯୋଗଦେଇ ଭାରତର ସ୍ୱଚ୍ଛ ଶକ୍ତି ଭବିଷ୍ୟତ ନେଇ ଆଲୋଚନା କରିବେ। ଏହି ଗସ୍ତରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ସାମିଲ ହେବେ। ରାଜ୍ୟରେ ଅକ୍ଷୟ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣ, ସବୁଜ ପୁଞ୍ଜିନିବେଶ ଆକର୍ଷଣ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଓଡ଼ିଶାର ପକ୍ଷ ରଖିବେ ଦୁଇ ନେତା। ସବୁଜ ଶକ୍ତି ସମ୍ମିଳନୀ ସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଅନ୍ୟତମ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ରାଜ୍ୟର ବନ୍ୟା ପରିସ୍ଥିତି ଓ କ୍ଷୟକ୍ଷତି ସମ୍ପର୍କରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିବା। ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ କେନ୍ଦ୍ରର ବରିଷ୍ଠ ନେତୃତ୍ୱଙ୍କୁ ଭେଟି ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକର ସ୍ଥିତି ଓ କ୍ଷୟକ୍ଷତିର ବିସ୍ତୃତ ରିପୋର୍ଟ ଦେବେ।

ଚେନ୍ନାଇ ଓ ବିଜୟୱାଡ଼ାରେ ବାତିଲ ହେଲା ୨୧ ବିମାନ

ଭୁବନେଶ୍ୱର,୨।୧୧(ନି.ପ୍ର.):: ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମାଡ଼ି ଆସୁଛି ଭୀଷଣ ବାତ୍ୟା 'ମୁରାସୁ' । ବାତ୍ୟାର ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି । ଯାତ୍ରୀଙ୍କ ସୁରକ୍ଷା ଏବଂ ପ୍ରତିକୂଳ ପାଗକୁ ଦୃଷ୍ଟିରେ ରଖି ଚେନ୍ନାଇ ଓ ବିଜୟୱାଡ଼ା ବିମାନବନ୍ଦରରେ ମୋଟ ୨୧ଟି ବିମାନ ଉଡ଼ାଣ ବାତିଲ କରାଯାଇଛି ।

ସୂଚନା ଅନୁଯାୟୀ, ଚେନ୍ନାଇ ବିମାନବନ୍ଦରରେ ୧୧ଟି ଏବଂ ବିଜୟୱାଡ଼ାର ଗନ୍ନାଭରମ୍ ବିମାନବନ୍ଦରରେ ୧୦ଟି ଇଣ୍ଡିଗୋ ବିମାନର ଉଡ଼ାଣ ବାତିଲ କରାଯାଇଛି । ଏହାଦ୍ୱାରା ଚେନ୍ନାଇରୁ ବିଜୟୱାଡ଼ା, ରାଜମହେନ୍ଦ୍ରୀ, କଡ଼ପା ଓ ତିରୁଚିରାପଲ୍ଲୀ ମଧ୍ୟରେ ଯାତାୟାତ କରୁଥିବା ଯାତ୍ରୀ ପ୍ରଭାବିତ ହୋଇଛନ୍ତି ।

ବିମାନ ବାତିଲ ଯୋଗୁଁ ଅନେକ ଯାତ୍ରୀଙ୍କ ଯାତ୍ରା ଯୋଜନାରେ ପରିବର୍ତ୍ତନ ହୋଇଛି । ପ୍ରଭାବିତ ଯାତ୍ରୀଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ସୂଚନା ଦେଉଛି ଇଣ୍ଡିଗୋ । ବିମାନବନ୍ଦରକୁ ଯିବା ପୂର୍ବରୁ ନିଜ ବିମାନର ସ୍ଥିତି ଯାଞ୍ଚ କରିବାକୁ ଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି ।

ସ୍ଥଳଭାଗ ଆଡକୁ ମାଡିଆସୁଛି 'ମୁରାସୁ'

ଭୁବନେଶ୍ୱର,୨।୧୧(ନି.ପ୍ର.): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା 'ମୁରାସୁ' ଆଜି ରାତି ୧୧ଟାରୁ ଆସନ୍ତାକାଲି ଭୋର ୪ଟା ଭିତରେ ଆନ୍ଧ୍ର ପ୍ରଦେଶର ନେଲୋର-ନରସାପୁର ମଧ୍ୟରେ ଓଙ୍ଗୋଲ ନିକଟରେ ଲ୍ୟାଣ୍ଡଫଲ କରିଛି। ଏହାର ପ୍ରଭାବରେ ଓଡ଼ିଶାରେ ପଡ଼ିବ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ନାଁ 'ମୁରାସୁ' ଭୀଷଣ ବାତ୍ୟାରେ ପରିଣତ ହୋଇଥିଲା।। ଏହା ଘଣ୍ଟା ପ୍ରତି ୨୦ କିମି ବେଗରେ ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି।

ଭୀଷଣ ବାତ୍ୟା 'ମୁରାସୁ' ଏବେ ଚେନ୍ନାଇ ଠାରୁ ୨୬୦ କିମି, ନେଲୋରଠାରୁ ୨୯୦ କିମି ଓ ମଛଲିପଟନ ଠାରୁ ୩୨୦ କିମି ଦୂରରେ ରହିଛି। ଆଜି ମଧ୍ୟ ରାତ୍ରରୁ ଆସନ୍ତାକାଲି ଭୋର ମଧ୍ୟରେ ଏହା ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଭୀଷଣ ବାତ୍ୟା 'ମୁରାସୁ' ନେଲୋର ଓ ନରସାପୁର ମଧ୍ୟରେ ଥିବା ଓଙ୍ଗୋଲଠାରେ ସ୍ଥଳଭାଗ ଛୁଇଁପାରେ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ରହିପାରେ। ସେହିପରି ଏହି ସମୟରେ ଝଟକା ପବନର ବେଗ ଘଣ୍ଟା ପ୍ରତି ୧୨୦ କିମି ରହିବାର ସମ୍ଭାବନା ରହିଛି। ବର୍ତ୍ତମାନ ବାତ୍ୟାର କେନ୍ଦ୍ରନିକଟରେ ପବନର ବେଗ ୯୦ରୁ ୧୦୦ କିମି ରହିଛି।

'ମୁରାସୁ'ର ପ୍ରଭାବ ଓଡ଼ିଶାରେ ଉପରେ ମଧ୍ୟ ପଡ଼ିବ। ଏହାର ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବ ବାତ୍ୟା 'ଅର୍ଣ୍ଣବ'ଠାରୁ କମ୍ ରହିପାରେ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ଆଜି ଗଜପତି ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଅଧିକ ବର୍ଷା ହେବ ୩ ଓ ୪ ତାରିଖରେ। ୩ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ (୧୨ରୁ ୨୦ ସେମି) ବର୍ଷା ହୋଇପାରେ। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୪ ତାରିଖରେ ମଧ୍ୟ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ (୧୨ରୁ ୨୦ ସେମି) ବର୍ଷା ହୋଇପାରେ। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଦିନ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ବଲାଙ୍ଗିର, ନୂଆପଡ଼ା ଓ ବରଗଡ଼ ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଗତକାଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଥିଲେ ଯେ ୫ ତାରିଖ ବେଳକୁ ବର୍ଷା କମିଯିବ। କିଛି କିଛି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

ଜେଲ୍ ଗଲେ ବିଦ୍ୟାଭାରତୀ

ଭୁବନେଶ୍ୱର,୨।୧୧(ନି.ପ୍ର.): ବହୁ ଚର୍ଚ୍ଚିତ ଇଉର ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ତାଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଆଜି ପାରଳାଖେମୁଣ୍ଡି କୋର୍ଟରେ ଆତ୍ମସମର୍ପଣ କରିଥିବା ବେଳେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଦେବା ପରେ ସେ ଆତ୍ମସମର୍ପଣ କରିଥିଲେ। ସେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। କିନ୍ତୁ ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ କୋର୍ଟ। ଏହା ସହିତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ତା' ପରେ ବିଦ୍ୟାଭାରତୀ ପଣ୍ଡାଙ୍କୁ ପାରଳାଖେମୁଣ୍ଡି ଜେଲ୍‌କୁ ନିଆଯାଇଥିଲା।



ଏହି ମାମଲାରେ ପୂର୍ବରୁ ଅନ୍ୟ ଦୁଇ ଅଭିଯୁକ୍ତ- ତତ୍କାଳୀନ ଗଜପତି ଡିଏଫଓ ସଂଗ୍ରାମ କେଶରୀ ମହାପାତ୍ର ଓ ରୋଷେୟା ଗିରଫ ହୋଇଛଥିବା ବେଳେ ସେମାନେ ମଧ୍ୟ ପାରଳାଖେମୁଣ୍ଡି ଜେଲ୍‌ରେ ଅଛନ୍ତି। ବିଦ୍ୟାଭାରତୀ ପଣ୍ଡାଙ୍କ ଆଗୁଆ ଜାମିନ ଆବେଦନ ଉପରେ ଶୁକ୍ରବାର ହାଇକୋର୍ଟରେ ଶୁଣାଣି ହୋଇଥିଲା। କୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ। ଶନିବାର କୋର୍ଟ ତାଙ୍କ ରାୟ ଦେଇଥିଲେ। କୋର୍ଟଙ୍କ ରାୟ ବିଦ୍ୟାଭାରତୀଙ୍କ ବିପକ୍ଷରେ ଯାଇଥଲା। ତା ପରଠାରୁ ତାଙ୍କ ଗିରଫ ସମ୍ଭାବନା ବୃଦ୍ଧି ପାଇଥିଲା।

ସୁପ୍ରିମକୋର୍ଟରୁ ନିରାଶ ହେବା ପରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ବିଦ୍ୟାଭାରତୀ। ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ସମେତ ହାଇକୋର୍ଟରେ ମୋଟ ଦୁଇଟି ଆବେଦନ କରିଥିଲେ ବିଦ୍ୟାଭାରତୀ। ସେପ୍ଟେମ୍ବର ୩ ତାରିଖରେ ତାଙ୍କ ଆବେଦନ ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ ହାଇକୋର୍ଟ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଆଉ ସେପ୍ଟେମ୍ବର ୯ ତାରିଖରେ ରାୟ ଶୁଣାଇ ହାଇକୋର୍ଟ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କ ଉପରୁ ଅନ୍ତରୀଣ ସୁରକ୍ଷା ହଟାଇ ଦେଇଥିଲେ କୋର୍ଟ। ଏହା ବିରୋଧରେ ସେ ସୁପ୍ରିମକୋର୍ଟରେ ସ୍ପେଶାଲ୍ ଲିଭ୍ ପିଟିସନ୍ ଦାଖଲ କରିଥିଲେ। କିନ୍ତୁ ସୁପ୍ରିମ୍‌କୋର୍ଟ ତାଙ୍କ ଆବେଦନ ଖାରଜ କରି ଦେଇଥିଲେ।

୨୦୨୧ ଜୁଲାଇ ୧୧ ତାରିଖ ରାତିରେ ଏସିଏଫ ସୌମ୍ୟରଞ୍ଜନ ଅତି ସନ୍ଦେହଜନକ ଅବସ୍ଥାରେ ପୋଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତା' ପରଦିନ ତାଙ୍କର ମୃତ୍ୟୁ ହୋଇଥିଲା। ମାମଲାର ତଦନ୍ତ କରି ପତ୍ନୀ ବିଦ୍ୟାଭାରତୀଙ୍କ ବିରୋଧରେ ଅଗ୍ନି ନିର୍ବାପନରେ ଅବହେଳା ଦଫାରେ ଚାର୍ଜସିଟ ଦାଖଲ କରିବା ସହ ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କୁ କ୍ଲିନଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ। ଏହାକୁ ଚ୍ୟାଲେଞ୍ଜ କରି ସୌମ୍ୟରଞ୍ଜନଙ୍କ ପରିବାର ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟରେ ମାମଲା ଦାଏର କରିଥିଲେ।

୫ଲକ୍ଷ ଲାଞ୍ଚ ନେଇ ଧରାପଡ଼ିଲେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ

ସମ୍ବଲପୁର,୨।୧୧(ନି.ପ୍ର.): ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ପାଇଁ ଲାଞ୍ଚ ନେବା ଅଭିଯୋଗରେ ସମ୍ବଲପୁର-ତାଳଚେର ଦୋହରୀକରଣ ରେଳଲାଇନ ପ୍ରକଳ୍ପର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଅଜୟ କୁମାର ଗଡନାୟକ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଜାଲରେ ପଡ଼ିଛନ୍ତି। ଆଜି (ସୋମବାର) ଜଣେ ଜମି ମାଲିକଙ୍କଠାରୁ ୩ ଲକ୍ଷ ୧୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଓଡ଼ିଶା ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିବା ବେଳେ ତାଙ୍କ ନିକଟରୁ ରଙ୍ଗବୋଳା ଲାଞ୍ଚ ଟଙ୍କା ଜବତ କରାଯାଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଜମି ଅଧିଗ୍ରହଣ ବାବଦରେ ୮୪ ଲକ୍ଷ ୬୨ ହଜାର ୨୮ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବା ଏବଂ ଭବିଷ୍ୟତରେ ତୃତୀୟ ରେଳଲାଇନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମୟରେ ସହାୟତା କରିବା ନିମନ୍ତେ ଜଣେ ଜମି ମାଲିକଙ୍କୁ ଅଧିକାରୀ ଗଡନାୟକ ୫ ଲକ୍ଷ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଗତ ଅକ୍ଟୋବର ୨୭ ତାରିଖରେ ସେ ଅଭିଯୋଗକାରୀଙ୍କଠାରୁ ୨ ଲକ୍ଷ ଟଙ୍କା ନେଇଥିଲେ। ଅବଶିଷ୍ଟ ୩ ଲକ୍ଷ ୧୦ ହଜାର ଟଙ୍କା ତୁରନ୍ତ ଦେବାକୁ ଦାବି କରିଥିଲେ। ଏପରିକି ଅବଶିଷ୍ଟ ଟଙ୍କା ନଦେଲେ ତୃତୀୟ ରେଳଲାଇନ ପ୍ରକଳ୍ପ ପାଇଁ ଭବିଷ୍ୟତରେ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି କରିବେ ବୋଲି ଅଭିଯୋଗକାରୀଙ୍କୁ ଧମକ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ଜମି ମାଲିକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅର୍ଣ୍ଣବ' ପରେ ଗଞ୍ଜାମରେ ଭୟଙ୍କର କ୍ଷୟକ୍ଷତି

ବ୍ରହ୍ମପୁର,୨।୧୧(ନି.ପ୍ର.): ବାତ୍ୟା ପରବର୍ତ୍ତୀ ବନ୍ୟାରେ ଛାରଖାର ଗଞ୍ଜାମର ଜଳସେଚନ ବ୍ୟବସ୍ଥା। ଲଗାଣ ବର୍ଷା ଓ ବନ୍ୟାର ପ୍ରକୋପରେ ଜିଲ୍ଲାର ଜଳସମ୍ପଦ ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୧୭୦ଟି କେନାଲ, ଆନିକଟ ଓ ନଦୀବନ୍ଧ ନଷ୍ଟ ହୋଇଥିବା ବେଳେ ପ୍ରାଥମିକ ଆକଳନ ଅନୁସାରେ କ୍ଷୟକ୍ଷତି ୫୦ କୋଟି ଟଙ୍କା ଟପିଛି ।ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତଙ୍କ ସୂଚନା ଅନୁସାରେ, ଋଷିକୁଲ୍ୟା ନଦୀ ଅବବାହିକାରେ ବନ୍ୟାର ପ୍ରଭାବ ସର୍ବାଧିକ ରହିଛି। ଲଗାଣ ବର୍ଷା ଯୋଗୁଁ ପୁରୁଷୋତ୍ତମପୁରରେ ନଦୀ ଜଳସ୍ତର ବିପଦ ସଙ୍କେତଠାରୁ ଉପରକୁ ଚାଲିଯାଇଥିଲା। ଫଳରେ ବିଭିନ୍ନ ସ୍ଥାନରେ ନଦୀବନ୍ଧ ଓ କେନାଲ ଭାଙ୍ଗିଯାଇଛି।



ସବୁଠାରୁ ଚିନ୍ତାଜନକ ଘଟଣା ହେଉଛି, ଜାନିବିଲି ଆନିକଟର ପ୍ରାୟ ୯୦ ମିଟର ଅଂଶ ଭୁଶୁଡ଼ି ପଡ଼ିବା ସହ ଲୁହା ସଟର ପ୍ଲେଟ୍‌ଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ଆନିକଟରୁ ବ୍ରହ୍ମପୁର ସହର ସମେତ ଦକ୍ଷିଣ ଗଞ୍ଜାମର ବିଭିନ୍ନ ଅଞ୍ଚଳକୁ ପାନୀୟ ଜଳ ଓ ଜଳସେଚନ ପାଇଁ ପାଣି ଯୋଗାଣ ହୋଇଥାଏ। ତେଣୁ ଏହାର ଶୀଘ୍ର ମରାମତି ନହେଲେ ଚାଷୀଙ୍କ ସହ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ସମସ୍ୟା ବଢ଼ିବା ଆଶଙ୍କା ରହିଛି।

ଦିଗପହଣ୍ଡି, ହିଞ୍ଜିଳିକାଟୁ, ଶେରଗଡ଼, ସାନଖେମୁଣ୍ଡି, ପୁରୁଷୋତ୍ତମପୁର ଓ ସୋରଡ଼ା ବ୍ଲକରେ ହଜାର ହଜାର ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ବନ୍ୟାଜଳ ସହ ଆସିଥିବା ପଟୁମାଟି ଓ ଡ୍ରେନେଜ୍ ବ୍ୟବସ୍ଥା ନଷ୍ଟ ହେବାରୁ ପନିପରିବା ଚାଷ ସମେତ ବିଭିନ୍ନ ଫସଲ ବ୍ୟାପକ କ୍ଷତି ସହିଛି। ସେହିପରି ହିଞ୍ଜିଳି ବ୍ଲକର ଚାନ୍ଦୁଲି ଗାଁ ନିକଟରେ ଋଷିକୁଲ୍ୟା ନଦୀବନ୍ଧର ପ୍ରାୟ ୧୦୦ ମିଟର ଅଂଶ ଧୋଇ ହୋଇଯାଇଛି।

କ୍ଷତିଗ୍ରସ୍ତ ଜଳସେଚନ ଓ ଜଳସମ୍ପଦ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ଜଳସମ୍ପଦ ବିଭାଗ ପଦକ୍ଷେପ ନେଇଛି। ଆସନ୍ତା ୧୫ ଦିନ ମଧ୍ୟରେ ମରାମତି କାମ ଆରମ୍ଭ କରି ତିନି ମାସ ମଧ୍ୟରେ ସମସ୍ତ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଇତିମଧ୍ୟରେ ଯନ୍ତ୍ରୀମାନେ କ୍ଷୟକ୍ଷତିର ପ୍ରାଥମିକ ଆକଳନ କରି ବିପଦପୂର୍ଣ୍ଣ ସ୍ଥାନ ଚିହ୍ନଟ କରିଛନ୍ତି।

ଅନ୍ୟପଟେ ଆଗକୁ ଆସୁଥିବା ସମ୍ଭାବ୍ୟ ବାତ୍ୟା 'ମୁରାସୁ'କୁ ନଜରରେ ରଖି ଜଳଭଣ୍ଡାରଗୁଡ଼ିକର ଜଳସ୍ତର ନିୟନ୍ତ୍ରଣ କରାଯାଉଛି। ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବଣ୍ଟନ, ବିଦ୍ୟୁତ୍ ସେବା ପୁନଃସ୍ଥାପନ ଓ ସ୍ୱଚ୍ଛତା କାର୍ଯ୍ୟ ମଧ୍ୟ ଜାରି ରହିଛି।

ବନ୍ୟାରେ ଭାଙ୍ଗିଛି ଜଳସେଚନ ଭିତ୍ତିଭୂମି, ବିପଦରେ ଚାଷ ଓ ପାନୀୟ ଜଳ ଯୋଗାଣ। ଏବେ ସମସ୍ତଙ୍କ ନଜର ରହିଛି ଜାନିବିଲି ଆନିକଟ ସମେତ କ୍ଷତିଗ୍ରସ୍ତ ପ୍ରକଳ୍ପଗୁଡ଼ିକର ଶୀଘ୍ର ପୁନରୁଦ୍ଧାର ଉପରେ।

ଡାହୁକ



ଜନତାଙ୍କ ସ୍ୱାର୍ଥ ମକଚି ମଳି
ସରବ ଗିଳାଏ ଯେମିତି ଗିଳି
କରୁଛନ୍ତି ଦେଶ ଖୋଳ
ଦଣ୍ଡ୍ରା ଦେଇ ଥଣ୍ଡ୍ରା କରିବାକୁ ହେଲେ
ପଡ଼ିଏଁ ମିସିକି ଲଢ଼

-ବିଧୁ

ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ସୁଶାନ୍ତ ନାଥ

କଟକ,୨।୧୧: ଜଣେ ପୂର୍ବତନ ମହିଳା ଜେଲରଙ୍କୁ ଯୌନ ନିର୍ଯାତନା ମାମଲାରେ ଫସିଥିବା ପୂର୍ବତନ ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ସୋମବାର ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ତାଙ୍କ ସହଯୋଗୀ କୁଳଦୀପ ରଥ ମଧ୍ୟ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଏହି ଦୁଇ ଜଣଙ୍କ ନାଁରେ ଚୌଦ୍ୱାର ଥାନା ରୁଜୁ ହୋଇଛି ମାମଲା। ଏହି ଅଭିଯୋଗ ଆସିବା ପରେ ସୁଶାନ୍ତ କୁମାର ନାଥଙ୍କୁ ଗତକାଲି ସରକାର ଜେଲ୍ ଡିଜି ପଦରୁ ହଟାଇ ଓଏସ୍‌ଡି ଭାବେ ଗୃହ ବିଭାଗକୁ ବଦଳି କରିଛନ୍ତି।



ଡିଜି ରାଙ୍କର ବରିଷ୍ଠ ଆଇପିଏସ୍ ଅଫିସର ସୁଶାନ୍ତ ନାଥଙ୍କ ବିରୋଧରେ ଏହିଭଳି ସାଂଘାତିକ ଅଭିଯୋଗ କରିଛନ୍ତି ଚୌଦ୍ୱାର ସର୍କଲ ଜେଲର ଜଣେ ପୂର୍ବତନ ମହିଳା ଜେଲର୍। ତାଙ୍କ ଅଭିଯୋଗ ଆଧାରରେ ଚୌଦ୍ୱାର ଜେଲ୍‌ରେ ଶ୍ରୀ ନାଥଙ୍କ ନାଁରେ ରୁଜୁ ହୋଇଛି ମାମଲା। ଏ ସଂପର୍କରେ କମିଶନରେଟ ପୁଲିସ ପକ୍ଷରୁ ଅକ୍ଟୋବର ୩୧ ତାରିଖରେ ଗୃହ ବିଭାଗକୁ ଅବଗତ କରାଯିବା ପରେ ଗତକାଲି ଶ୍ରୀ ନାଥଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଦିଆଯାଇଥିଲା। ଚୌଦ୍ୱାର ଜେଲ୍‌ର ଉକ୍ତ ପୂର୍ବତନ ମହିଳା ଜେଲର୍ ଅଭିଯୋଗ କରିଛନ୍ତି ଯେ କୁଳଦୀପ ରଥ ନାମକ ଜଣେ ବ୍ୟକ୍ତି ଜେଲ୍ ପରିଦର୍ଶନରେ ଆସିଥିବା ବେଳେ ନିଜକୁ ଡିଜି (ଜେଲ୍)ଙ୍କ ବନ୍ଧୁ ଭାବେ ପରିଚୟ ଦେଇଥିଲେ ଓ ତାଙ୍କ ମୋବାଇଲ ଫୋନ୍ ନମ୍ବର ନେଇଥିଲେ। ପରେ କୁଳଦୀପ ରଥ ତାଙ୍କ ପାଖକୁ ଇମୋଜି ସହିତ ଏମିତି କିଛି ମେସେଜ୍ ପଠାଇଥିଲେ, ଯେଉଁଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ। ୨୦୨୫ ଅଗଷ୍ଟ ୨୯ ଓ ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ କୁଳଦୀପ ରଥ ତାଙ୍କୁ ଏକ ହୋଟେଲକୁ ଏକୁଟିଆ ଆସିବାକୁ ନିମନ୍ତ୍ରଣ କରିଥିଲେ। ସେଠାରେ ଡିଜି ତାଙ୍କୁ ଏକାକୀ ଭେଟିବାକୁ ଚାହୁଁଥିବା ସେ କହିଥିଲେ। ତେବେ ପୂର୍ବତନ ମହିଳା ଜେଲର ଏହି ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଫଳସ୍ୱରୂପ ସୁଶାନ୍ତ କୁମାର ନାଥ ତାଙ୍କ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ତାଙ୍କର ସେହି ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ ସହିତ ଯୋଡ଼ିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୭/୮ ତାରିଖରେ ହୋଇଥିବା ବୈଠକରେ ସେ ତାଙ୍କୁ କହିଥିଲେ, 'ତୁମେ ଯଦି ମୋତେ ଭେଟିବାକୁ ଆସିଥାଆନ୍ତ, ତା'ହେଲେ ଏସବୁର ସମ୍ମୁଖୀନ ହୋଇନଥାନ୍ତ।'

ଏହି ପୂର୍ବତନ ମହିଳା ଜେଲର୍ ଆହୁରି ଅଭିଯୋଗ କରିଛନ୍ତି ଯେ ଚୌଦ୍ୱାର ଜେଲ୍‌ର ପୂର୍ବତନ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ବିରୋଧରେ ସେ ଦେଇଥିବା ଏଫଆଇଆରକୁ ପ୍ରତ୍ୟାହାର କରିନେବାକୁ ତାଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ ସୁଶାନ୍ତ କୁମାର ନାଥ। ଏହା ସହିତ ତାଙ୍କୁ ଚାକିରିରୁ ବାହାର କରିଦେବାକୁ ତଥା ଶାରୀରିକ କ୍ଷତି ପହଞ୍ଚାଇବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ସୁଶାନ୍ତ ନାଥଙ୍କ ବିରୋଧରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା, ପଦବୀର ଅପବ୍ୟବହାର, ଅପରାଧିକ ଧମକ ଓ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଭଳି ଅଭିଯୋଗ ଆସିବା ପରେ ଆକ୍ସନ ମୁଡ୍‌କୁ ଆସିଥିଲେ ରାଜ୍ୟ ସରକାର। ତାଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଗୃହ ବିଭାଗର ଓଏସଡି ଭାବେ ବଦଳି କରାଯାଇଛି।

ଗୋଟିଏ ପଟେ ଯୌନ ନିର୍ଯାତନା ଭଳି ସଂଗୀନ ଅଭିଯୋଗରେ ଛନ୍ଦି ହୋଇପଡ଼ିଥିବା ସୁଶାନ୍ତ ନାଥଙ୍କୁ ଲାଗିଛି ଆଉ ଏକ ଝଟକା। ସଂସଦୀୟ କମିଟି ପକ୍ଷରୁ ଓଡ଼ିଶାର ଜେଲ୍ ସୁରକ୍ଷା ନେଇ ଉଦବେଗ ପ୍ରକାଶ କରାଯିବା ସହ ଏ ସମ୍ବନ୍ଧରେ ଆସନ୍ତାକାଲି ହାଜର ପାଇଁ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ସୁଶାନ୍ତ ନାଥଙ୍କୁ ନୋଟିସ୍ କରିଛନ୍ତି।

୨୦୨୫ ଅକ୍ଟୋବର ୨ ତାରିଖରେ ଚୌଦ୍ୱାର ସର୍କଲ ଜେଲରୁ ଦୁଇ ବିହାରୀ କଏଦୀ ଚମ୍ପଟ ମାରିବା ପରେ ଜେଲ ସୁରକ୍ଷା ନେଇ ଉଠିଥିଲା ପ୍ରଶ୍ନ। ପରେ ପରେ ସନ୍ଦେହ ଘେରରେ ଥିବା ପୂର୍ବତନ ଚୌଦ୍ୱାର ଜେଲ ଅଧୀକ୍ଷକ ସୁଜିତ ରାଉଳ ଗିରଫ ଘଟଣା ସନ୍ଦେହକୁ ଆହୁରି ଦୃଢ଼ୀଭୂତ କରିଥିଲା। ଏହାରି ଭିତରେ ଖୋଲାଖୋଲି ଭାବେ ସୁଜିତ ରାଉଳଙ୍କୁ ଜେଲ ଡିଜି ସୁଶାନ୍ତ ନାଥ ସୁରକ୍ଷା ଦେଉଥିବା ସାଂସଦ ସୁଜିତ କୁମାର ଅଭିଯୋଗ କରିଥିଲେ।



ବନ ବିଭାଗର କଇଁଛ ସୁରକ୍ଷା ଅଭିଯାନ ଶୁଭାରମ୍ଭ

ଗଞ୍ଜାମ,୨।୧୧ :(ମନ୍ଥନ)ପ୍ରତି ବର୍ଷ ପରି ଚଳିତ ବର୍ଷ ନଭେମ୍ବର ପହିଲାରୁ ଋଷିକୁଲ୍ୟା ମୁହାଁଣ କୁ ନୋ ଫିସିଂ ଜୋନ ଭାବେ ଘୋଷଣା କରିଛି ବନ ବିଭାଗ ।ବେଳାଭୂମି ଠାରୁ ସମୁଦ୍ର ମଧ୍ୟକୁ ୨୦ କିଲୋମିଟର ଓ ଦକ୍ଷିଣରେ ଆର୍ଯ୍ୟପଲ୍ଲୀ ଓ ଉତ୍ତରକୁ ପ୍ରୟାଗି ପର୍ଯ୍ୟନ୍ତ ମେସିନ ଚାଳିତ ଡ଼ଙ୍ଗା କିମ୍ବା ଟ୍ରଲର ଦ୍ୱାରା ମାଛ ମରାଯାଇପାରିବ ନାହିଁ ।ଏହି କଟକଣା ଆସନ୍ତା ମାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ବଳବତର ରହିବ ।ବ୍ରହ୍ମପୁର ବନଖଣ୍ଡ ବିଭାଗ ଦ୍ୱାରା ସାମୁଦ୍ରିକ କଇଁଚ ସୁରକ୍ଷା କୁ ନେଇ ଆଜି ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧ ଠାରେ ଏହି ପର୍ବର ଶୁଭାରମ୍ଭ କରାଯାଇଥିଲା ।ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋକରଙ୍କ ନର୍ଦ୍ଦେଶକ୍ରମେ ରବିବାର ରିବନ କାଟି ସବୁଜ ପତକା ଉଡାଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବନଖଣ୍ଡ ସହକାରୀ ବନ ସଂରକ୍ଷକ ମାନସ ମୁର୍ମୁ, ବ୍ରହ୍ମପୁର ମଣ୍ଡଳ ଅଫିସ ସହକାରୀ ବନ ସଂରକ୍ଷକ ଦେବାଶିଷ



ଭୋଇ, ବନାଞ୍ଚଳ ଅଧିକାରୀ ଖଲ୍ଲିକୋଟ କୁଳେସ ଚନ୍ଦ୍ର ସାହୁ, ବନପାଳ ରମ୍ଭା ଶାଖା ଡ଼ି. ପ୍ରଶାନ୍ତ ରାଓ, ଯୁବ ପରିବେଶବିତ୍ତ ରବିନ୍ଦ୍ର ନାଥ ସାହୁ ପ୍ରମୁଖଙ୍କ , ଓ ଖଲ୍ଲିକୋଟ ବନାଞ୍ଚଳର ସମସ୍ତ କର୍ମରତ କର୍ମଚାରୀ, ବନ ସୁରକ୍ଷା ସଭ୍ୟ, ତତ ସହିତ ଆଞ୍ଚଳିକ ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ ।ଆଜି ବନ ବିଭାଗର ଟ୍ରଲର ସାହାଯ୍ୟରେ ସାମୁଦ୍ରିକ ପେଟ୍ରୋଲିଙ୍ଗ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । ବର୍ତ୍ତମାନ ହଜାର ହଜାର କିଲୋମିଟର ଅତିକ୍ରମ କରି ବିରଳ ପ୍ରଜାତିର ସାମୁଦ୍ରିକ ମାନେ ଋଷିକୁଲ୍ୟା ମୁହାଁଣ ରେ ସମାଗମ ହେଉଛନ୍ତି । କିଛିଦିନ ମଧ୍ୟରେ ସେମାନଙ୍କ ମିଳନ ପ୍ରକ୍ରିୟା ପରେ ଗଣ ଅଣ୍ଡାଦାନ ଓ ଶେଷରେ ଅଣ୍ଡା ରୁ ଛୁଆ ଫୁଟି ସମୁଦ୍ର ର ନୀଳ ଜଳ ରାଶିକୁ ଯାଇ ବେବି ଅଲିଭ ରିଡଲେଙ୍କ ନୂଆଁ ଠିକଣା ପାଇବା ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ ।ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଏହି ବିରଳ ପ୍ରଜାତି ର ସାମୁଦ୍ରିକ କଇଁଚ ମାନଙ୍କ ସୁରକ୍ଷା କୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।

ଦୀପାବଳି ପର୍ବ ଉପଲକ୍ଷେ ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର

ବୁଗୁଡ଼ା,୨।୧୧ :(ମନ୍ଥନ) ଆଲୋକର ପର୍ବ ଦୀପାବଳି ଆସନ୍ତା ୮ ତାରିଖ ରବିବାର ଦିନ ପାଳନ ହେବାକୁ ଯାଉଥିବା ବେଳେ ବୁଗୁଡ଼ା ଅଞ୍ଚଳର ବହୁ କୁମ୍ଭକାର ପରିବାର ମାଟି ଦୀପ ପ୍ରସ୍ତୁତିରେ ବ୍ୟସ୍ତଥିବା ଦେଖିବାକୁ ମିଳୁଛି ।ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆପଣାଇ ନେଇଥିବା କୁମ୍ଭକାରଙ୍କ ବେଉସା ଆଧୁନିକତାରପ୍ରଭାବରେ ହଜିନଯାଇ ଅଦ୍ୟାବଧି ବଞ୍ଚିରହିଛି ।ପୂର୍ବରୁମାଟି ପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା ଏବଂ ରୋଷେଇ ପାଇଁ ଆବଶ୍ୟକ ମାଟିପାତ୍ରଠାରୁ ଆରମ୍ଭ କରି ହାଣ୍ଡି, ମାଠିଆ, ସୁରେଇ ଆଦି ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି କୁଟୁମ୍ବର ଗୁଜରାଣ ମେଣ୍ଟାଇ ପାରୁଥିଲା ।ସମୟାନୁକ୍ରମେ ଆଧୁନିକ ମଣିଷର ରୁଚିରେ ମଧ ପରିବର୍ତ୍ତନ ଦେଖା ଦେଲାଣି ।ଏବେ ରୋଷେଇ ପାଇଁ ସାଧାରଣ ଲୋକେ



ମାଟିପାତ୍ରକୁ ଭୁଲି ବିଭିନ୍ନଧାତୁରେ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି ।ଏଭଳି ପରିସ୍ଥିତରେ କୁମ୍ଭକାରଙ୍କ ବୃତ୍ତି ପ୍ରତି ସଙ୍କଟ ସୃଷ୍ଟି ହୋଇଛି ।ତଥାପି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାପାଇଁ ଏବେ ସୁଦ୍ଧା ସଙ୍ଘର୍ଷ ଜାରି ରଖିଛନ୍ତି କୁମ୍ଭକାର ପରିବାର ।ବିଶେଷକରି ପର୍ବପର୍ବାଣୀରେ କୁମ୍ଭକାରଙ୍କୁ ସାଧାରଣ ଲୋକେ ମନେ ପକାଇଥାନ୍ତି ।ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏମିତି କିଛି ସାମଗ୍ରୀ ରହିଛି ଯାହାକି ପୂଜାବ୍ରତ ସକାଶେ ନିହାତି ଜରୁରୀ ।ଓଡ଼ିଆଙ୍କ ଅଧିକାଂଶ ପର୍ବପର୍ବାଣୀରେ ମାଟି ହାଣ୍ଡିର ଆବଶ୍ୟକତାରହିଥିବା ବେଳେ ଏବେବି କିଛି ଗ୍ରାମାଞ୍ଚଳର ଲୋକେ ରୋଷେଇ ସକାଶେ ମାଟି ହାଣ୍ଡି ବ୍ୟବହାର କରିଥାନ୍ତି ।ବିଜ୍ଞାନ ଯୁଗରେ ଆଲୋକର ପର୍ବ ଦୀପାବଳି ପାଳନ ସକାଶେ ରଙ୍ଗ ବେରଙ୍ଗର ମହମବତୀ ମିଳୁଥିଲେ ମଧ ମାଟି ଦୀପର ଚାହିଦା ଏବେ ବି ରହିଛି ।ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଦୀପାବଳି ପର୍ବ ରୋଜଗାର ସୃଷ୍ଟି କରିଥାଏ। ଦୀପାବଳିର ମାସକ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ ବୁଗୁଡା ବ୍ଲକର ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବେତାରସିଙ୍ଗି ଗ୍ରାମରେ ରହୁଥିବା ଗୋପୀନାଥ ବେହେରା, ବୁଲୁ ବେହେରା, ଆଦିକନ୍ଧ ବେହେରା,ଗୋବିନ୍ଦ ବେହେରା, ଅଶୋକ ବେହେରା ଆଦି କୁମ୍ଭକାର ପରିବାର ଏବେ ମାଟି ଦୀପ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି ।ତେବେ ମାଟିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାକୁ ବୃତ୍ତିଭାବେ ଆଦରି ନେଇଥବା କୁମ୍ଭକାର ପରିବାରଙ୍କ ପାଇଁ ସରକାର କୌଣସି ପ୍ରକାର ଯୋଜନା କାର୍ଯ୍ୟକାରୀ କରିନଥିବାରୁ ଏହି ବୃତ୍ତି ଆଗାମୀ ଦିନରେ ଲୋପ ପାଇବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।କୌଳିକ ବୃତ୍ତିକୁ ବଞ୍ଚାଇବା ଲାଗି କୁମ୍ଭକାର ଚକ ଘୂରାଉଥିଲେମଧ୍ୟ ଉପାର୍ଜନ ଯଥେଷ୍ଟ ପରିମାଣରେ ହେଉନଥିବା ଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ବହୁ କୁମ୍ଭକାର ପରିବାର ପ୍ରକାଶ କରିଛନ୍ତି ।

ପାନୀୟ ଜଳ ଅପଚୟ ନକରି ମିତବ୍ୟୟୀ ହେବାକୁ ଜନ ସାଧାରଣଙ୍କୁ କମିଶନରଙ୍କ ଅପିଲ

ବ୍ରହ୍ମପୁର,୨।୧୧ :(ମନ୍ଥନ) ମହାନଗର ନିଗମ ବ୍ରହ୍ମପୁର ନୂତନ ସମ୍ମିଳନୀ କକ୍ଷରେ ରବିବାର ଦିନ ଛୁଟି ବାତିଲ ହୋଇଥିବା ବେଳେ, ନିଗମ କମିଶନର ଶ୍ରୀମତୀ ଏ. ସସ୍ୟ ରେଡ୍ଡୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ସୂଚନା ଯୋଗ୍ୟ ଯେ, ଅର୍ଣ୍ଣବର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକୁଳିବା ପୂର୍ବରୁ ପାଣିପାଗ ବିଭାଗର ବାତ୍ୟା ମୁରାସୁ ସମ୍ପର୍କିତ ସତର୍କ ସୂଚନା ପାଇ ବ୍ରହ୍ମପୁର ମହାନଗର ନିଗମର ସକ୍ରିୟତା ଆହପରି ବଢ଼ି ଯାଇଛି। ସେନେଇ ଆଜି ସମସ୍ତ ଡେପୁଟି କମିଶନର, ସହକାରୀ କମିଶନର, ଇଞ୍ଜିନିଅର, ପରିମଳ ନିରୀକ୍ଷକ ଏବଂ ଗୋଷ୍ଠୀ ସଂଯୋଜିକାଙ୍କୁ ନେଇ ମୁରାସୁ ପ୍ରଭାବରେ ବର୍ଷା ସମୟରେ ଜଳ ନିଷ୍କାସନକୁ ସହଜ କରିବା ପାଇଁ ଅର୍ଣ୍ଣବ ସମୟର ବର୍ଷାରେ ଜଳବନ୍ଦୀ ହୋଇଥିବା ଅଞ୍ଚଳ ଗୁଡିକୁ ବୁଲି ସମାଧାନର ପନ୍ଥା ବାହାର କରିବା ପାଇଁ ସବୁ ଇଞ୍ଜିନିଅର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଯୁଦ୍ଧକାଳୀନ ଭିତ୍ତିରେ ପ୍ରମୁଖ ଡ୍ରେନ ଗୁଡିକରୁ ଆବର୍ଜନା ସଫେଇ କରିବାକୁ କୁହାଯାଇଛି। ବିଶେଷ କରି ଡୁଡୁମା



କଲୋନୀ, ହରିଡାଖଣ୍ଡି ଶାନ୍ତି ନଗର, ରୋଲାଣ୍ଡ କଲେଜ, ରୟାଲ ଫାର୍ମାସୀ କଲେଜ,ଭାବା ନଗର ଆଦି ଅଞ୍ଚଳରେ ଡ୍ରେନ ଅବରୋଧ ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବାରୁ ସେହି ସବୁ ଅବରୋଧ ସାଙ୍ଗେ ସାଙ୍ଗେ ହଟାଇବାକୁ ଏନଫୋର୍ସମେଣ୍ଟ ସ୍କ୍ୱାଡକୁ ନିର୍ଦ୍ଦେଶ ଦେଇଛନ୍ତି ମାନନୀୟ କମିଶନର। ଅସ୍ଥାୟୀ ଆଶ୍ରୟ ସ୍ଥଳୀ ଗୁଡିକୁ ପୁଣିଥରେ ପରିଷ୍କାର ପରିଚ୍ଛନ୍ନ କରି ବର୍ଷା ପୂର୍ବରୁ କଚ୍ଚାଘର ଏବଂ ସହରତଳି ଅଞ୍ଚଳରେ ରହୁଥିବା ଲୋକ ମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରବିବାର ସୁଦ୍ଧା କେବଳ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଆଶ୍ରୟ ସ୍ଥଳୀଟି କାର୍ଯ୍ୟକ୍ଷମ ଥିବା ବେଳେ, ଅନ୍ୟ ଆଶ୍ରୟ ସ୍ଥଳୀ ଗୁଡିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ରଖିବାକୁ ଗୋଷ୍ଠୀ ସଂଯୋଜିକା ଓ ପରିମଳ ନିରୀକ୍ଷକ ମାନଙ୍କୁ କୁହାଯାଇଥିଲା ।ଅନ୍ୟ ପକ୍ଷରେ ୧୪ ନମ୍ବର ୱାର୍ଡରେ ହାଉସିଂ ବୋର୍ଡ କଲୋନୀ ନିକଟ ସୁବୁଦ୍ଧି କଲୋନୀର ବାସିନ୍ଦା ଭଡାରେ ରହୁଥିବା କଚ୍ଚାଘର ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ଥିଲେ ବି ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର ବେଳେ, ପ୍ରତିଥର ସେମାନଙ୍କର ଅସହଯୋଗ ରହିଆସୁଛି। ଏଣୁ ଘର ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ସରଜମିନ ତଦନ୍ତ କରି ରିପୋର୍ଟ ଦେବାକୁ ଡେପୁଟି କମିଶନର କଲ୍ୟାଣୀ ସଙ୍ଘମିତ୍ରା ଦେବୀ, ସହକାରୀ କମିଶନର ବିକ୍ରମ ସୁଣ୍ଡି, ଏନଫୋର୍ସମେଣ୍ଟ ଅଧିକାରୀ ବିକାଶ ନାୟକ, ପଦ୍ମ ଲୋଚନ ସାହୁ ଏବଂ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜୟ ଜଗଦୀଶ ପାଢୀ ସୁବୁଦ୍ଧି କଲୋନୀକୁ ଯାଇଥିଲେ। ସେହିପରି ଜଳବନ୍ଦୀ ପରିସ୍ଥିତିର ସଫଳ ମୁକାବିଲା ପାଇଁ ଶାନ୍ତି ନଗରରେ ଡ୍ରେନରୁ ଆବର୍ଜନା ସଫେଇ ବେଳେ ବାଧା ନଦେବାକୁ ସ୍ଥାନୀୟ ବାସିନ୍ଦାକୁ ସଚେତନ କରାଯାଇଥିଲା। ଅନ୍ତତଃ ପାଞ୍ଚଦିନ ପାଇଁ ଆବଶ୍ୟକୀୟ ରନ୍ଧନ ସାମଗ୍ରୀ ଓ ଶୁଖିଲା ଖାଦ୍ୟ ମହଜୁଦ କରି ରଖିବାକୁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବରୁ ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ ୩୧ ଅକ୍ଟୋବର ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିବା ବେଳେ, ଏହାକୁ ବର୍ତ୍ତମାନ ୭ ନଭେମ୍ବର ପର୍ଯ୍ୟନ୍ତ ବଢାଇ ଦିଆଯାଇଛି।

ଜିଲ୍ଲା ଶିକ୍ଷକ ସମ୍ମାନ ସମାରୋହ ଅନୁଷ୍ଠିତ

ଜଗତସିଂହପୁର,୨।୧୧ :(ମନ୍ଥନ) ଶିକ୍ଷକ ହେଉଛନ୍ତି ସମାଜ ଗଠନର ମୁଖ୍ୟ ବିନ୍ଧାଣୀ ।ଜଣେ ଶିକ୍ଷକ କେବଳ ଶିକ୍ଷାଦାନ କରନ୍ତି ନାହିଁ, ବରଂ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ତାଙ୍କର ଅବଦାନ ଅତୁଳନୀୟ ।ଏହି ମହାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲସ୍ଥିତ ଝଙ୍କଡ଼ ମା' ଶାରଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲା ଶିକ୍ଷକ ସମ୍ମାନ ସମାରୋହ । ରାଷ୍ଟ୍ରୀୟ ଶିକ୍ଷକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଜିଲ୍ଲାର ଏକ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡଃ ବିଭୁପ୍ରସାଦ ତରାଇ ଯୋଗଦେଇଥିବା ବେଳେ ରାଷ୍ଟ୍ରୀୟ ଶିକ୍ଷକ ମଞ୍ଚର ସଭାପତି ପ୍ରଫେସର ଅନିରୁଦ୍ଧ ମିଶ୍ର, ମୁଖ୍ୟବକ୍ତା ଚିତ୍ତରଞ୍ଜନ ମହାପାତ୍ର, ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଓ ସମାଜସେବୀ ଆଶିଷ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ ।ସମାଜ ଗଠନ ଓ ଭବିଷ୍ୟତ ପିଢ଼ିକୁ ଦିଗଦର୍ଶନ ଦେବାରେ ଶିକ୍ଷକମାନଙ୍କ ଭୂମିକା ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ସ୍ୱେଚ୍ଛସବୀଙ୍କ ଦ୍ୱାରା ବନ୍ୟା ବିପନ୍ନ ୪୨୭ ପରିବାରଙ୍କୁ ରିଲିଫ୍ ବଣ୍ଟନ

ଗଞ୍ଜାମ, ୨।୧୧ :(ମନ୍ଥନ)ବନ୍ୟା ବିପନ୍ନଙ୍କ ଦୁଃଖ ସମୟରେ ସହାୟତାର ହାତ ବଢ଼ାଇଲେ ସ୍ୱେଚ୍ଛାସେବୀ। ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପୋଇରାସି ପଞ୍ଚାୟତର ଏନ୍. ବରପଲ୍ଲୀ ଏବଂ ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ବାଗଦେଇ ଛକ ଓ କାର୍ଗିଲ ବସ୍ତିର ୪୨୭ଟି ବନ୍ୟା ପ୍ରଭାବିତ ପରିବାରଙ୍କୁ ନିଜସ୍ୱ ଉଦ୍ୟମ ଓ ଆର୍ଥିକ ସହଯୋଗରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି।ଏହି ସହାୟତା କାର୍ଯ୍ୟକ୍ରମରେ ବିପନ୍ନ ପରିବାରଙ୍କୁ ଚୁଡ଼ା, ଚିନି,



ବିସ୍କୁଟ୍, ମହମବତୀ, ଦିଆସିଲି, ପାନୀୟ ଜଳ ବୋତଲ ଓ ସାନିଟାରୀ ନ୍ୟାପକିନ୍ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ଅସୁସ୍ଥ ବ୍ୟକ୍ତିଙ୍କୁ ଆବଶ୍ୟକୀୟ ଔଷଧ ଓ ଓ.ଆର୍.ଏସ୍. ବଣ୍ଟନ କରାଯାଇଥିଲା। ବିପର୍ଯ୍ୟୟ ବେଳେ ଖାଦ୍ୟ ଓ ପାଣି ସହ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା।ଏହି ମାନବୀୟ ସେବା କାର୍ଯ୍ୟରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ଯଥା ଡି. ଦେବହରି ରେଡ଼ି, ସୁଧାକର ପାଣିଗ୍ରାହୀ, ସାନୁଜ ପଟ୍ଟନାୟକ, ବାହିନୀପତି ପଟ୍ଟନାୟକ, ସୁରୋଜ ଚନ୍ଦ୍ର ପଣ୍ଡା, ବାସୁଦେବ ଗୌଡ଼, ଅଜିତ୍ ପଣ୍ଡା, ସହଦେବ ସାହୁ,ୟୁ. ଚୈତନ୍ୟ, ପ୍ରଦୀପ ଓଁକାର, ଆର୍.ସୁନୀତା, ପ୍ରିୟବ୍ରତ ସାହୁ, କୁନି ସ୍ୱେଚ୍ଛାସେବୀ ଡି. ବ୍ରିଶାଙ୍କ ଓ ଦୁର୍ଗା ମାଧବ,ପ୍ରତିଭା ପଣ୍ଡା, ଅନିତା ଦାସ, ସରସ୍ୱତୀ ଜାନୀ,ଗତିକୃଷ୍ଣ ପଣ୍ଡା, ଅଭିରାମ ଦାସ,ପ୍ରଶାନ୍ତ ବେହେରା,ଗୀତାଞ୍ଜଳି ପଣ୍ଡା,ମନୋରଞ୍ଜନ ବରାଡ,ରବୀନ୍ଦ୍ର ଖାଡ଼ଙ୍ଗା, ସନ୍ତୋଷ କୁମାର ରାଜୁ, ପଦ୍ମାନନ୍ଦ ଗନ୍ତାୟତ,ସନ୍ତୋଷ କୁମାର ପଣ୍ଡା ଓ ଡା. କୌଶିକ ପଟ୍ଟନାୟକଙ୍କ ସମେତ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଏବଂ ଛତ୍ରପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ଆର୍ଥିକ ସହଯୋଗ କରିବା ସହ ରିଲିଫ୍ ବଣ୍ଟନରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲେ।ଏଥିପାଇଁ ବିଭିନ୍ନ ଜିଲ୍ଲା ସମେତ ମୁମ୍ବାଇରେ କାର୍ଯ୍ୟରତ ଥିବା ଲୋକମାନେ ଆର୍ଥିକ ସହଯୋଗ କରିଥିଲେ।ବିପଦ ସମୟରେ ଏଭଳି ସାମୂହିକ ସହଯୋଗ ବନ୍ୟା ବିପନ୍ନ ପରିବାର ମଧ୍ୟରେ ଆଶା ଓ ଭରସା ସୃଷ୍ଟି କରିଛି।

ପୃଥ୍ୱୀରାଜ ହାଇସ୍କୁଲ୍‌ର ୧୯୯୭ ବ୍ୟାଚ୍‌ର ବନ୍ଧୁମିଳନ

ବଲାଙ୍ଗୀର,୨।୧୧ :(ମନ୍ଥନ)ପୁରୁଣା ସ୍ମୃତିକୁ ସାଉଁଟିବା, ବନ୍ଧୁତ୍ୱର ଅତୁଟ ବନ୍ଧନକୁ ସୁଦୃଢ଼ କରିବା ଏବଂ ସମାଜ ପ୍ରତି ନିଜର ଦାୟିତ୍ୱବୋଧକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ବଲାଙ୍ଗୀରର ପ୍ରତିଷ୍ଠିତ ପୃଥ୍ୱୀରାଜ ହାଇସ୍କୁଲ୍‌ର ୧୯୯୭ ମସିହାର ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ପୁରାତନ ଛାତ୍ରମାନଙ୍କ ଏକ ଭବ୍ୟ ବନ୍ଧୁମିଳନ ଆୟୋଜିତ ହୋଇଥିଲା। ଏହି ବ୍ୟାଚ୍ ?ର ୨୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଙ୍କ ମଧ୍ୟରୁ ଶତାଧିକ ଛାତ୍ର ଏଥିରେ ଯୋଗଦେଇ ଉତ୍ସାହ ଓ ଆନନ୍ଦର ସହ ମିଳନ ଉତ୍ସବକୁ ଧୁମ୍‌ଧାମରେ ପାଳନ କରିଥିଲେ।ଉଲ୍ଲେଖଯୋଗ୍ୟ ଯେ, ଏହି ବ୍ୟାଚ୍‌ର ଛାତ୍ରମାନେ ପ୍ରତିବର୍ଷ ଦଶହରା ମାସରେ ଏକତ୍ରିତ ହୋଇ ବନ୍ଧୁମିଳନ ଆୟୋଜନ କରିଆସୁଛନ୍ତି। ଦୀର୍ଘ ୨୯ ବର୍ଷର ଏହି ଯାତ୍ରାରେ ସମୟ ବଦଳିଛି, ଜୀବନର ଦାୟିତ୍ୱ ବଢ଼ିଛି, କିନ୍ତୁ ସେମାନଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱ ଓ ଆତ୍ମୀୟତା ଆଜି ମଧ୍ୟ ଅତୁଟ ରହିଛି। ପ୍ରତିବର୍ଷ ଏହି ମିଳନ ଉତ୍ସବ ପୁରୁଣା ବିଦ୍ୟାଳୟ ଜୀବନର ସ୍ମୃତିକୁ ପୁନର୍ଜୀବିତ କରିବା ସହ ସହପାଠୀମାନଙ୍କ ମଧ୍ୟରେ ସ୍ନେହ, ସହଯୋଗ ଓ ଏକତାର ଭାବନାକୁ ଆହୁରି ମଜଭୁତ କରୁଛି।ଏହି ବନ୍ଧୁମିଳନ କେବଳ ହସଖୁସି ଓ ସ୍ମୃତିଚାରଣରେ ସୀମିତ ନ ରହି ଏକ ମହତ୍ତର ସାମାଜିକ ଉଦ୍ଦେଶ୍ୟକୁ ମଧ୍ୟ ଗୁରୁତ୍ୱ ଦେଇଥିଲା। ଆଗାମୀ ଦିନରେ ବିଭିନ୍ନ ଉନ୍ନତିମୂଳକ ଓ ଜନହିତକର କାର୍ଯ୍ୟ ହାତକୁ ନେବା ସହିତ ସମାଜର ଅସହାୟ ଓ ଆବଶ୍ୟକତା ଥିବା ଲୋକଙ୍କ ପାଖରେ ଠିଆ ହେବାକୁ ନେଇ ଉପସ୍ଥିତ ଛାତ୍ରମାନେ ଆଲୋଚନା କରିଥିଲେ।ବିଶେଷକରି ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକ ସମୟରେ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ କରିବା ସହ ନିହାତି ଅସୁବିଧାରେ ଥିବା ଲୋକଙ୍କୁ ସମ୍ଭବ ମୁତାବକ ସାହାଯ୍ୟର ହାତ ବଢ଼ାଇବା ପାଇଁ ସାମୂହିକ ଭାବେ ମତ ପ୍ରକାଶ ପାଇଥିଲା। ଏହାସହ ଭବିଷ୍ୟତରେ ଏକ ସଂଗଠିତ ମଞ୍ଚ ମାଧ୍ୟମରେ ସମାଜସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟକୁ ଆଗେଇ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ପ୍ରକାଶଥାଉ କି, ପୃଥ୍ୱୀରାଜ ହାଇସ୍କୁଲ୍ ୧୯୧୬ ମସିହାରେ ତତ୍କାଳୀନ ପାଟଣା ଗଡ଼ଜାତ ରାଜ୍ୟର ଶାସକ ମହାରାଜା ପୃଥ୍ୱୀରାଜ ସିଂହ ଦେଓଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା।

୨୩ତମ ବାରପୁଡୁଗିଆ କପ୍ ଉଦ୍‌ଯାପିତ

ବଲାଙ୍ଗିର, ତା.୦୧.୧୧– ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ସ୍ଥିତ ହାଓ୍ୱା ଗାର୍ଡେନ ଖେଳ ପଡିଆରେ ତ୍ରିଦିବସିୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ବାରପୁଡୁଗିଆ ଦଳ ୨–୦ ଗୋଲରେ ଡଙ୍ଗାଘାଟକୁ ହରାଇ ଚମ୍ପିୟାନ ହୋଇଛି ।ଏହି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୂର୍ବତନ ବ୍ଲକ ଅଧକ୍ଷ ଗୋଲାପ ବାଗ, ସରପଂଚ ଜନ୍ମଜୟ ମେହେର, ସମିତି ସଭ୍ୟା ସୁମିତ୍ରା କାଲସାଏ, ବରିଷ୍ଠ ଓକିଲ ନିଳାଦ୍ରୀ ବିହାରି ମିଶ୍ର, ଗିରିଧାରି କାଲସାଏ, ନୃପରାଜ ସାହୁ, ଡୋଳାମଣି ପ୍ରଧାନ ପ୍ରମୁଖ ମଂଚାସିନ ଥିଲେ ଏବଂ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ ।ରିଙ୍କୁ ନାଏକ, ମିଥୁନ ବିଶ୍ୱାଲ, ସଂଜୟ ନାଏକ, ଅନିଲ ସେଠ, ଗଦନ ସାହୁ, ଦିଲିପ ସାହୁ, ବିକାଶ ନାଏକ, କୈଳାସ ନାଏକ, ପ୍ରବୀଣ ବରିହା, ରାଜା, ରାହୁଲ, ମନୋଜ, ସଚିକାନ୍ତ, କାଳିଆ ନାହାକ ଏବଂ ଆକାଶ ଟେଣ୍ଟ ହାଉସ ପ୍ରମୁଖ ନେତୃତ୍ୱ ନେଇଥିଲେ ।ଖେଳ ପରିଚାଳନା କରିଥିଲେ ପୁରୁଷୋତ୍ତମ ବୁଡେକ, ମନୋଜ ବେହେରା, ସର୍ଜନ କୁଦେଇ, ଜଳନ୍ଧର ବୁଡେକ, ତ୍ରିନାଥ ପ୍ରମୁଖ ।ଶିବାଶ୍ରମ ସେବା ପ୍ରତିଷ୍ଠାନ ସଭାପତି ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ।

ଆଗ୍ରିଆ ସମାଜ ପକ୍ଷରୁ ଧର୍ମାତ୍ମା ବିଦୁର ମନ୍ଦିର ପ୍ରତିଷ୍ଠା ଉତ୍ସବ

କୁଚିଣ୍ଡା,୨।୧୧ :(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ଘୋଷା ଜାମମାଲଗୁଡ଼ା ଠାରେ ଚଉରାସୀ ଘର ଆଗ୍ରିଆ ସମାଜ ପକ୍ଷରୁ ଧର୍ମାତ୍ମା ବିଦୁରଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ବହୁସଂଖ୍ୟକ ଆଗ୍ରିଆ ସମାଜର ସମେତ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ।ଆଗ୍ରିଆ ସମାଜ ସଭାପତି ଶରତ ଚନ୍ଦ୍ର ଗୌନ୍ତିଆ ଓ ତାଙ୍କ ସ୍ତ୍ରୀ ଆରତୀ



ନାୟକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ପ୍ରକାଶ ପୁରୋହିତ ପୂଜକ ଭାବେ କାର୍ଯ୍ୟ ତୁଲାଇଥିଲେ।ଏଥିରେ କଳସ ସ୍ଥାପନ,ହୋମଯଜ୍ଞ ଓ ଦେବ ପ୍ରତିଷ୍ଠା କାର୍ଯ୍ୟ ଆଦି କରାଯାଇଥିଲା।ଯଜ୍ଞ ଓ ମନ୍ତ୍ରଧ୍ୱନିରେ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ କୁଳମଣି ପଟେଲ, ସହ-ସମ୍ପାଦକ ବସନ୍ତ କୁମାର ପଟେଲ ଏବଂ ମହିଳା ସଭାନେତ୍ରୀ ଆରତୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଚଉରାସୀ ଘର ଆଗ୍ରିଆ ସମାଜର ୩୬ଟି ଗୁଡ଼ିର କର୍ମକର୍ତ୍ତା ଓ ପ୍ରତିନିଧି ଯୋଗଦେଇଥିଲେ।ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ସଦର ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

କୁକୁଡାଖଣ୍ଡି,୨।୧୧ :(ମନ୍ଥନ) ଲୌହମାନବ ସର୍ଦ୍ଦାର ବଲ୍ଲଭ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ସଦର ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ଙ୍କ ସମେତ ପୋଲିସ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ । ଜାତି, ଧର୍ମ ଓ ଭାଷାର ର ଭେଦଭାବ ଭୁଲି ସମସ୍ତେ ଏକଜୁଟ୍ ହୋଇ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ଏହି ଅବସରରେ ସଂକଳ୍ପ ନିଆଯାଇଥିଲା ।ଦେଶର ଏକୀକରଣ ଓ ଜାତୀୟ ସଂହତି ପ୍ରତି ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଥାନା ଅଧିକାରୀ ଶ୍ରୀମତି ପରିଡ଼ା ଆହ୍ୱାନ ଦେଇଥିଲେ ।

ସରକାରୀ ମାନ୍ୟତା ପାଇଁ ଲୋକ ଦାବି କରୁଛନ୍ତି ସପ୍ତମ ବର୍ଷରେ ବଲାଙ୍ଗିର ଦିନ୍



ବଲାଙ୍ଗିର,୨।୧୧ :(ମନ୍ଥନ)ସପ୍ତମ ବର୍ଷରେ ବଲାଙ୍ଗିର ଦିନ କାର୍ଯ୍ୟକ୍ରମ ପଦାର୍ପଣ କରିଛି ।ଏହି କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟ ଓ ଐତିହାସିକ ପୃଷ୍ଠଭୂମି ଅଛି । ଓଡିଶାରେ ଯେତେବେଳେ ଗଣତନ୍ତ୍ର ପ୍ରତିଷ୍ଠା ହେବା ପରେ ପ୍ରଥମ କରି ୦୧.୦୧.୧୯୪୮ ମସିହାରେ ଗଡଜାତ ଅଂଚଳ ମିଶ୍ରଣ ହୋଇ ଆଜିର ବଲାଙ୍ଗିର ଜିଲ୍ଲା ପାଟଣା ବଲାଙ୍ଗିର ଜିଲ୍ଲା ନାମରେ ଘୋଷଣା ହୋଇଥିଲା । କିନ୍ତୁ ଆମ ଅଂଚଳରେ ଅନେକ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଉଥିଲେ କିନ୍ତୁ ଆମ ପଡୋଶୀ ଗ୍ରାମ ଚୁଡାପାଲି ସ୍ଥିତ ଯୋଗେଶ୍ୱର କୁମୁରା ମୁଖ୍ୟ ସୁତ୍ରଧର ଥିଲେ । ବଲାଙ୍ଗିର ର ସ୍ୱାଭିମାନ, ଅସ୍ମିତା ତଥା ସମୃଦ୍ଧ ଇତିହାସ ଓ ପ୍ରାକୃତିକ ପରିବେଶ ର ସୁରକ୍ଷା କୁ ନେଇ ଲଢେଇ କରୁଥିଲେ। ପରବର୍ତ୍ତି ସମୟରେ ୧ ନଭେମ୍ବର ୧୯୪୯ ମସିହାରେ ଜିଲ୍ଲା ପୁର୍ନଗଠନ ହେବା ସମୟରେ ଏ ଅଂଚଳର ଦାବିକୁ ଗୁରୁତ୍ୱ ଦେଇ ଓଡିଶା ସରକାର ଆମ ଜିଲ୍ଲାର ନାମ ବଲାଙ୍ଗିର ଘୋଷଣା କରିଥିଲେ । ଯାହାକି ସ୍ୱର୍ଗତ ଜ୍ୟୋତିରଂଜନ ପାଣିଗ୍ରାହୀଙ୍କ ଉଦ୍ୟମ ତଥା ଐତିହାସିକ ଶିବ ପ୍ରସାଦ ନନ୍ଦ ଙ୍କ ମାର୍ଗଦର୍ଶନରେ ବଲାଙ୍ଗିର ଦିନ୍ ଆରମ୍ଭ କରାଯାଇଥିଲା । ଆଜି ଏହି ପୂର୍ଣ୍ଣତିଥିରେ ବଲାଙ୍ଗିର ଦିନ୍ ର ଆବାହକ ଜୟକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ବଲାଙ୍ଗିର ଜିଲ୍ଲାର ସାମୁହିକ ଉନ୍ନତି ନିମନ୍ତେ ଇତିହାସକୁ ମନେ ପକାଇ ସାଂସ୍କୃତିକ ପରଂପରା ଓ ଖେଳ ମାଧ୍ୟମରେ ଆଗାମୀ ପିଢି ପାଇଁ ଏକ ପ୍ରେରଣାର ମାଧ୍ୟମ ହୋଇଛି । ଆଜି ବାରପୁଡୁଗିଆ ଶହ ଶହ ଲୋକଙ୍କ ଗହଣରେ ବଲାଙ୍ଗିର ଦିନ୍ କେକ୍ କାଟି ପାଳନ କରାଯାଇଛି ।

ଘନ କୁହୁଡ଼ି ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ

ମୋରଡ଼ା,୨।୧୧ :(ମନ୍ଥନ) ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ଓ ଶୁଳିଆପଦା ବ୍ଲକ ଅଞ୍ଚଳରେ ଘନ କୁହୁଡ଼ି ଯୋଗୁଁ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସକାଳୁ ସକାଳୁ ସମଗ୍ର ଅଞ୍ଚଳ କୁହୁଡ଼ିର ଚାଦରରେ ଢାଙ୍କି ହୋଇ ରହୁଥିବାରୁ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନଯାତ୍ରା ପ୍ରଭାବିତ ହେଉଛି। ଘନ କୁହୁଡ଼ି ଯୋଗୁଁ ରାସ୍ତାରେ ଯାତାୟାତ କରିବା ସମୟରେ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସକାଳୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବା ପାଇଁ ବଜାରକୁ ଯାଉଥିବା ଲୋକଙ୍କୁ ମଧ ହଇରାଣ ହେବାକୁ ପଡୁଛି। ସେହିପରି ପ୍ରାତଃ ଭ୍ରମଣରେ ଯାଉଥିବା ଲୋକଙ୍କ ପାଇଁ ମଧ ଘନ କୁହୁଡ଼ି ବାଧା ସୃଷ୍ଟି କରୁଛି। କୁହୁଡ଼ି ଯୋଗୁଁ ରାସ୍ତାରେ ଦୃଶ୍ୟମାନତା କମିଯାଉଥିବାରୁ ଯାନବାହନ ଚଳାଚଳ ସମୟରେ ଦୁର୍ଘଟଣାର ଆଶଙ୍କା ମଧ ରହୁଛି। ତେଣୁ ଯାନବାହନ ଚାଳକମାନେ ସତର୍କତାର ସହ ଗାଡ଼ି ଚଳାଇବା ସହ ଆବଶ୍ୟକ ସୁରକ୍ଷା ନିୟମ ପାଳନ କରିବା ଜରୁରୀ।



ଆଗୁଆ ସତର୍କ ସୂଚନା ଜାରି କଲା ବାଘୁଆ ଜଳସେଚନ ପ୍ରଶାସନ

ବୁଗୁଡ଼ା,୨।୧୧ :(ମନ୍ଥନ) ସମ୍ଭାବ୍ୟ ବାତ୍ୟା 'ମୁରାସୁ'କୁ ଦୃଷ୍ଟିରେ ରଖି ସ୍ଥାନୀୟ ବାଘୁଆ ଜଳସେଚନ ଉପବିଭାଜନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ର ବାଘୁଆ ଜଳ ଭଣ୍ଡାରରୁ ଯେକୌଣସି ସମୟରେ ବାଘୁଆ ନଦୀଗର୍ଭକୁ ବନ୍ୟାଜଳ ଛାଡିବା ସକାଶେ ରବିବାର ସନ୍ଧ୍ୟାରେ ଡାକବାଜି ଯନ୍ତ୍ର ଯୋଗେ ଆଗୁଆ ସତର୍କ ସୂଚନା ଜାରି କରିଥିବା ଜଣାଯାଇଛି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଳସେଚନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କୁ ଏଥି ସକାଶେ ସତର୍କ ରହିବାକୁ କୁହାଯାଇଛି । ଲଘୁଚାପ ଜନିତ ବର୍ଷା ଯୋଗୁଁ ଜଳ ଭଣ୍ଡାରରେ ଜଳ ପଉନ ବୃଦ୍ଧି ଆଶଙ୍କାରେ ବନ୍ୟା ନିୟନ୍ତ୍ରଣର ଆଗୁଆ ପଦକ୍ଷେପ ଗ୍ରହଣ ସକାଶେ ଏଭଳି ସୂଚନା ଜାରି କରାଯାଇଛି ।ପ୍ରଦତ୍ତ ସୂଚନା ପ୍ରକାରେ ଏହି ତିନି ଦିନ ବର୍ଷା ସମୟରେ ନଦୀ ଗର୍ଭକୁ କୌଣସି ପ୍ରକାରେ ବ୍ୟବହାର କରିବା ନିଷେଧ କରାଯିବା ସହ ସାବଧାନତା ଅବଲମ୍ବନ କରିବାକୁ କୁହାଯାଇଛି ।



ଏଥିସହ ଗୃହପାଳିତ ପଶୁଙ୍କୁ ନଦୀ ଭିତରକୁ ନ ଛାଡିବା, ନିଜ ନିଜର ଧନଜୀବନର ସୁରକ୍ଷା ପାଇଁ ସର୍ବସାଧାରଣ ପ୍ରଶାସନକୁ ସହଯୋଗ କରିବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଜାରି କରାଯାଇଛି ।ସମସ୍ତଙ୍କ ଗୋଚରାର୍ଥ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡା, ଭଗବାନପୁର , ବି.କରଡ଼ାବାଡ଼ି, ବିରଞ୍ଚିପୁର, ଗୋଳିଆ, ଭାମଶିଆଳି, ସୋଡକ ଆଦି ପଞ୍ଚାୟତରେ ଓ କୋଠଘର କାନ୍ଥରେ ସତର୍କ ସୂଚନା ବିଜ୍ଞାପନ ମରାଯାଇ ବିଶେଷତଃ ନଦୀ କୂଳିଆ ଗ୍ରାମର ଗ୍ରାମବାସୀଙ୍କୁ ଏଥି ପ୍ରତି ସଚେତନ ରହିବାକୁ କୁହାଯାଇଛି । ଏହାକୁ ଅବମାନନା କଲେ ଯାହା ଘଟିବ ସେଥିନେଇ ପ୍ରଶାସନ ଦାୟୀ ରହିବେ ନାହିଁ ବୋଲି ମଧ୍ୟ କୁହାଯାଇଛି। ପ୍ରକାଶ ଯେ, ବାଘୁଆ ଜଳ ଭଣ୍ଡାର ସ୍ତରର ଉଚ୍ଚତା ତଥା ବିପଦ ସଂକେତ ୧୧୩. ୮୫ ମିଟର ଥିବାବେଳେ ବର୍ତ୍ତମାନ ଏହାର ସ୍ତର ୧୧୩.୨୭ ମିଟର ଥିବା ଜଣାଯାଇଛି।

ରାଜ୍ୟ ସ୍ତରୀୟ ଗୀତା ଜ୍ଞାନ ଯଜ୍ଞ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର,୨।୧୧ :(ମନ୍ଥନ)ଗୀତା ପାଠ ଦ୍ୱାରା ମନୁଷ୍ୟ ଦେବ ଚରିତ୍ର ର ଅଧିକାରୀ ହୋଇ ପାରିବ ବୋଲି ରଘୁନାଥପୁର ବ୍ଲକ ଅନ୍ତର୍ଗତ କନ୍ଦରକ୍ଷପଟି ଗ୍ରାମର ମା ଜାଗୁଳାଇପୀଠ ରେ ଅନୁଷ୍ଠିତ ଗଜ ଲକ୍ଷ୍ମୀ ପୂଜା ମଣ୍ଡପରେ ଓଁକାର ଗୀତା ବାଣୀ ଭୂଷଣ ପରିଷଦ ସଭାପତି ସରୋଜିନୀ ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏହା କହିଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ଭାବେ ଯାଜପୁର ର ଓଁକାର ନନ୍ଦ ସରସ୍ୱତୀ ଯୋଗଦେଇ ଆମ ସଂସ୍କୃତି ବିଶ୍ୱରେ ମହାନ୍ ବୋଲି କହିଥିଲେ । ଏଥିରେ ରାଜ୍ୟସ୍ତରୀୟ ଗୀତା ଜ୍ଞାନ ଯଜ୍ଞ କମିଟି ସଭାପତି ବିଜୟ କୁମାର ସ୍ୱାଇଁ ଙ୍କୁ ସଭାପତି ସରୋଜିନୀ ପତି ଓ ସ୍ୱାମୀ ଓଁକାର ନନ୍ଦ ସରସ୍ୱତୀ ପୁଷ୍ପ ଗୁଚ୍ଛ ଉତ୍ତରୀୟ ଓ ଗୀତା ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଗୀତା ପ୍ରଚାରକ ସଂଗ୍ରାମ କେଶରୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଏଥିରେ ଯୋଗୀରକ୍ଷଜ ଶିବମ, ପଣ୍ଡିତ ସନ୍ତୋଷ କୁମାର ମିଶ୍ର, ପ୍ରବୀର ଚରଣ ତରାଇ, ସନାତନ ରାଉତ, ବିଜୟ ମହାରାଜ ପ୍ରମୁଖ ଯୋଗ ଦେଇ ଗୀତା ର ସାରାଂଶ ଉପରେ ବିସ୍ତୃତ ଭାବେ ଅଲୋଚନା କରିଥିଲେ । ପଣ୍ଡିତ ରବିନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ନାୟକ ସଭା ପରିଚାଳନା କରିଥିଲେ । ଏହି ଅବସରରେ ଗ୍ରାମର ମୁରବୀ ଶ୍ୟାମ ସୁନ୍ଦର ନାୟକ, ବାମନ ଚରଣ ନାୟକ, ନିର୍ମଳ କୁମାର ସାହୁ, କର୍ତ୍ତା ନିହାର ରଞ୍ଜନ ରାଉତରାୟ, କର୍ତ୍ତ୍ରୀ ମଧୁସ୍ମିତା ରାଉତରାୟ ଙ୍କୁ ଉତ୍ତରୀୟ ଓ ଗୀତ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସ୍ୱର୍ଣ୍ଣଶ୍ରୀ, ରିନାବାଳକ୍ଷ, ସୁହାସିନୀ, ସରସ୍ୱତୀ, ପ୍ରିୟକ୍ଷଶୁ, ସଂଘମିତ୍ରା, ଜ୍ୟୋତିର୍ମୟୀ, ମଧୁସ୍ମିତା, ମାଧବୀ ପ୍ରମୁଖ ମା ମାନେ ଗୀତା ଆଳତି କରିଥିଲେ ।



ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ନବରଙ୍ଗପୁର,୨।୧୧ :(ମନ୍ଥନ) ନବରଙ୍ଗପୁର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ସମାଧାନ ନିମନ୍ତେ ଆଜି ନବରଙ୍ଗପୁର ପୌର କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତା ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା।ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜ ନିଜର ସମସ୍ୟା, ଅଭିଯୋଗ ଓ ଆବଶ୍ୟକତା ସମ୍ପର୍କରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଇଥିଲେ। ଶିବିରରେ ମୋଟ ୫୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୭ଟି ଗ୍ରାମସ୍ତରୀୟ ସାମୂହିକ ଅଭିଯୋଗ ରହିଥିଲା।ଶିବିରରେ ଉପସ୍ଥିତ ଜିଲ୍ଲାପାଳ ଅଭିଯୋଗକାରୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟାଗୁଡ଼ିକୁ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କଠାରୁ ଆବଶ୍ୟକ ତଥ୍ୟ ଓ ସ୍ପଷ୍ଟୀକରଣ ନେଇଥିଲେ। ପ୍ରତ୍ୟେକ ଅଭିଯୋଗର ପ୍ରକୃତ ସ୍ଥିତି ଅନୁଧ୍ୟାନ କରି ନିୟମାନୁଯାୟୀ ଉଚିତ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ସେହିପରି ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶ ଜନସାଧାରଣଙ୍କ ପକ୍ଷରୁ ଉପସ୍ଥାପିତ ଆଇନଶୃଙ୍ଖଳା ଓ ପୋଲିସ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଶୁଣାଣି କରି ଆବଶ୍ୟକୀୟ ତଥ୍ୟ ଅନୁଧ୍ୟାନ ଏବଂ ନିୟମାନୁଯାୟୀ ପଦକ୍ଷେପ ଗ୍ରହଣ ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଉଦୟାନ ସୁବୁଦ୍ଧି, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରହ୍ଲାଦ ଖୋସଲା, ନବରଙ୍ଗପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ।ଜନସାଧାରଣଙ୍କ ଅଭିଯୋଗର ଶୁଣାଣି ଓ ସମାଧାନ ପାଇଁ ଏଭଳି ଜନଅଭିଯୋଗ ଶିବିର



ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଏହା ମାଧ୍ୟମରେ ସାଧାରଣ ଲୋକେ ନିଜ ସମସ୍ୟାକୁ ସିଧାସଳଖ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ନିକଟରେ ଉପସ୍ଥାପନ କରିବାର ସୁଯୋଗ ପାଇଥାନ୍ତି। ଏହାସହ ଅଭିଯୋଗଗୁଡ଼ିକର ଦ୍ରୁତ ଅନୁଧ୍ୟାନ, ବିଭାଗୀୟ ସମନ୍ୱୟ ଏବଂ ନିୟମାନୁଯାୟୀ ସମାଧାନ ଦିଗରେ ପ୍ରଶାସନିକ ପ୍ରୟାସକୁ ଅଧିକ ସୁଦୃଢ଼ କରିଥାଏ।ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ଏବଂ ଅଭିଯୋଗକାରୀଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବା ଉପରେ ଏହି ଶିବିରରେ ପ୍ରଶାସନିକ ଗୁରୁତ୍ୱ ରହିଥିଲା।

ଅସ୍ତରଙ୍ଗ ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଅସ୍ତରଙ୍ଗ,୨।୧୧ :(ମନ୍ଥନ)ଅସ୍ତରଙ୍ଗ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ସମଗ୍ର ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଥିବା ବେଳେ ଅସ୍ତରଙ୍ଗ ଥାନା ପକ୍ଷରୁ ମଧ୍ୟ ଏହି ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଅସ୍ତରଙ୍ଗ କୁହୁଡି ଲବଣ ସତ୍ୟାଗ୍ରହ ପୀଠ ହାଇସ୍କୁଲ ପରିସର ରେ ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକ ଙ୍କ ତତ୍ତ୍ୱାବଧାନ ରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏଥିରେ ଅସ୍ତରଙ୍ଗ ଥାନାର ଆଇଆଇସି ରିତା ବେହେରା ,ଏସଆଇ ଅନିରୁଧ ଜାଲ୍ଲୀ, ଦିବ୍ୟରଞ୍ଜନ ସାହୁ ,ଏ ଏସ ଆଇ ପ୍ରଶାନ୍ତ ସାମନ୍ତରାୟ ,ଚିନ୍ମୟ ନାୟକ, ହୃଦାନନ୍ଦ ମିଶ୍ର, ସଂଗ୍ରାମ କେଶରୀ ରାଉତ ଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଦେଶର ଏକତା, ଅଖଣ୍ଡତା ଓ ସଂହତି ବଜାୟ ରଖିବା ସହ ଜାତୀୟ ଭାବନାକୁ ସୁଦୃଢ଼ କରିବା ଦିଗରେ ସମସ୍ତେ ସଚେତନ ଓ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା।ପରେ ପୁଲିସ କର୍ମଚାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମିଳିତ ଅଂଶଗ୍ରହଣରେ ଏକତାର ବାର୍ତ୍ତା ନେଇ ଅସ୍ତରଙ୍ଗ ବଜାର ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ଭାଇଚାରା, ଜାତୀୟ ସଂହତି ଓ ଦେଶପ୍ରେମର ଭାବନା ଜାଗ୍ରତ କରିବାକୁ ବାର୍ତ୍ତା ଦିଆଯାଇଥିଲା।

ମୌଳିକ ସୁବିଧା ପାଇଁ ଜିଲ୍ଲାପାଳଙ୍କୁ ଭେଟିଲା ଆମ୍ବେଦକର ସେବକ ସଂଘ



ନୟାଗଡ଼,୨।୧୧ :(ମନ୍ଥନ)ଦୀର୍ଘ୩୦ ବର୍ଷର ବିସ୍ଥାପନ ଓ ଅନେକ ସଂଘର୍ଷ ପରେ ନିଜର ପୈତୃକ ଭିଟାମାଟି ଧଳାବନ୍ଧ ଗ୍ରାମକୁ ଫେରୁଥିବା ପ୍ରାୟ ୩୦ଟି ଅନୁସୂଚିତ ଜାତି ପରିବାର ଏବେ ଅତ୍ୟନ୍ତ ଅସୁରକ୍ଷିତ ଓ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଦୀର୍ଘ ବର୍ଷର ବିଚ୍ଛିନ୍ନତା ପରେ ନିଜ ଗାଁକୁ ଫେରୁଥିବା ଏହି ପରିବାରଗୁଡ଼ିକର ସ୍ଥାୟୀ ଥଇଥାନ, ସୁରକ୍ଷା ଓ ମୌଳିକ ସୁବିଧା ଯୋଗାଇଦେବା ଦାବିରେ ଆଜି ଆମ୍ବେଦକର ସେବକ ସଂଘ, ଓଡ଼ିଶା ପକ୍ଷରୁ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁସ୍ମିତା ରଥଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଜାତୀୟ ଅନୁସୂଚିତ ଜାତି ଆୟୋଗ ଗମ୍ଭୀର ଭାବେ ହସ୍ତକ୍ଷେପ କରିଛନ୍ତି। ଆୟୋଗଙ୍କ ଚିଠି ନମ୍ବର ୩୦୪୦୮୭ (ତାରିଖ: ୧୨.୧୦.୨୦୨୬) ଅନୁଯାୟୀ ନୟାଗଡ଼ ଜିଲ୍ଲାପାଳଙ୍କୁ ଚିଠିଜାରିକରାଯାଇ ୧୫ ଦିନ ମଧ୍ୟରେ ଏହି ମାମଲାରେ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ପ୍ରଭାବିତ ପରିବାରଙ୍କ ପୁନଃଥଇଥାନ, ସୁରକ୍ଷିତ ବାସସ୍ଥାନ, ଅସ୍ଥାୟୀ ଆଶ୍ରୟସ୍ଥଳ, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ଭଳି ଜରୁରୀ ପଦକ୍ଷେପ ନେବାକୁ ଆୟୋଗ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଜିଲ୍ଲାପାଳ ଶ୍ରୀମତୀ ମଧୁସ୍ମିତା ରଥ ଗ୍ରାମବାସୀଙ୍କ ସମସ୍ୟା ଶୁଣିବା ପରେ ଭାପୁର ବିଡିଓ ଓ ନୟାଗଡ଼ ଜିଲ୍ଲାର ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ଏହି ପ୍ରଶାସନିକ ପ୍ରତିଶ୍ରୁତି କେବଳ କାଗଜପତ୍ରରେ ସୀମିତ ନରହି ତୁରନ୍ତ କାର୍ଯ୍ୟକାରୀ ହେବା ଆବଶ୍ୟକ ବୋଲିଆମ୍ବେଦକରସେବକ ସଂଘ ଦୃଢ଼ଦାବିକରିଛି। ଜାତୀୟ ଅନୁସୂଚିତ ଜାତିଆୟୋଗଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱ ଦେଇ ପ୍ରଶାସନ ତୁରନ୍ତ ଆଶ୍ରୟ, ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ୍, ଆବାସ ଓ ସୁରକ୍ଷା ସୁନିଶ୍ଚିତ କରୁ। ଏହି ମାନବିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ତୁରନ୍ତ ହସ୍ତକ୍ଷେପ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।ଆଜିର ଏହି ପ୍ରତିନିଧିମଣ୍ଡଳୀରେ ଆମ୍ବେଦକର ସେବକ ସଂଘର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ତୌରୀ ନାୟକ, ରାଜ୍ୟ ବରିଷ୍ଠ ଉପଦେଷ୍ଟା ସୁବଳ ନାୟକ, ରାଜ୍ୟ ମହିଳା ସଭାନେତ୍ରୀ ସୁପ୍ରଭା ମଲ୍ଲିକ୍, ଜିଲ୍ଲା ମହିଳା ସଭାନେତ୍ରୀ ସୁମିତ୍ରା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ଜୁନୁରାଣୀ ନାୟକ, ଜିଲ୍ଲା ଉପଦେଷ୍ଟା ରାଜକିଶୋର ନାୟକ, ଜିଲ୍ଲା ସଭାପତି ଚରଣ ନାୟକ ଏବଂ ରାଜ୍ୟ ସାଧାରଣ ସମ୍ପାଦକ କିରୋଡ଼୍‌ଚନ୍ଦ୍ର ନାୟକଙ୍କ ସମେତ ଧଳାବନ୍ଧ ଗ୍ରାମବାସୀ ଓ ବହୁ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

ନିଖୋଜ ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର


ଖଣ୍ଡପଡ଼ା, ୨।୧୧ :(ମନ୍ଥନ) ଖଣ୍ଡପଡ଼ା ସହରାଞ୍ଚଳ ୧୨ ନଂ ୱାର୍ଡ ଚିନିକଳ ସାହି ବାସିନ୍ଦା ଉଜ୍ଜଳା ଖଟେଇ(୮୫)ଙ୍କ ନିଖୋଜ ନେଇ ପରିବାର ଲୋକେ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ତେବେ ନିଖୋଜର ପ୍ରାୟ ୭ ଦିନ ପରେ ଆଜି ମୃତଦେହକୁ ଖଳଖଳା ନିକଟରୁ ଉଦ୍ଧାର କରାଯାଇଛି। ଆଜି ପୂର୍ବାହ୍ନରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଜଙ୍ଗଲିଆ ଅଞ୍ଚଳରେ ମୃତଦେହ ଦେଖିବା ସହିତ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପରିବାର ଲୋକଙ୍କ ସହାୟତାରେ ଶବ ଚିହ୍ନଟ କରିବା ସହିତ ବ୍ୟବଚ୍ଛେଦ କରାଇ ହସ୍ତାନ୍ତର କରିଥିବା ସୂଚନା ମିଳିଛି।

ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ପଟ୍ଟନାୟକଙ୍କ ପରଲୋକ

ଖଣ୍ଡପଡ଼ା, ୨।୧୧ :(ମନ୍ଥନ) ଭାପୁର ବ୍ଲକ ବିଜିପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚିପଟ୍ଟନାୟକ (୮୧)ଙ୍କ ଆଜି ସକାଳେ ପରଲୋକ ଘଟିଥିବା ପରିବାରବର୍ଗ ଠାରୁ ସୂଚନା ମିଳିଛି।ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିବା ସ୍ୱର୍ଗତ ପଟ୍ଟନାୟକ ଆଜି ବିଜିପୁର ସ୍ଥିତ ନିଜସ୍ୱ ବାସଭବନରେସକାଳ ସାଢେ ୭ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ସୂଚନା ମିଳିଛି। ପଦ୍ମାବତୀ ଗୋପୀନାଥ ଦେବଉଚ୍ଚ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରିଥିବା ସ୍ୱର୍ଗତ ପଟ୍ଟନାୟକ ୨୦୦୫ ମସିହାରେ ରାମଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟରୁ ଅବସରଗ୍ରହଣ କରିଥିଲେ। ଜଣେ ଛାତ୍ରବତ୍ସଳ ଓ ସ୍ନେହୀ ଶିକ୍ଷକ ଭାବେ କେବଳ ବିଜିପୁର ନୁହେଁ, ବରଂ ଖଣ୍ଡପଡ଼ା ଏବଂ ଭାପୁର ଅଞ୍ଚଳରେ ସ୍ୱତନ୍ତ୍ର ଭାବେ ପରିଚିତ ଥିଲେ।ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନିଭାଇ ଯୋଗିନାଥ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ମରଶରୀରକୁ ସମଗ୍ର ଗ୍ରାମ ପରିକ୍ରମା ପରେ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ତଥା ଭାପୁର 'ସମ୍ବାଦ' ଓ 'କନକ' ନ୍ୟୁଜ ପ୍ରତିନିଧି ସଂଗ୍ରାମ କେଶରୀ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

ବଡ଼ବିଲରେ କଟକଣା, କୋଇଡ଼ା କଳାପାଉଁଶ ର ନୂଆ ଠିକଣା !

କୋଇଡ଼ା,୨।୧୧ :(ମନ୍ଥନ)ଦଶନ୍ଧି ଧରି ଲାଲ୍ ଧୂଳିର ପ୍ରଦୂଷଣରେ ଅଣନିଃଶ୍ୱାସୀ କୋଇଡ଼ା ଖଣି ଅଞ୍ଚଳକୁ ଏବେ ଘାରିଛି କଳାପାଉଁଶର ଆତଙ୍କ। ଲୌହ ଓ ଇସ୍ପାତ ଶିଳ୍ପରୁ ନିର୍ଗତ କଳାପାଉଁଶର ବେଆଇନ ନିଷ୍କାସନ ଯୋଗୁଁ ଅଞ୍ଚଳର ପରିବେଶ ଓ କୃଷିକ୍ଷେତ୍ର ପ୍ରତି ବିପଦ ବଢ଼ିବାରେ ଲାଗିଛି।ସବୁଠାରୁ ଚିନ୍ତାର ବିଷୟ, ପଡ଼ୋଶୀ କେନ୍ଦୁଝର ଜିଲ୍ଲାର ବଡ଼ବିଲ ତହସିଲ ପ୍ରଶାସନ ପକ୍ଷରୁ ପାଉଁଶ ନିଷ୍କାସନ ଉପରେ କଟକଣା ଓ କାର୍ଯ୍ୟାନୁଷ୍ଠାନ ପରେ ସେଠାକାର କେତେକ ଶିଳ୍ପରୁ ବାହାରୁଥିବା କଳାପାଉଁଶ କୋଇଡ଼ାର ବିଭିନ୍ନ ଉପକଣ୍ଠରେ ଫିଙ୍ଗାଯାଉଥିବା ଅଭିଯୋଗ ହେଉଛି। ରାତିଅଧିଆ ଗାଡ଼ିରେ ପାଉଁଶ ଆଣି ରାସ୍ତାକଡ଼, ଚାଷବିଲ, ନଦୀପଠା ଓ ଜଙ୍ଗଲ ନିକଟରେ ଗଦା କରାଯାଉଥିବାରୁ କଳାପାଉଁଶର ପାହାଡ଼ ସୃଷ୍ଟି ହେଉଛି।ଏହାର ପ୍ରଭାବରେ ଚାଷଜମିର ମାଟିର ଗୁଣବତ୍ତା ଓ ଉର୍ବରତା ନଷ୍ଟ ହେବା ସହ ବର୍ଷାଜଳ ମାଧ୍ୟମରେ ପାଉଁଶ ନଦୀନାଳରେ ମିଶିବାର ଆଶଙ୍କା ରହିଛି। ପବନରେ ଉଡୁଥିବା ସୂକ୍ଷ୍ମ ପାଉଁଶ ମଧ୍ୟ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ।



ବଡ଼ବିଲରେ କଟକଣା ଲାଗିବା ପରେ କୋଇଡ଼ା କ'ଣ ପାଉଁଶ ନିଷ୍କାସନର ନୂଆ ଠିକଣା ପାଲଟିଛି କି ବୋଲି ସାଧାରଣ ରେ ପ୍ରଶ୍ନ ଆସିଛି । ଏଣୁ କେଉଁ ଶିଳ୍ପ ଓ ପରିବହନ ସଂସ୍ଥା ଏଥିରେ ସମ୍ପୃକ୍ତ, ତାହାର ତଦନ୍ତ କରାଯାଉ । ଜିଲ୍ଲା ପ୍ରଶାସନ, କୋଇଡ଼ା ତହସିଲ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମିଳିତ ଚଢ଼ଉ କରି ପାଉଁଶ ଫିଙ୍ଗା ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ କୋଇଡ଼ାବାସୀ ଦାବି କରିଛନ୍ତି।

ଧର୍ମଶାଳା ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ୨୦୨୬ଅନୁଷ୍ଠିତ

ଚଣ୍ଡିଖୋଲ,ଧର୍ମଶାଳା,୨।୧୧ :(ମନ୍ଥନ) ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ପକ୍ଷରୁ ଏକତା ପଦଯାତ୍ରା-୨୦୨୬' ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଧର୍ମଶାଳା ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ତତ୍ତ୍ୱବଧାନରେ ସମସ୍ତ ପୋଲିସ କର୍ମଚାରୀ ଓ ସ୍ଥାନୀୟ ଯୁବକ ମାନଙ୍କ ମିଳିତ ଆନୁକୂଲ୍ୟରେ ଜାରକା ବିଟିହାଉସ ଠାରୁ ଧର୍ମଶାଳା ଥାନା ପର୍ଯ୍ୟନ୍ତ ଏକ ଗଣରୈଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସନ୍ଧ୍ୟାରେ ଥାନା ପରିସରରେ ଏକ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ନିର୍ବାଚିତ ପ୍ରତିନିଧି ଓ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନକୁ ସ୍ମରଣ କରିବା ସହ ଦେଶର ଏକତା, ସଂହତି ଓ ସାମାଜିକ ସଦ୍ ?ଭାବନାକୁ କିପରି ସୁଦୃଢ଼ କରିବା ଦିଗରେ ଅଧିକ ଆଲୋଚନା କରିଥିଲେ।

ଅନୁସୂଚିତ ଜାତି ଏବଂ ଜନଜାତି ବିକାଶ ପରିଷଦ କୁଚିଣ୍ଡା ର ନୂତନ କର୍ମକର୍ତ୍ତା ଚୟନ ଏବଂ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ


କୁଚିଣ୍ଡା,୨।୧୧ :(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ସାମ୍ବାଦିକ ଭବନ ଠାରେ ଅନୁସୂଚିତ ଜାତି ଏବଂ ଜନଜାତି ବିକାଶ ପରିଷଦ କୁଚିଣ୍ଡା ପକ୍ଷରୁ ଧର୍ତି ଆବ୍ବା ବିର୍ସା ମୁଣ୍ଡା ଙ୍କ ଜୟନ୍ତୀ ପାଳନ ଅବସରରେ ସମସ୍ତ ସଦସ୍ୟ ଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁସୂଚିତ ଜାତି ଏବଂ ଜନଜାତି ବିକାଶ ପରିଷଦ ର ସାଧାରଣ ସମ୍ପାଦକ ମନୋରଞ୍ଜନ ଭୋଇ ଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବିର୍ସା ମୁଣ୍ଡା ଙ୍କ ଜୟନ୍ତୀ ପାଳନ ପାଇଁ ସବିଶେଷ ପ୍ରସ୍ତୁତି ଏବଂ ପୂର୍ବ ବର୍ଷରେ ଆୟୋଜିତ କରାଯାଇଥିବା ଭଳି ଏ ବର୍ଷ ମଧ୍ୟ ବିର୍ସା ମୁଣ୍ଡା ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବା ବିଷୟରେ ଆଲୋଚନା କରିବା ସହିତ ଅନୁସୂଚିତ ଜାତି ଏବଂ ଜନଜାତି ବିକାଶ ପରିଷଦ ର ସଂଗଠନ କୁ ଆହୁରି ଆଗକୁ ବଢ଼ାଇବା ଏବଂ ଶିକ୍ଷା ଓ ସମାଜ ର କିପରି ଉନ୍ନତି ହୋଇପାରିବ ସେ ଦିଗରେ ଆଲୋଚନା କରିବା ସହିତ ନୂତନ ଭାବେ କର୍ମକର୍ତ୍ତା ଚୟନ କରାଯାଇଥିଲା।ଏଠାରେ ନୂତନ ଭାବେ ସଭାପତି ଭଦ୍ର କିସାନ,ଉପ ସଭାପତି ଯୁଧିଷ୍ଠିର ରୋହିଦାସ, ସୁଶିଲ କିସାନ, ସାଧାରଣ ସମ୍ପାଦକ ମନୋରଞ୍ଜନ ଭୋଇ, କୋଷାଧ୍ୟକ୍ଷ ଜନ କାମେଲ ଲାକ୍ରା,ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ପଙ୍କଜ ଜୟପୁରିଆ,କମିଟି ମୁଖ୍ୟ ଟୁନା ମହାନନ୍ଦ,ଆଥେଲେଟିକ୍ ମୁଖ୍ୟ ଇଥିଏଲ କିଣ୍ଡୋ,ସୋଉଲ ଲାକ୍ରା,ସଂଗଠନ ମିଡ଼ିଆ ସମ୍ପାଦକ ଚତୁର୍ଭୁଜ ଜୟପୁରିଆ ଏବଂ ସଂଗଠନ ଆଡଭାଇଜର ଭାବେ ମାୟାଧର କାଲୋ, ସଞ୍ଜୟ ବେହେରା,ରମେଶ ମେହେର,ଅରୁଣ ନାଏକ,ଶ୍ରଦ୍ଧାକର ଜୟପୁରିଆ, ସରୋଜ ଧୁରୁଆ ପ୍ରମୁଖ କର୍ମକର୍ତ୍ତା ମାନଙ୍କୁ ନୂତନ ଭାବେ ସମସ୍ତ ସଦସ୍ୟ ଙ୍କ ଉପସ୍ଥିତି ରେ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମ କୁ ସୁଜିତ ବୁଡା ପରିଚାଳନା କରିଥିବାବେଳେ ସଂପାଦକ ମନୋରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ନେକ୍ସସ ହେଲ୍ପ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ପିପିଲି,୨।୧୧ :(ମନ୍ଥନ) ପିପିଲି ଜୟପୁର ଶାସନ ୟୁପି ସ୍କୁଲ ପରିସରରେ ନେକ୍ସସ ହେଲ୍ପ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପୁରୀ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉତ୍କଳମଣି ସାମ୍ବାଦିକ ସଙ୍ଘ ସାଧାରଣ ସମ୍ପାଦକ ତଥା ଯୁବ ସାମ୍ବାଦିକ ବିଜୟ କୁମାର ମହାପାତ୍ର ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଜୀବନ ଦାନ ଏହି ଅବସରରେ ରାଜ୍ୟରୁ ଯେପରି ରକ୍ତ ଅଭାବ ରୁ କେହି ମୃତ୍ୟୁ ବରଣ ନକରିବେ ଏହି ଲକ୍ଷରେ ଅନୁଷ୍ଠାନ ପ୍ରତ୍ୟେକ ସମୟରେ ରକ୍ତଦାନ ଶିବିର ଆୟୋଜନ କରି ଆସୁଥିବାରୁ ଅନୁଷ୍ଠାନ କୁ ଶ୍ରୀମହାପାତ୍ର ଧନ୍ୟବାଦ ଦେଇଥିଲେ। ନେକ୍ସସ ହେଲ୍ପ ଫାଉଣ୍ଡେସନ ର ସଭାପତି ସୁବ୍ରତ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସଦସ୍ୟ ସସ୍ମିତା ଦାସ, ରଶ୍ମିତା ଦାସ, ସଂଜିତ ଖଟେଇ, ସ୍ମୃତି ରଞ୍ଜନ ଦାସ, ସୁଶାନ୍ତ କୁମାର ସେଠୀ, ଗଜେନ୍ଦ୍ର ବେହେରା, ଦେବରଞ୍ଜନ ସାହୁ, ଶୁଭ୍ରଜିତ ଦାସ ଏବଂ ସର୍ବଜିତ ମିଶ୍ର ପ୍ରମୁଖ ଏହି ଶିବିର ପରିଚାଳନା ରେ ସହଯୋଗ କରିଥିଲେ। ରେଡ଼କ୍ରସ ଭୁବନେଶ୍ୱର ପକ୍ଷରୁ ଡ଼ା ପି କେ ଦାସଙ୍କ ଦ୍ୱାରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସ୍ୱାସ୍ଥ୍ୟ କର୍ମଚାରୀ ଅମରଜିତ ଖିଲାର, ଶୁଭଶ୍ରୀ ସ୍ୱାଇଁ, ପ୍ରତାପ ଜେନା, ଆଶିଷ ଭୋଇ, ବବୁଲ ସାହୁ ଙ୍କ ସହଯୋଗ ରେ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରୁ ମୋଟ ୩୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ନେଇ ଡ଼ା ଶ୍ରୀ ଦାସ ସୂଚନା ଦେଇଛନ୍ତି।





‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ଆଇଡ଼ିବିଆଇ ବିକ୍ରୀପରେ ଆଉ କ’ଣ ବିକ୍ରୀହେବ

ଗୋପାଳ ମହାପାତ୍ର

ଭାରତ ସରକାରଙ୍କ ଆର୍ଥୀକ ମାମଲାର ମନ୍ତ୍ରୀମଣ୍ଡଳ କମିଟି ଅକ୍ଟୋବର (୨୦୨୬) ମାସରେ ଆଇଡ଼ିବିଆଇ ବ୍ୟାଙ୍କ କୁ କାନାଡ଼ାର ଶିଳ୍ପପତି ପ୍ରେମ ବଚ୍ଛ ଙ୍କ କମ୍ପାନୀ ଫେୟାର ଫେକ୍ସ ଫାଇନାନସିଆଲ ହୋଲଡ଼ିଙ୍ଗସ କୁ ବିକ୍ରୀ କରିବା ପାଇଁ ମଞ୍ଜୁରୀ ଦେଇଛନ୍ତି। ଆଇଡ଼ିବିଆଇ ବ୍ୟାଙ୍କ ବିକ୍ରୀବାବଦରେ ଭାରତ ସରକାରଙ୍କୁ ବିଳିବ ୫୨ ହଜାର ୮୨୮ କୋଟି ଟଙ୍କା। ବିକ୍ରୀର ନିୟମ ଅନୁସାରେ ଫେୟାରଫକ୍ସ ଫାଇନାନସିଆଲ ହୋଇଡ଼ିଙ୍ଗସ୍ ବ୍ୟାଙ୍କର ୬୦.୭୨ ପ୍ରତିଶତ ନିୟନ୍ତ୍ରଣ ଅଂଶୀଦାର (ମାଲିକାନା ହକ୍) ହେବ। ଏହି ବିକ୍ରୀ ଅନ୍ତିମ ରୂପ ନେବା ପରେ ଭାରତର ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଇତିହାସରେ ଏହାଏକ ବୃହତ୍ ବିଦେଶୀ ନିବେଶ (ଏ’ଡ଼ିଆଇ) ରେ ପରିଣତ ହେବ। ଏ ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ ଏହି ବିକ୍ରୀ ପରେ ଭାରତକୁ ପାଖାପାଖି ୫.୬ ଅରବ ଡ଼ଲାରର ବୈଦେଶିକ ମୁଦ୍ରା ମିଳିବ ଓ ଏହା ବିଦେଶୀ ମୁଦ୍ରା ଭଣ୍ଡାରକୁ ମଜଭୁତ କରିବା ସହ ଭାରତୀୟ ମୁଦ୍ରା ଟଙ୍କାର ଅବମୂଲ୍ୟାୟନ କୁ ରୋକିବାରେ ସହାୟକ ହେବ, ରାଜକୋଷୀୟ କ୍ଷତି କମିବ ଏବଂ ଲୋକଙ୍କ ବିକାଶ କାର୍ଯ୍ୟ ପାଇଁ ଅର୍ଥର ଅଭାବ ପଡ଼ିବ ନାହିଁ। ୧୯୬୪ ରେ ସ୍ଥାପିତ ଏହି ବ୍ୟାଙ୍କ ଦେଶରେ ବଡ଼ବଡ଼ ଶିଳ୍ପ, କାରଖାନା, ବୁନିଆଦି ଢ଼ାଞ୍ଚ (ସଡ଼କବିଦ୍ୟୁତ, ବନ୍ଧ) ପାଇଁ ଋଣ ଦେଉଥିଲା। ୧୯୯୧ ର ଆର୍ଥୀକ ଉଦାରୀକରଣ ପରେ ସରକାର ଙ୍କ ନିର୍ଦ୍ଦେଶ ପରେ ବ୍ୟାଙ୍କ ଦେଉଥିବା ଦୀର୍ଘ ଅବଧିର ଶସ୍ତା ଋଣ ବ୍ୟବସ୍ଥା କୁ ବ୍ୟାଙ୍କ ଧିରେଧିରେ ବନ୍ଦ କରିଦେଇଥିଲେ। ୨୦୦୩ ରେ ଏକ ନୂଆ ଆଇନ ପ୍ରଣୟନ ପରେ ୨୦୦୪ ରେ ଏହା କମର୍ସିଆଲ ବ୍ୟାଙ୍କରେ ପରିଣତ ହୋଇଥିଲେ। ୨୦୦୪ ପରଠାରୁ ଆଇଡ଼ିବିଆଇ ବ୍ୟାଙ୍କରେ ଅବ୍ୟବସ୍ଥା ଆରମ୍ଭ ହେଲା ଓ ୨୦୦୪ ରୁ ୨୦୧୦ ମ୍ଭରେ ଏହି ବ୍ୟାଙ୍କର ଆର୍ଥୀକ ପରିସ୍ଥିତି ଭୟଙ୍କର ହୋଇ ଯାଇଥିଲା। ୨୦୧୮ ସେପ୍ଟେମ୍ବର ସୁଦ୍ଧା ବ୍ୟାଙ୍କର ଏନ୍‌ପିଏ ୩୧ ପ୍ରତିଶତ ରୁ ଅଧିକ ହୋଇଥିଲା। ଏହାର ଅର୍ଥ ହେଉଛି ବ୍ୟାଙ୍କ ଦେଇଥିବା ପ୍ରତି ୩ ଟଙ୍କା ଋଣ ମଧ୍ୟରୁ ଏକ ଟଙ୍କା ଡୁବିଯାଇଛି। ଅବସ୍ଥା ଏପରି ହେଲା ଯେ ରିଜର୍ଭବ୍ୟାଙ୍କ କୁ ଆଇଡ଼ିବିଆଇ ର କାର୍ଯ୍ୟଧାରା ଉପରେ ପ୍ରତିବନ୍ଧ ଲଗାଇବାକୁ ପଡ଼ିଥିଲା।

ବ୍ୟାଙ୍କର ସ୍ଥିତି କୁ ସମ୍ଭାଳିବା ପାଇଁ ୨୦୧୮ ରେ ଭାରତ ସରକାର ଜୀବନବୀମା ନିଗମକୁ ଏହାର ୫୧ ପ୍ରତିଶତ ଅଂଶଧନ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜୀବନବୀମା ନିଗମ ହାତକୁ ନିୟନ୍ତ୍ରଣ ଆସିବା ପରେ ଆଇଡ଼ିବିଆଇ ବ୍ୟାଙ୍କ ଅନେକ କଠୋର ଆର୍ଥୀକ ଅନୁଶାସନ ଲାଗୁ କରିଥିଲା। ଯେତେବେଳେ ବ୍ୟାଙ୍କର ଅବସ୍ଥା ସୁଧୁରିବାକୁ ଲାଗିଲା ସେତେବେଳେ ସରକାର ଏହାକୁ ବିକ୍ରୀ କରିବା ପାଇଁ ଚିନ୍ତା କଲେ। କିନ୍ତୁ ବିକ୍ରୀ ପାଇଁ ଏକ ଆଇନଗତ ପ୍ରତିବନ୍ଧ ଥିଲା। ୨୦୦୩ ରେ କେନ୍ଦ୍ର ସରକାର ଯେତେବେଳେ ଆଇଡ଼ିବିଆଇ କୁ ଏକ ବାଣିଜ୍ୟିକ (କମର୍ସିଆଲ) ବ୍ୟାଙ୍କରେ ପରିଣତ କଲେ ସେତେବେଳେ ତତ୍‌କାଳୀନ ଅର୍ଥମନ୍ତ୍ରୀ ସଂସଦରେ ପ୍ରତିଶୃତି ଦେଇଥିଲେ ଏହି ବ୍ୟାଙ୍କରେ ସର୍ବନିମ୍ନ ସରକାରୀ ଅଂଶଧନ ୫୧ ପ୍ରତିଶତ ସର୍ବଦା ସରକାରଙ୍କ ପାଖରେ ରହିବ। ବର୍ତ୍ତମାନର ସରକାର ବ୍ୟାଙ୍କ କୁ ବିକ୍ରୀ କରିବା ପାଇଁ ଉଦ୍ୟମ କଲାବେଳେ ଏହା ପ୍ରତିବନ୍ଧକ ସାଜିଲା। ବ୍ୟାଙ୍କକୁ କୌଣସି ଘରୋଇ ବା ବିଦେଶୀ କମ୍ପାନୀକୁ ବିକ୍ରୀ କରିବା ପାଇଁ ୨୦୦୩ ର ପ୍ରତିବନ୍ଧକ କୁ ହଟାଇବା ପାଇଁ ୨୦୨୧ ରେ କେନ୍ଦ୍ର ସରକାର ଏକ ନୂଆ ଆଇନ୍ (ବିତ୍ତ ଅଧିନିୟମ ୨୦୨୧) ପ୍ରଣୟନ କଲେ ଓ ସରକାରୀ ଅଂଶଧନ ୫୧ ପ୍ରତିଶତ ର ସୀମା କୁ ହଟାଇଦେଲେ।

ଆଇନ୍‌ଗତ ବାଧା ହଟିବା ପରେ ମଧ୍ୟ ଆଇଡ଼ିବିଆଇ କୁ ବିକ୍ରୀ କରିବା ସହଜ ନଥିଲା। ୨୦୨୬ ର ପ୍ରାରମ୍ଭରେ ସରକାର ଏହାର ବିକ୍ରୀ ପାଇଁ ଉଦ୍ୟମ କରିଥିଲେ କିନ୍ତୁ ବିକ୍ରୀ ହୋଇପାରିନଥିଲା। ପ୍ରାରମ୍ଭରେ ଅନେକ ନିବେଶକ ଆଇଡ଼ିବିଆଇ ବ୍ୟାଙ୍କ କୁ କିଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ କିନ୍ତୁ ସରକାରଙ୍କ ଲମ୍ବା ପ୍ରକ୍ରିୟା କାରଣରୁ ପଛକୁ ହଟିଯାଇଥିଲେ। ଓକ୍ ଟ୍ରି ବ୍ୟାପିଟାଲ ଭଳି ବିଦେଶୀ କମ୍ପାନୀ ବିକ୍ରୀ ପ୍ରକ୍ରିୟାରେ ବିଳମ୍ବ ପାଇଁ ମ୍ଭ ପଛକୁ ହଟିଯାଇଥିଲେ। ଭାରତର ଅନ୍ୟତମ ଘରୋଇ ବ୍ୟାଙ୍କ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆଇଡ଼ିବିଆଇକୁ କିଣିବାକୁ ଚାହୁଁଥିଲା କିନ୍ତୁ ସର୍ତ୍ତ ରଖିଥିଲା ଯେ ଆଇଡ଼ିବିଆଇର ନାମ ପରିବର୍ତ୍ତନ କରି କୋଟାକ ମହିନ୍ଦ୍ରା ବ୍ୟାଙ୍କ ରଖାଯିବ। କିନ୍ତୁ ନାମ ପରିବର୍ତ୍ତନ କୁ ନେଇ ବିବାଦ ଉପୁଜିଥିଲା। ସେହିଭଳି ଦୁବାଇର ଏମିରେଟସ ଏନବିଡ଼ି ମଧ୍ୟ ଆଇଡ଼ିବିଆଇ କିଣିବାରୁ ଓହରି ଯାଇଥିଲା। କାରଣ ଦୁବାଇର ଏହି କମ୍ପାନୀ ଭାରତର ଆରବିଏଲ୍ ବ୍ୟାଙ୍କ କୁ କିଣିବା ପାଇଁ ଅର୍ଥ ନିବେଶ କରିସାରିଥିଲା। ଏତଦ୍ ବ୍ୟତୀତ ବ୍ୟାଙ୍କର ୯୫ ପ୍ରତିଶତ ଅଂଶଧନ ସରକାର ଏବଂ ଜୀବନବୀମା ନିଗମ ହାତରେ ଥିବାରୁ ଏହାର ମୂଲ୍ୟ କୃତ୍ରିମ ରପରେ ଅଧିକ ଦେଖାଯାଉଥିଲା। ଏପରିକି ବ୍ୟାଙ୍କର ପୁରୁଣା କର୍ମଚାରୀଙ୍କ ଭବିଷ୍ୟତ ର ପେନସନ ମଧ୍ୟ ନିବେଶକ ଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ପରିଶେଷରେ କାନାଡ଼ାର ଫେୟାରଫକ୍ସ ଆଇଡ଼ିବିଆଇ କୁ କ୍ରୟ କରିବ ବୋଲି ଚୂଡ଼ାନ୍ତ ହୋଇଛି।



କେନ୍ଦ୍ର ସରକାର ଆଇଡ଼ିବିଆଇ ର ଶେୟାର ବା ଅଂଶଧନର ମୂଲ୍ୟ ୭୫ଟଙ୍କା୯୯ପଇସା ରଖିଥିବା ବେଳେ କାନାଡ଼ା କମ୍ପାନୀ ପ୍ରତି ଅଂଶଧନ କୁ ୮୧ ଟଙ୍କାରେ କିଣିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତ୍ୟକ୍ଷ ନିବେଶର ଅର୍ଥ ହେଉଛି କୌଣସି ବିଦେଶୀ କମ୍ପାନୀ ଭାରତର କୌଣସି କମ୍ପାନୀ ରେ ଅଧିକ ଅର୍ଥ ନିବେଶ କରି ତାର ନିୟନ୍ତ୍ରଣ କୁ ହାତକୁ ନେବା। ଏୟାର ଇଣ୍ଡିଆ ପରେ ଏହା ହେଉଛି ସବୁଠାରୁ ବଡ଼ ବିନିବେଶ ଯେଉଁଠି ସରକାରୀ କମ୍ପାନିକୁ ସରକାର ପୁରାପୁରି ଗରୋଇ ହାତକୁ ଟେକି ଦେଇଛନ୍ତି। ଭାରତରେ ୧୯୯୧ ରେ ଆର୍ଥୀକ ଉଦାରୀକରଣ ଆରମ୍ଭ ହୋଇଥିଲା। ଭାରତ ସମାଜବାଦୀ ଅର୍ଥ ବ୍ୟବସ୍ଥା ରୁ ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା ଆଡ଼କୁ ମୁହାଁଇଲା। ସରକାରୀ କମ୍ପାନୀରୁ ସରକାର ପୁଞ୍ଜି ପ୍ରତ୍ୟହାର କରିବା (ଅଂଶଧନ ବିକ୍ରୀ କରିବା) ଆରମ୍ଭ କରିଦେଲେ। କଂଗ୍ରେସ ସରକାର ଅମଳରେ ଆର୍ଥୀକ ଉଦାରୀକରଣ ହୋଇଥିଲା କିନ୍ତୁ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଏକ ପୂର୍ଣ୍ଣକାଳୀନ ବିନିବେଶ ମନ୍ତ୍ରୀ ଙ୍କୁ ଅବସ୍ଥାପିତ କରି ସରକାରୀ କମ୍ପାନୀରୁ ଅଂଶଧନ ପ୍ରତ୍ୟାହାର ଏପରିକି ବିକ୍ରୀ କୁ ଅଧିକ ଗତି ଦେଇଥିଲେ। ବାଜପେୟୀଙ୍କ ସରକାରର ବିନିବେଶ ମନ୍ତ୍ରୀ ଥିଲେ ପ୍ରଖ୍ୟାତ ସାମ୍ବାଦିକ ଅରୁଣ ସୌରି ଓ ତାଙ୍କର କାମଥିଲା ସରକାରୀ କମ୍ପାନୀକୁ ବିକି ସେଥିରୁ ପ୍ରାପ୍ତ ଧନକୁ ସରକାରଙ୍କ ତହବିଲରେ ଭରିବା। ବାଜପେୟୀଙ୍କ ପରେ ଏବେର ସରକାର ବିନିବେଶ କୁ ଅଧିକ ତ୍ୱରାନିତ କରିଛନ୍ତି। ଏହିକ୍ରମରେ ଆଇଡ଼ିବିଆଇ କୁ କାନାଡ଼ା କମ୍ପାନୀ କୁ ବିକ୍ରୀ କରାଯାଉଛି। ଦେଖାଯାଉ ଆଗକୁ ଆଉ କ’ଣ କ’ଣ ସବୁ ବିକ୍ରୀ ହେବ

ରାମଚନ୍ଦ୍ରପୁର
ରଣପୁର
ମୋ-୯୪୩୮୪୮୫୦୯୪

ଗଣତାନ୍ତ୍ରିକ ମୂଲ୍ୟବୋଧ

ଭାରତରେ ‘କ୍ରୋନି କ୍ୟାପିଟାଲିଜମ’ର ସ୍ଥାନ ନାହିଁ ବୋଲି କହିବା ସତ୍ୟର ଅପଳାପ ହେବ ! ଆମ ଦେଶରେ, ସବୁ ସରକାରଙ୍କ ଅମଳରେ ପୁଞ୍ଜିପତିମାନଙ୍କ ପ୍ରଚ୍ଛନ୍ନ ପ୍ରଭାବ ଦେଖିବାକୁ ମିଳିଛି । ବେଳେ ବେଳେ ସରକାର ଓ ପୁଞ୍ଜିପତି ହାତ ଧରାଧରି ହୋଇ ଚାଲୁଥିବା ମଧ୍ୟ ଦିଶିଛି । କିନ୍ତୁ ଆମେରିକା ଭଳି ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧୀ ତଥା ବ୍ୟକ୍ତି-ସର୍ବଭୌମତ୍ୱର ପୃଷ୍ଠପୋଷକ ପୁଞ୍ଜିପତି ଓ ସେମାନଙ୍କ ଦ୍ୱାରା ବଶୀଭୂତ ସରକାର ଅନ୍ତତଃ ପକ୍ଷେ ଏଠାରେ ଦେଖାଯାଆନ୍ତି ନାହିଁ । ଅଳ୍ପ ଦିନ ତଳେ ପୃଥିବୀର ସର୍ବାଧିକ ଧନିକ ଏଲନ ମସ୍କ ତାଙ୍କ ଏକ୍ସ ହାଣ୍ଡଲରେ ପ୍ରଦତ୍ତ ମନ୍ତବ୍ୟରେ ଏକ ପରୋକ୍ଷ ଆକ୍ଷେପ କରିଥିଲେ ଯେ ଭାରତର ପ୍ରକୃତ ଶାସନ-କର୍ତ୍ତା ଏକ ନିର୍ବାଚିତ ସରକାର ନୁହେଁ, ବରଂ ଜଣେ ଅମିତ ବିତ୍ତଶାଳୀ ଶିଳ୍ପପତି ! ସେମିତି, ନିକଟରେ ଭାରତ ଗସ୍ତ କରିଥିବା ଆମେରିକୀୟ ସ୍ୱରାଷ୍ଟ୍ର ମନ୍ତ୍ରୀ ମାର୍କ ରୁବିଓ, ନୂଆଦିଲ୍ଲୀ ପରିବର୍ତ୍ତ ମୁମ୍ବାଇରେ ଅବତରଣ କରି ଜାମନଗରଠାରେ ମୁକେଶ ଅମ୍ବାନୀଙ୍କ ସହିତ ସାକ୍ଷାତ ଓ ଆଲୋଚନା କରି ଫେରି ଯାଇଛନ୍ତି । କହିବା ଅନାବଶ୍ୟକ ଯେ ଲୋକକ୍ଷେତ୍ରରେ ଏହାକୁ ନେଇ ଯେଉଁ ଆଲୋଚନାର ଝଡ଼ ସୃଷ୍ଟି ହୋଇଥିଲା, ତହିଁରେ ତାତ୍କାଳିକ ବିବାଦ ହିଁ ପ୍ରମୁଖ ସ୍ଥାନ ଅଧିକାର କରିଥିଲା; ଯେମିତି ଭାରତରେ ଏଲନ ମସ୍କଙ୍କ କଂପାନି ‘ଷ୍ଟାରଲିଙ୍କ’ ପ୍ରବେଶ କରି ପାରୁ ନ ଥିବା ହେତୁ ତାଙ୍କ କ୍ଷୋଭ ଓ ସେଭଳି କ୍ଷୋଭର ଯାଥାର୍ଥ୍ୟ କିମ୍ବା ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ଭଳି ସାମାନ୍ୟ ସୌଜନ୍ୟ ଏବଂ କୂଟନୈତିକ ଶୃଙ୍ଖଳା ପ୍ରଦର୍ଶନ କରି ନ ଥିବା ମାର୍କ ରୁବିଓଙ୍କ କାର୍ଯ୍ୟର ଔଚିତ୍ୟ ଇତ୍ୟାଦି ! କିନ୍ତୁ ଏହି ପରିପ୍ରେକ୍ଷୀରେ ଯେଉଁ ବିଷୟ ଭୟ ଓ ଅସ୍ୱସ୍ତିର ଶୀତଳ ଶିହରଣ ଖେଳାଇ ଦେବା ଲାଗି ଯଥେଷ୍ଟ, ତାହା ଉପରେ ବିମର୍ଶର ବିଶେଷ ଆଲୋକ ପଡ଼ିନାହିଁ, ଯାହାକୁ ନେଇ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ଚଳିତ ବର୍ଷ ଅଗଷ୍ଟ ମାସରେ ପ୍ରକାଶିତ, ସାମ୍ବାଦିକ ଓ ଚିନ୍ତକ ଜିଲ ଡୁରାନଙ୍କ ଦ୍ୱାରା ରଚିତ, ‘ନ୍ୟୁୟର୍କ ଟାଇମ୍‌ସ’ ପତ୍ରିକାର ସର୍ବାଧିକ ବିକ୍ରି ହେଉଥିବା ପୁସ୍ତକ ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଥିବା ବହି ‘ନର୍ଡ ରେଇକ୍’ରେ କୁହାଯାଇଛି ଯେ ଆମେରିକାର କତିପୟ ଅର୍ବପତି, ବିଶେଷ କରି ସିଲିକନ ଭ୍ୟାଲିରେ ବିଚରଣ କରୁଥିବା କିଛି ଅପରିମେୟ ବିତ୍ତର ଅଧିକାରୀ, ପୁଞ୍ଜିପତି ତଥା ଟେକ୍ କଂପାନିର ମାଲିକ ସୁବ୍ୟବସ୍ଥିତ ଭାବେ ଗଣତନ୍ତ୍ରକୁ ଭୂଲୁଣ୍ଠିତ କରିବାକୁ ଉଦ୍ୟମରତ, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ପିଟର ଥିଲ, ମାର୍କ ଆଣ୍ଡରସନ, ବାଲାଜୀ ଶ୍ରୀନିବାସନ, ଏଲନ ମସ୍କ ଇତ୍ୟାଦି । ଏମାନଙ୍କ ମଧ୍ୟରୁ ପିଟର ଥିଲ୍ ଓ ବାଲାଜୀ ଶ୍ରୀନିବାସନ ଅତି ଖୋଲାଖୋଲି ଭାବେ, ବିଭିନ୍ନ ପ୍ରଭାବଶାଳୀ ମଞ୍ଚରେ, ସେମାନଙ୍କ ବ୍ୟକ୍ତି-ତାନ୍ତ୍ରିକ ଦର୍ଶନର ପ୍ରଚାରରେ ବ୍ୟାପୃତ ! ପ୍ରକାଶ ଥାଉ କି ପିଟର ଥିଲ୍‌ଙ୍କ ଚିନ୍ତନକୁ ପ୍ରଭାବିତ କରିଛି ୧୯୯୭ ମସିହାରେ ପ୍ରକାଶିତ ପୁସ୍ତକ ‘ଦ ସଭରନ ଇଣ୍ଡିଭିଜୁଆଲ’ (‘ସର୍ବଭୌମ ବ୍ୟକ୍ତି’), ଯାହାର ମୂଳ ଉପପାଦ୍ୟ ହେଲା ଇଣ୍ଟରନେଟ, ଡିଜିଟାଲ ଅର୍ଥନୀତି ଓ ‘ଏନକ୍ରିପ୍‌ସନ’ ବା ‘ଗୋପନୀୟ ଭାବେ ତଥ୍ୟ ପ୍ରେରଣର ସୂତ୍ର’ ଆଦି ମାଧ୍ୟମରେ ଜଣେ ବ୍ୟକ୍ତି ସରକାର ଓ ଶାସନ ବ୍ୟବସ୍ଥାକୁ ଭ୍ରୂକ୍ଷେପ ନ କରି, ସ୍ୱଇଚ୍ଛାରେ, ସ୍ୱନିର୍ବାଚିତ ପଥରେ ନିଜ ମନୋନୀତ ସ୍ଥାନରେ ରହି ସଂପଦ ସୃଷ୍ଟି ଓ ଠୁଳ କରି ପାରିବ; ଅର୍ଥାତ୍ ରାଷ୍ଟ୍ର ନୁହେଁ, ବ୍ୟକ୍ତି ହିଁ ହେବ ‘ସର୍ବଭୌମତ୍ୱର ଅଧିକାରୀ’ । ସେହିଭଳି ପିଟର ଥିଲ୍‌ଙ୍କ ଜଣେ ଶିଷ୍ୟ, ଭାରତୀୟ ମୂଳୋଦ୍ଭବ ବାଲାଜୀ ଶ୍ରୀନିବାସନଙ୍କ ଦ୍ୱାରା ରଚିତ ଓ ୨୦୨୨ ମସିହାରେ ପ୍ରକାଶିତ ପୁସ୍ତକ ‘ଦ ନେଟୱାର୍କ ଷ୍ଟେଟ୍’ରେ ସେ ଥିଲ୍‌ଙ୍କ ଠାରୁ ଆଉ ଧାପେ ଆଗେଇ ଯାଇ କହିଛନ୍ତି କିଭଳି, ଇଣ୍ଟରନେଟ ଜରିଆରେ, ପୃଥିବୀର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ସମ ମତାବଲମ୍ବୀମାନେ ‘ନେଟୱାର୍କ’ ମାଧ୍ୟମରେ ସଂଯୋଜିତ ହୋଇ ଏକ ପ୍ରତୀୟମାନ ରାଷ୍ଟ୍ର ରୂପେ ସ୍ୱୀକୃତି ଲାଭ କରିବା ଲାଗି ଦାବି କରି ପାରନ୍ତି, ନିଜସ୍ୱ ଆଇନ ପ୍ରଣୟନ କରି ପାରନ୍ତି ବା ନିଜ ବାଟରେ ଆପଣା ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ମଧ୍ୟ ସୃଷ୍ଟି କରି ପାରନ୍ତି ! ସୁତରାଂ, ଏଭଳି ସ୍ଥିତିରେ କୌଣସି ରାଷ୍ଟ୍ରର ସରକାର, ଶାସନ ବ୍ୟବସ୍ଥା ଓ ଭୌଗୋଳିକ ସୀମାରେଖା ଯେ ନିରର୍ଥକ ହୋଇଯିବ, ତାହା ସ୍ପଷ୍ଟ । ଏଥିରେ ଦ୍ୱିମତ ନାହିଁ ଯେ ସୂଚନା ପ୍ରଯୁକ୍ତି ଯୁଗର ପ୍ରାରମ୍ଭ ହେବା ପରେ ସୃଷ୍ଟି ହୋଇଥିବା ସିଲିକନ ଭ୍ୟାଲିର ଅନେକ ଅର୍ବପତି ସଂବେଦନଶୂନ୍ୟ, ଅହଙ୍କାରୀ, ତୀବ୍ର ବ୍ୟକ୍ତିବାଦୀ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ହେୟମନସ୍କ ହୋଇଥିବା ଦେଖାଯାଏ, ଯେମିତି ପିଟର ଥିଲ୍ । ଜିଲ ଡୁରାନ କହନ୍ତି ଯେ ଏଭଳି ଅର୍ବପତିମାନଙ୍କ ସହିତ ଯୁଗଳ ନୃତ୍ୟରେ ଅବତୀର୍ଣ୍ଣ ହେବା ଲାଗି ଡୋନାଲଡ ଟ୍ରମ୍ପ ବା ଜେ. ଡି. ଭାନ୍‌ସ ବା ମାର୍କ ରୁବିଓଙ୍କ ଭଳି କ୍ଷମତାଲିପ୍‌ସୁ, ମତାନ୍ଧ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପଦାନତ କରିବାକୁ ପ୍ରସ୍ତୁତ ନେତାଙ୍କ ଆବିର୍ଭାବ ମଧ୍ୟ ଘଟିଛି । ଏହା ସୁବିଦିତ ଯେ ଯେକୌଣସି ଗଣତନ୍ତ୍ରରେ ନିର୍ବାଚନକୁ ପ୍ରଭାବିତ କରିବା ଲାଗି ପୁଞ୍ଜିପତିମାନେ ଆପଣା ସମର୍ଥିତ ରାଜନୈତିକ ଦଳ ଲାଗି ବିପୁଳ ଅର୍ଥ ବ୍ୟୟ କରନ୍ତି ଏବଂ ସେହି ଦଳ ଯଦି କ୍ଷମତାସୀନ ହୁଏ, ତେବେ, ନେପଥ୍ୟରୁ ପ୍ରଭାବ ବିସ୍ତାର କରି ନିଜକୁ ସୁହାଇଲା ଭଳି ନୀତି ନିର୍ଦ୍ଧାରଣ କରାଇବାଠାରୁ ନେଇ ବିଶେଷ ସୁବିଧା ଓ ଅଧିକାର ଲାଭ ପର୍ଯ୍ୟନ୍ତ ଅନେକ ସୁଯୋଗର ହିତାଧିକାରୀ ମଧ୍ୟ ହୁଅନ୍ତି, ଯାହା ‘କ୍ରୋନି କ୍ୟାପିଟାଲିଜମ’ ଭାବେ ଜଣାଶୁଣା । ସେହି ଦୃଷ୍ଟିରୁ ୨୦୨୪ ମସିହା ନିର୍ବାଚନରେ ଡୋନାଲଡ ଟ୍ରମ୍ପଙ୍କ ସକାଶେ ଏଲନ ମସ୍କ କରିଥିବା ବିପୁଳ ବ୍ୟୟ (ପ୍ରାୟ ୨୯୦ ମିଲିଅନ ଡଲାର) ବିଶେଷ ଭ୍ରୂକୁଞ୍ଚନର କାରଣ ହୋଇ ନ ଥାଏ ବା ତା’ ପ୍ରତିବଦଳରେ ମସ୍କଙ୍କୁ ଅନେକ ଲାଭ ମିଳିବାର ସମ୍ଭାବନାରେ ବିସ୍ମିତ ହେବାର କାରଣ ମଧ୍ୟ ନ ଥାଏ ! କିନ୍ତୁ ଜିଲ ଡୁରାନଙ୍କ ମତରେ ବିଡ଼ମ୍ବନାଟି ଥିଲା ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ରାଷ୍ଟ୍ରପତିତ୍ୱ ସମୟରେ, ପ୍ରଥମ ପାଞ୍ଚ ମାସ, ଏଲନ ମସ୍କ, ସର୍ବ ସମକ୍ଷରେ, ଜଣେ ସମାନ୍ତରାଳ ରାଷ୍ଟ୍ରପତି ରୂପେ, ଅନେକ ନୀତି ନିର୍ଦ୍ଧାରଣ ଓ ନିଷ୍ପତ୍ତିର ସୂତ୍ରଧର ହେବା । ଏହାର ଅର୍ଥ ନିର୍ବାଚିତ ନ ହୋଇ ମଧ୍ୟ ହ୍ୱାଇଟ ହାଉସରୁ ଶାସନ ଚଳାଇବା ! ଡୁରାନ କହନ୍ତି ଏଭଳି ଅର୍ବପତିମାନେ ଅକାତରେ ଗଣତନ୍ତ୍ରକୁ ନତଜାନୁ କରିଦେଇ ପାରନ୍ତି । ଉଲ୍ଲେଖଯୋଗ୍ୟ, ଆମେରିକାରେ ହେବାକୁ ଯାଉଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ରିପବ୍ଲିକାନ ଦଳ ସକାଶେ ଏଲନ ମସ୍କ ପ୍ରଦାନ କରିଛନ୍ତି ୪୪୫ ମିଲିଅନ ଡଲାର । ପୂର୍ବରୁ ଆମେରିକୀୟ ନିର୍ବାଚନର ‘କ୍ରିପଟୋ’ ମୁଦ୍ରାର କୌଣସି ଭୂମିକା ନ ଥିବାବେଳେ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ସକାଶେ ‘କ୍ରିପଟୋ’ ସୂତ୍ରରୁ ମିଳିଛି ଅତ୍ୟନ୍ତ ବିପୁଳ ୫୪୬ ମିଲିଅନ ଡଲାର, ଯାହାର ବ୍ୟବସ୍ଥା କରିଥିବେ ପିଟର ଥିଲ୍ ବା ବାଲାଜୀ ଶ୍ରୀନିବାସନ ବା ତାଙ୍କ ସମଧର୍ମୀମାନେ ! ଜିଲ ଡୁରାନ କହନ୍ତି ଯେ ଏଭଳି ସ୍ଥିତିରେ ସଂବେଦନ ବିରହିତ ନିର୍ଦ୍ଦୟ ଅର୍ବପତିମାନଙ୍କ ଦ୍ୱାରା ଗଣତନ୍ତ୍ର ଖର୍ବ ହୋଇଯିବା ସୁନିଶ୍ଚିତ, ଯହିଁରେ ଟ୍ରମ୍ପ ଓ ତାଙ୍କ ସତୀର୍ଥ ରାଜନେତାମାନେ ଗଣତନ୍ତ୍ରର ସ୍ଖଳନର ଇଚ୍ଛାକୃତ ଅଂଶୀଦାର ହେବେ ! ଭାରତରେ ‘କ୍ରୋନି କ୍ୟାପିଟାଲିଜମ’ର ସ୍ଥାନ ନାହିଁ ବୋଲି କହିବା ସତ୍ୟର ଅପଳାପ ହେବ ! ଆମ ଦେଶରେ, ସବୁ ସରକାରଙ୍କ ଅମଳରେ ପୁଞ୍ଜିପତିମାନଙ୍କ ପ୍ରଚ୍ଛନ୍ନ ପ୍ରଭାବ ଦେଖିବାକୁ ମିଳିଛି । ବେଳେ ବେଳେ ସରକାର ଓ ପୁଞ୍ଜିପତି ହାତ ଧରାଧରି ହୋଇ ଚାଲୁଥିବା ମଧ୍ୟ ଦିଶିଛି । କିନ୍ତୁ ଆମେରିକା ଭଳି ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧୀ ତଥା ବ୍ୟକ୍ତି-ସର୍ବଭୌମତ୍ୱର ପୃଷ୍ଠପୋଷକ ପୁଞ୍ଜିପତି ଓ ସେମାନଙ୍କ ଦ୍ୱାରା ବଶୀଭୂତ ସରକାର ଅନ୍ତତଃ ପକ୍ଷେ ଏଠାରେ ଦେଖାଯାଆନ୍ତି ନାହିଁ । ତେଣୁ ଏଲନ ମସ୍କ ଭାରତକୁ ନିଜ ଚଷମାରେ ଦେଖି ହୁଏତ କହି ପକାଇଲେ ଯେ ଭାରତ ଜଣେ ପୁଞ୍ଜିପତିଙ୍କ ଦ୍ୱାରା ଶାସିତ ଏବଂ ମାର୍କ ରୁବିଓ ତାଙ୍କ ଭାରତ ଗସ୍ତ କାଳରେ ସାମାନ୍ୟ ଗଣତାନ୍ତ୍ରିକ ମର୍ଯ୍ୟାଦା ରକ୍ଷା କରିବାକୁ ଭୁଲିଗଲେ ! ତେବେ, କଥାଟି ଏଠାରେ ସରୁ ନାହିଁ । ଆମେରିକାରେ ହେଉ ପଛକେ, ଏହା ଯଦି ସତରେ ବ୍ୟକ୍ତି-ସର୍ବଭୌମତ୍ୱର ବିକାଶ ଓ ଗଣତନ୍ତ୍ରର ପତନର ପ୍ରାରମ୍ଭ ହୁଏ, ତେବେ ଭୟଭୀତ ହେବାର କାରଣ ରହିଛି ।

ରାଷ୍ଟ୍ରୀୟ ଅସ୍ମିତା ଏବେ ଅଦାଲତର କାଠଗଡ଼ାରେ

ଗୋଲଖ ଚନ୍ଦ୍ର ଦାସ

ଯେତେବେଳେ କୌଣସି ଦେଶର ସାଂସ୍କୃତିକ, ସାମାଜିକ କିମ୍ବା ରାଷ୍ଟ୍ରୀୟ ପରିଚୟ ଆଇନ ଓ ନ୍ୟାୟପାଳିକାର ପରିସରକୁ ଆସେ, ସେତେବେଳେ ସମ୍ବିଧାନ, ବ୍ୟକ୍ତିଗତ ସ୍ୱାଧୀନତା ଓ ଜନଭାବନା ମଧ୍ୟରେ ସନ୍ତୁଳନର ପ୍ରଶ୍ନ ଉଠିଥାଏ। ‘ବନ୍ଦେ ମାତରମ୍’କୁ ନେଇ ବର୍ତ୍ତମାନର ଆଇନଗତ ବିତର୍କ ମଧ୍ୟ ଏହି ବଡ଼ ପ୍ରଶ୍ନ ସହ ଜଡ଼ିତ।

ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ ‘ବନ୍ଦେ ମାତରମ୍’ ଭାରତର ରାଷ୍ଟ୍ରୀୟ ଗୀତ। ସ୍ୱାଧୀନତା ସଂଗ୍ରାମରେ ଏହା ଦେଶପ୍ରେମ ଓ ଆନ୍ଦୋଳନର ଏକ ପ୍ରମୁଖ ପ୍ରତୀକ ଥିଲା। ୧୮୯୬ର କଂଗ୍ରେସ ଅଧିବେଶନରେ ରବୀନ୍ଦ୍ରନାଥ ଠାକୁର ଏହାକୁ ଗାଇଥିଲେ ଏବଂ ୧୯୦୫ର ସ୍ୱଦେଶୀ ଆନ୍ଦୋଳନରେ ଏହା ରାଷ୍ଟ୍ରୀୟ ଚେତନାର ଏକ ଶକ୍ତିଶାଳୀ ପ୍ରତୀକ ହୋଇଉଠିଥିଲା।



୨୪ ଜାନୁଆରୀ ୧୯୫୦ର ସମ୍ବିଧାନ ସଭାର କାର୍ଯ୍ୟବାହୀରେ ‘ଜନ ଗଣ ମନ’କୁ ରାଷ୍ଟ୍ରୀୟ ସଙ୍ଗୀତ ଭାବେ ଗ୍ରହଣ କରାଯିବା ସହ ‘ବନ୍ଦେ ମାତରମ୍’କୁ ମଧ୍ୟ ସମାନ ସମ୍ମାନ ଦିଆଯିବାର କଥା ତତ୍କାଳୀନ ସଭାପତି ଡ. ରାଜେନ୍ଦ୍ର ପ୍ରସାଦ ଉଲ୍ଲେଖ କରିଥିଲେ।

କେନ୍ଦ୍ର ସରକାର ‘ରାଷ୍ଟ୍ରୀୟ ସମ୍ମାନ ଅପମାନ ନିବାରଣ ଆଇନ’ରେ ସଂଶୋଧନ ଆଣି ସରକାରୀ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍‌ର ସମସ୍ତ ୬ଟି ଅନ୍ତରା ଗାଇବାକୁ ବାଧ୍ୟତାମୂଳକ କରିଥିଲେ। ସଙ୍ଗୀତଜ୍ଞ ଟି.ଏମ୍. କ୍ରିଷ୍ଣା ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ଯୁକ୍ତି ଦେଇଥିଲେ ଯେ ବନ୍ଦେ ମାତରମ୍‌ର ଶେଷ ୪ଟି ପଦରେ ହିନ୍ଦୁ ଦେବଦେବୀ—ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଆରାଧନା ରହିଛି। ତାଙ୍କ ମତରେ, ଏହାକୁ ଗାଇବା ପାଇଁ ବାଧ୍ୟ କରିବା ଦ୍ୱାରା ଦେଶର ଧର୍ମନିରପେକ୍ଷତାର ଆଦର୍ଶ କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। ଏହି ମାମଲାରେ ସୁପ୍ରିମକୋର୍ଟ କହିଥିବା ମତ ଅନୁଯାୟୀ, ‘ବନ୍ଦେ ମାତରମ୍’ ରାଷ୍ଟ୍ରୀୟ ଗୀତ। ଏହାର କେତେ ଅନ୍ତରା ରହିବ କିମ୍ବା ସଙ୍ଗୀତର ରୂପରେଖ କିପରି ହେବ, ତାହା ନିର୍ଦ୍ଧାରଣ କରିବା କୋର୍ଟର କାମ ନୁହେଁ; ଏହା ଗଣତାନ୍ତ୍ରିକ ସରକାରଙ୍କ ଅଧିକାର ଭିତରେ ଆସେ। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ୧୯୮୬ର ‘ବିଜୋଇ ଇମାନୁଏଲ ବନାମ କେରଳ ସରକାର’ (ଈସହକ୍କର ରଜ୍ଞଙ୍କବଭଙ୍କରକ୍ଷ ଙ୍ଖ. ଝଶ୍ୱବଶ୍ୱର କ୍ଟଲ କରକ୍ସବକ୍ଷବ) ମାମଲାର ଉଦାହରଣ ଦେଇଛନ୍ତି। ସେହି ମାମଲାରେ କୋର୍ଟ କହିଥିଲେ ଯେ, ଯଦି କେହି ନିଜ ଧାର୍ମିକ ବିଶ୍ୱାସ କାରଣରୁ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରୁନାହାନ୍ତି, ମାତ୍ର ସମ୍ମାନର ସହ ଠିଆ ହେଉଛନ୍ତି, ତେବେ ସେ ଦଣ୍ଡନୀୟ ନୁହନ୍ତି। ବନ୍ଦେ ମାତରମ୍‌କୁ ନେଇ ଚାଲିଥିବା ଏହି ଆଇନଗତ ଲଢ଼େଇ ପୁଣିଥରେ ରାଷ୍ଟ୍ରୀୟ ଅସ୍ମିତାକୁ ଅଦାଲତର କାଠଗଡ଼ାରେ ଠିଆ କରିଛି। ପ୍ରଶ୍ନ ହେଉଛି—ରାଷ୍ଟ୍ରୀୟ ପ୍ରତୀକଗୁଡ଼ିକର ସମ୍ମାନ ମଧ୍ୟ ବ୍ୟକ୍ତିର ବ୍ୟକ୍ତିଗତ ପସନ୍ଦ ଉପରେ ନିର୍ଭର କରିବା ଉଚିତ୍ କି ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବା ଆବଶ୍ୟକ। ସଂଶୋଧନ ଏହା କହେ ନାହିଁ ଯେ ପ୍ରତ୍ୟେକ ନାଗରିକଙ୍କୁ ବନ୍ଦେ ମାତରମ୍ ଗାଇବାକୁ ହିଁ ପଡ଼ିବ ଏବଂ ନ ଗାଇଲେ ତାଙ୍କୁ ଜେଲ୍ ହେବ। ସଂଶୋଧିତ ଆଇନ ରାଷ୍ଟ୍ରୀୟ ଗୀତର ଗାନକୁ ରୋକିବା କିମ୍ବା ଏହାର ଗାନ ହେଉଥିବା ସଭାରେ ବାଧା ସୃଷ୍ଟି କରିବାକୁ ଦଣ୍ଡନୀୟ କରିଥାଏ । ଏଥିପାଇଁ ସର୍ବାଧିକ ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍, ଜୋରିମାନା କିମ୍ବା ଉଭୟର ବ୍ୟବସ୍ଥା ଥିବା କଥା ମଧ୍ୟ ଉଲ୍ଲେଖ କରାଯାଇଛି। ଅର୍ଥାତ୍, କୌଣସି ବ୍ୟକ୍ତିଙ୍କର ଶାନ୍ତିପୂର୍ଣ୍ଣ ଉପାୟରେ ଗୀତ ନ ଗାଇବା ଏବଂ କୌଣସି ସାର୍ବଜନୀନ ଆୟୋଜନରେ ଜାଣିଶୁଣି ବାଧା ସୃଷ୍ଟି କରିବା ମଧ୍ୟରେ ଆଇନଗତ ପାର୍ଥକ୍ୟ ରହିଛି। ସୁପ୍ରିମକୋର୍ଟଙ୍କ ବର୍ତ୍ତମାନର ଶୁଣାଣି ଏହି ସାମ୍ବିଧାନିକ ସୀମାର ପରୀକ୍ଷା କରୁଛି ।

ଏଠାରେ ମୂଳ ପ୍ରଶ୍ନ କେବଳ କେହି ଗୀତ ଗାଇବେ କି ନାହିଁ ତାହା ନୁହେଁ। ପ୍ରଶ୍ନ ହେଉଛି—ରାଷ୍ଟ୍ରୀୟ ପ୍ରତୀକ ପ୍ରତି ସମ୍ମାନ ଏବଂ ନାଗରିକଙ୍କ ମୌଳିକ ଅଧିକାର ମଧ୍ୟରେ ସୀମାରେଖା କେଉଁଠି ରହିବ ଭାରତୀୟ ଧର୍ମନିରପେକ୍ଷତାର ମୂଳ ଭାବନା ହେଉଛି—ରାଷ୍ଟ୍ର ସମସ୍ତ ଧର୍ମ ପ୍ରତି ସମାନ ବ୍ୟବହାର କରିବ। ସମ୍ବିଧାନର ଅନୁଚ୍ଛେଦ ୨୫ରୁ ୨୮ ଧାର୍ମିକ ସ୍ୱାଧୀନତାକୁ ସୁରକ୍ଷା କରେ। ତେଣୁ ଧର୍ମନିରପେକ୍ଷତାର ଅର୍ଥ କୌଣସି ଧର୍ମକୁ ଅସ୍ୱୀକାର କରିବା ନୁହେଁ; ବରଂ ନାଗରିକଙ୍କ ଧାର୍ମିକ ସ୍ୱାଧୀନତା ଓ ସମାନତାକୁ ସୁରକ୍ଷା କରିବା। ଏହି କସଟି କେବଳ ବନ୍ଦେ ମାତରମ୍ ପ୍ରସଙ୍ଗରେ ନୁହେଁ, ଧାର୍ମିକ ସଂସ୍ଥା, ଧାର୍ମିକ ସମ୍ପତ୍ତି ଓ ଶିକ୍ଷାନୁଷ୍ଠାନ ସମ୍ବନ୍ଧୀୟ ରାଷ୍ଟ୍ରୀୟ ନୀତିରେ ମଧ୍ୟ ସମାନ ଭାବରେ ପ୍ରଯୁଜ୍ୟ ହେବା ଉଚିତ୍ ।

ବନ୍ଦେ ମାତରମ୍ ପ୍ରସଙ୍ଗରେ ଧର୍ମନିରପେକ୍ଷତାକୁ ଚୟନାତ୍ମକ ଢଙ୍ଗରେ ବ୍ୟବହାର କରାଯାଇପାରିବ ନାହିଁ। ଯଦି ଧାର୍ମିକ ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ, ତେବେ ତାହା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶିଖ, ବୌଦ୍ଧ, ଜୈନ ଏବଂ ପ୍ରତ୍ୟେକ ଅନ୍ୟ ନାଗରିକ ପାଇଁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଯଦି ରାଷ୍ଟ୍ରୀୟ ପ୍ରତୀକଗୁଡ଼ିକର ସମ୍ମାନ ଆବଶ୍ୟକ, ତେବେ ତାହାର ଆଶା ମଧ୍ୟ ସମସ୍ତଙ୍କଠାରୁ ସମାନ ହେବା ଉଚିତ୍। ଯଦି ଧାର୍ମିକ ସଂସ୍ଥାଗୁଡ଼ିକୁ ଆଇନ ଅନୁସାରେ ନିଜର ମାମଲାଗୁଡ଼ିକର ପରିଚାଳନା କରିବାର ଅଧିକାର ରହିଛି, ତେବେ ରାଷ୍ଟ୍ରର ନିୟମନ ମଧ୍ୟ ସମାନ ସାମ୍ବିଧାନିକ କସଟି ଉପରେ ହେବା ଉଚିତ୍। ଧର୍ମନିରପେକ୍ଷତା ଯଦି ପ୍ରକୃତରେ ସମ୍ବିଧାନର ଏକ ମୂଲ୍ୟ, ତେବେ ତାହାକୁ ଅର୍ଦ୍ଧ-ଅଧୁରା ସୁବିଧା ଭାବରେ ନୁହେଁ, ବରଂ ଏକ ପୂର୍ଣ୍ଣ ସାମ୍ବିଧାନିକ ସିଦ୍ଧାନ୍ତ ଭାବରେ ଗ୍ରହଣ କରିବା ଆବଶ୍ୟକ। ନାଗରିକଙ୍କ ଧାର୍ମିକ ସ୍ୱାଧୀନତା ସୁରକ୍ଷିତ ରହୁ, କୌଣସି ସମୁଦାୟ ସହିତ ଧର୍ମର ଆଧାରରେ ପାତରଅନ୍ତର କରା ନ ଯାଉ ଏବଂ ସେହିପରି ରାଷ୍ଟ୍ରୀୟ ପ୍ରତୀକଗୁଡ଼ିକର ସମ୍ମାନ ତଥା ଆଇନର ଶାସନର ସୁରକ୍ଷା ହେଉ—ଏହା ହିଁ ସେହି ସନ୍ତୁଳନ, ଯାହା ଭାରତ ପରି ଏକ ବହୁଧାର୍ମିକ ଗଣତନ୍ତ୍ରର ଆବଶ୍ୟକତା ରହିଛି। ଏଥିରେ କୌଣସି ହିନ୍ଦୁ, ମୁସଲମାନ ବା ଅନ୍ୟ ମତ, ପନ୍ଥ କିମ୍ବା ଧର୍ମର କଥା ନାହିଁ। ଏତିକି ତ ବନ୍ଦେ ମାତରମ୍‌ର ବିରୋଧ କରୁଥିବା ଭାରତର ନାଗରିକମାନେ ବୁଝିପାରିବେ !

ମନ୍ଦିର, ଓ୍ୱାକଫ୍ ସମ୍ପତ୍ତି, ଚର୍ଚ୍ଚ ଓ ଅନ୍ୟାନ୍ୟ ଧାର୍ମିକ ନ୍ୟାସର ପ୍ରଶାସନରେ ରାଷ୍ଟ୍ରର ଭୂମିକା କେଉଁ ଆଇନଗତ ମାନଦଣ୍ଡରେ ନିର୍ଦ୍ଧାରିତ ହେବ—ଏହି ପ୍ରଶ୍ନ ଉପରେ ମଧ୍ୟ ସମାନ ସାମ୍ବିଧାନିକ ଦୃଷ୍ଟିକୋଣ ଆବଶ୍ୟକ। ସେହିପରି, ସମ୍ବିଧାନର ଅନୁଚ୍ଛେଦ ୨୯ ଓ ୩୦ ସଂଖ୍ୟାଲଘୁମାନଙ୍କ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାରକୁ ସୁରକ୍ଷା କରେ। ଏହି ବ୍ୟବସ୍ଥାଗୁଡ଼ିକ ସମାନତାର ବ୍ୟାପକ ସାମ୍ବିଧାନିକ ଧାରଣା ସହ କିପରି ସନ୍ତୁଳିତ ହେବ, ତାହା ନେଇ ମଧ୍ୟ ନିରନ୍ତର ଆଲୋଚନା ଆବଶ୍ୟକ। ରାଷ୍ଟ୍ରୀୟ ପ୍ରତୀକର ସମ୍ମାନ ଗଣତାନ୍ତ୍ରିକ ନାଗରିକତାର ଏକ ଅଂଶ। ତେବେ ସେହି ସମ୍ମାନ ନିଶ୍ଚିତ କରିବା ସମୟରେ ବ୍ୟକ୍ତିର ଧାର୍ମିକ ବିଶ୍ୱାସ ଓ ମୌଳିକ ଅଧିକାରକୁ ମଧ୍ୟ ବିଚାର କରିବାକୁ ହେବ। ଏହି ଦୁଇଟି ମୂଲ୍ୟ ପରସ୍ପର ବିରୋଧୀ ହେବା ଆବଶ୍ୟକ ନୁହେଁ। ଆବଶ୍ୟକତା ହେଉଛି ଏପରି ଏକ ସାମ୍ବିଧାନିକ ସନ୍ତୁଳନ, ଯେଉଁଠାରେ ନାଗରିକଙ୍କ ଧାର୍ମିକ ସ୍ୱାଧୀନତା ସୁରକ୍ଷିତ ରହିବ, କୌଣସି ସମୁଦାୟ ପ୍ରତି ଧର୍ମ ଆଧାରରେ ପାତରଅନ୍ତର ହେବ ନାହିଁ ଏବଂ ରାଷ୍ଟ୍ରୀୟ ପ୍ରତୀକ ପ୍ରତି ସମ୍ମାନ ମଧ୍ୟ ଅବିକଳ ରହିବ। ବନ୍ଦେ ମାତରମ୍ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ଐତିହାସିକ ସ୍ମୃତି ଓ ରାଷ୍ଟ୍ରୀୟ ଚେତନାର ପ୍ରତୀକ ତେଣୁ ଏହାକୁ ନେଇ ମତଭେଦ ହେବା ଅନୁଚିତ । ଆସନ୍ତୁ ଆମେ ସମସ୍ତେ ଏକାଠି ହୋଇ ବନ୍ଦେ ମାତରମ୍ ର ସମସ୍ତ ୬ଟି ଅନ୍ତରାକୁ ଗାଇ ରାଷ୍ଟ୍ରୀୟ ସଂଗୀତକୁ ସମ୍ମାନ ଜଣାଇବା ।

ଏଫ୍ -୩୫, ଏନ୍ ଏ ସି ଫ୍ଲାଟ, ୟୁନିଟ-୩,
ଖାରବେଳନଗର, ଭୁବନେଶ୍ୱର,ମୋ-୯୮୬୧୦୬୯୫୫୩

ଆଞ୍ଚଳିକ ମନ୍ଥନ

ମଙ୍ଗଳବାର,୩ ନଭେମ୍ବର ୨୦୨୬, ଭୁବନେଶ୍ୱର Tuesday,3 November 2026, Bhubaneswar



ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲା

ତଦନ୍ତ ତଦାରଖରୁ ଓହରିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୧୧(ଏଜେନ୍ସି): ଅଯୋଧ୍ୟାର ରାମ ମନ୍ଦିରକୁ ଆସିଥିବା ଦାନ ଅର୍ଥ ଚୋରି ଅଭିଯୋଗ ମାମଲାରେ ତଦନ୍ତ ଉପରେ ତଦାରଖ ବନ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ୮ ଜଣ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ ହୋଇଥିବା ସୂଚନା ମିଳିବା ପରେ ସୋମବାର ଏହି ନିଷ୍ପତ୍ତି ନେଇଛନ୍ତି ସର୍ବୋଚ୍ଚ ଅଦାଲତ।ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଆଇନ ଅନୁଯାୟୀ ମାମଲା ଆଗକୁ ବଢ଼ାଇବାକୁ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କୌଣସି ପକ୍ଷଙ୍କୁ ପକ୍ଷପାତ କରିବା ଉଚିତ୍ ନୁହେଁ କାରଣ ଏହା ଅଭିଯୋଗର ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରିନାହିଁ।ତଦନ୍ତକାରୀ ଦଳ ମନ୍ଦିର



ପରିସରରେ ଦାନ ଟଙ୍କା ଗଣତି ସମୟରେ ୧୦୫ଟି ସ୍ଥାନରେ ଅନଧିକୃତ ଭାବେ ଟଙ୍କା ଚୋରି ହେବା ଘଟଣା ଚିହ୍ନଟ କରିଥିବା ସରକାର ଅଦାଲତଙ୍କୁ ଜଣାଇଛନ୍ତି। ସେପ୍ଟେମ୍ବରରେ ଅଯୋଧ୍ୟାର ଦୁର୍ନୀତି ନିରୋଧୀ ଅଦାଲତରେ ୬୦ ହଜାରରୁ ଅଧିକ ପୃଷ୍ଠାର ଅଭିଯୋଗପତ୍ର ଦାଖଲ ହୋଇଛି। ତଦନ୍ତରେ ୧୭୩ ଜଣ ସାକ୍ଷୀଙ୍କ ବୟାନ ନିଆଯାଇଛି। ମନ୍ଦିରର ଦାନ ଅର୍ଥ ଓ ମୂଲ୍ୟବାନ ସାମଗ୍ରୀର ହିସାବ ମଧ୍ୟ ଯାଞ୍ଚ କରାଯାଇଛି। ଜୁନ୍ ୭ରେ ମନ୍ଦିରରୁ ୫ ରୁ ୭.୫ କୋଟି ଟଙ୍କାର ଦାନ ଅର୍ଥ ହଡ଼ପ ଅଭିଯୋଗ ଉଠିଥିଲା। ଜୁନ୍ ୨୬ରେ ଦାନ ଟଙ୍କା ପରିଚାଳନା ସହ ଜଡ଼ିତ ୮ ଜଣ କର୍ମଚାରୀ ଗିରଫ ହୋଇଥିଲେ।

ରୋଜଗାର ମେଳାରେ ୨୭୮୭ ଯୁବକଯୁବତୀଙ୍କୁ ମିଳିଲା ଚାକିରି

ନୂଆଦିଲ୍ଲୀ,୨।୧୧(ଏଜେନ୍ସି): ଉତ୍ତରପ୍ରଦେଶର ଅଯୋଧ୍ୟାରେ ଆୟୋଜିତ ରୋଜଗାର ମେଳାରେ ୫୧୮୭ ଜଣ ପ୍ରାର୍ଥୀ ଭାଗ ନେଇଥିବା ବେଳେ ୨୭୮୭ ଜଣଙ୍କୁ ବିଭିନ୍ନ କମ୍ପାନୀରେ ଚାକିରି ମିଳିଛି। ମନୋନୀତ ପ୍ରାର୍ଥୀଙ୍କୁ ମାସିକ ୮ ହଜାରରୁ ୪୫ ହଜାର ଟଙ୍କା ପର୍ଯ୍ୟନ୍ତ ଦରମାରେ ନିଯୁକ୍ତି ପ୍ରସ୍ତାବ ଦିଆଯାଇଛି। ବେକାରୀ ସମସ୍ୟା ମଧ୍ୟରେ ଚାକିରି ଖୋଜୁଥିବା ଯୁବକଯୁବତୀଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି। ଉତ୍ତରପ୍ରଦେଶର ଅଯୋଧ୍ୟାସ୍ଥିତ ଝୁନଝୁନୱାଲା ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ରେ ଏକ ବୃହତ୍ ରୋଜଗାର ମେଳା ଆୟୋଜନ କରାଯାଇଥିଲା। ଗୁରୁବାର ଅନୁଷ୍ଠିତ ଏହି ମେଳାର ଉଦଘାଟନ ମେୟର ମହନ୍ତ ଗିରୀଶପତି ତ୍ରିପାଠୀ କରିଥିଲେ। ନିଯୁକ୍ତି କାର୍ଯ୍ୟାଳୟର ସହଯୋଗରେ ଆୟୋଜିତ ଏହି ମେଳାରେ ମୋଟ ୫୧୮୭ ଜଣ ପ୍ରାର୍ଥୀ ଭାଗ ନେଇଥିଲେ।ଏହି ରୋଜଗାର ମେଳାରେ ଦେଶର ୯୫ଟି ପ୍ରତିଷ୍ଠିତ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଏଥିରେ ମଦରସନ ମେଟ୍ ଅଟୋମୋଟିଭ୍, କୃଷ୍ଣା ମାରୁତି



ଲିମିଟେଡ୍, ସନ୍ ଭାକ୍ୟୁମ୍ ଫାର୍ମସ୍ ଇଣ୍ଡିଆ ଲିମିଟେଡ୍, ଅଟୋ କମ୍ପ କର୍ପୋରେସନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଟାଟା ଗୋଟିଆ ଗ୍ରୀନ୍ ଏନର୍ଜି, ଅସାହି ଇଣ୍ଡିଆ ଗ୍ଲାସ୍, ଲକ୍ଷ୍ମୀ ଅଗ୍ନି କମ୍ପୋନେଣ୍ଟସ୍ ଓ ବିକେଟି ଟାୟାର୍ସ ଭଳି କମ୍ପାନୀ ସାମିଲ ହୋଇଥିଲେ।ମେଳାରେ ବିଭିନ୍ନ କମ୍ପାନୀ ପକ୍ଷରୁ ପ୍ରାର୍ଥୀମାନଙ୍କ ସାକ୍ଷାତକାର ନିଆଯାଇଥିଲା। ଏଥିରେ ମଦରସନ ମେଟ୍ ଅଟୋମୋଟିଭ୍‌ରେ ୬୧ ଜଣ, କୃଷ୍ଣା ମାରୁତିରେ ୬୯ ଜଣ, ସନ୍ ଭାକ୍ୟୁମ୍ ଫାର୍ମସ୍‌ରେ ୪୭ ଜଣ, ଅଟୋ କମ୍ପ କର୍ପୋରେସନ୍‌ରେ ୫୭ ଜଣ ଏବଂ ଟାଟା ଗୋଟିଆ ଗ୍ରୀନ୍ ଏନର୍ଜିରେ ୬୭ ଜଣ ମନୋନୀତ ହୋଇଥିଲେ। ସେହିପରି ଅସାହି ଇଣ୍ଡିଆ ଗ୍ଲାସ୍‌ରେ ୬୩ ଜଣ, ଲକ୍ଷ୍ମୀ ଅଗ୍ନି କମ୍ପୋନେଣ୍ଟସ୍‌ରେ ୧୧୭ ଜଣ ଏବଂ ବିକେଟି ଟାୟାର୍ସ ଗୁଜରାଟରେ ୮୭ ଜଣଙ୍କୁ ନିଯୁକ୍ତି ମିଳିଛି। ଏହିପରି ମୋଟ ୨୭୮୭ ଜଣ ପ୍ରାର୍ଥୀ ବିଭିନ୍ନ କମ୍ପାନୀରେ ଚାକିରି ପାଇଛନ୍ତି।ମନୋନୀତ ଯୁବକଯୁବତୀଙ୍କୁ କମ୍ପାନୀଗୁଡ଼ିକ ପକ୍ଷରୁ ମାସିକ ୮ ହଜାରରୁ ୪୫ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ପ୍ୟାକେଜ୍‌ରେ ଅଫର୍ ଲେଟର୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମେୟର ଗିରୀଶପତି ତ୍ରିପାଠୀ ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ। ଯୁବପିଢ଼ିଙ୍କୁ ରୋଜଗାର ଯୋଗାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଏବଂ ଏଥିପାଇଁ ନିରନ୍ତର ପ୍ରୟାସ ଜାରି ରହିଥିବା ସେ କହିଥିଲେ।ଝୁନଝୁନୱାଲା ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ବିକାଶ ନିର୍ଦ୍ଦେଶିକା ମୀନାକ୍ଷୀ ମୋଦୀଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ଏଥିରେ ନିର୍ଦ୍ଦେଶକ ଆଶୁତୋଷ ତ୍ରିପାଠୀ, ଡକ୍ଟର ଗିରିଜେଶ ତ୍ରିପାଠୀ ଓ ଝୁନଝୁନୱାଲା ଡିଗ୍ରୀ କଲେଜର ଅଧ୍ୟକ୍ଷା ଡକ୍ଟର ସରିତା ମିଶ୍ରଙ୍କ ସମେତ ଅନେକ ଅତିଥି ଉପସ୍ଥିତ ଥିଲେ। ଏଭଳି ରୋଜଗାର ମେଳା ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ ସିଧାସଳଖ କମ୍ପାନୀ ସହ ଯୋଡ଼ିବା ସହ ସେମାନଙ୍କ ପାଇଁ ନୂଆ ରୋଜଗାରର ସୁଯୋଗ ସୃଷ୍ଟି କରୁଛି।

ଆଜମ୍ ଖାନ୍‌ଙ୍କୁ ଝଟ୍‌କା

ନୂଆଦିଲ୍ଲୀ,୨।୧୧(ଏଜେନ୍ସି):ସମାଜବାଦୀ ପାର୍ଟି ମହାସଚିବ ଆଜମ୍ ଖାନ୍‌ଙ୍କୁ ସୁପ୍ରିମକୋର୍ଟରୁ ସୋମବାର ବଡ଼ ଝଟ୍‌କା ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ତାଙ୍କୁ କରାଯାଇଥିବା ଗିରଫଦାରୀକୁ ଚାଲେଞ୍ଜ କରି ହୋଇଥିବା ଆବେଦନ ଉପରେ ଜରୁରୀ ଶୁଣାଣି କରିବାକୁ କୋର୍ଟ ମନା କରିଦେଇଛନ୍ତି।ସୂଚନାଯୋଗ୍ୟ, ହାଇକୋର୍ଟରୁ ଜାମିନ୍ ମିଳିବା ପରେ ଜେଲରୁ ବାହାରିବା କ୍ଷଣି ଇଡି ତାଙ୍କୁ ଗିରଫ କରିଥିଲା। ଇଡିର ଗିରଫଦାରୀକୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ଏହି ସପ୍ତାହରେ କୌଣସି ସମୟରେ ତାଲିକାଭୁକ୍ତ ହୋଇପାରେ। ଶନିବାର ସନ୍ଧ୍ୟାରେ ଆଜମ ଖାନ୍‌ଙ୍କୁ ରାମପୁର ଜେଲରୁ ମୁକ୍ତ କରାଯାଇଥିଲା। ଇଡି ତାଙ୍କୁ ଜେଲ ଗେଟରେ ଗିରଫ କରି ଗାଜିଆବାଦ ନେଇଯାଇଥିଲା।ରବିବାର ଗାଜିଆବାଦରେ ହାଜର ହେବା ପରେ, ଆଜମ୍ ଖାନ୍‌ଙ୍କୁ ଡାସନା ଜେଲକୁ ପଠାଯାଇଥିଲା। ଆଜି ତାଙ୍କ ରିମାଣ୍ଡ ହାଜତ ଉପରେ ଶୁଣାଣି ହେବାର ସମ୍ଭାବନା ଅଛି। ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ବି ମୋହନାଙ୍କ ଖଣ୍ଡପୀଠ ଆଜମ୍ ଖାନ୍‌ଙ୍କ ଓକିଲ ନିଜାମ ପାଶାଙ୍କ ଯୁକ୍ତିକୁ ଧ୍ୟାନକୁ ନେଇଥିଲେ ଓ ଜରୁରୀ ଶୁଣାଣି ପାଇଁ ଆବେଦନକୁ ତାଲିକାଭୁକ୍ତ କରିବାକୁ ମନା କରିଥିଲେ। ତଥାପି ମୁଖ୍ୟ ବିଚାରପତି କହିଛନ୍ତି ଯେ, ଚଳିତ ସପ୍ତାହରେ ଆବେଦନର ଶୁଣାଣି କରାଯାଇପାରିବ।

ଦିଲ୍ଲୀ-ଏନ୍‌ସିଆର୍‌ରେ ସବୁଜ ବାଣ ଫୁଟାଇବାକୁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ,୨।୧୧(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର୍‌ରେ ଦୀପାବଳିରେ ଅପେକ୍ଷାକୃତ କମ୍ ପ୍ରଦୂଷଣ କରୁଥିବା ସବୁଜ ବାଣ ଫୁଟାଇବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ଦିଲ୍ଲୀ-ଏନ୍‌ସିଆରରେ ଦୀପାବଳି ସମୟରେ ଦୁଇ ଦିନ ପାଇଁ ସବୁଜ ବାଣ ଫୁଟାଇବାକୁ ପାଇଁ ଅନୁମତି ପ୍ରଦାନ କରିଛନ୍ତି ଓ ଏଥିପାଇଁ ସମୟ ମଧ୍ୟ ନିର୍ଦ୍ଧାରଣ କରିଛନ୍ତି। ନଭେମ୍ବର ୭ ଓ ୮ତାରିଖ ସକାଳ ୬ଟାରୁ ୭ଟା ଘଣ୍ଟାଏ ପାଇଁ ଓ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇ ପାରିବେ। ୯ ତାରିଖରେ ପୁନର୍ବାର ବାଣ ଫୁଟାଇବା ଉପରେ ପ୍ରତିବନ୍ଧକ ଲାଗୁ ହେବ।ସୁପ୍ରିମକୋର୍ଟ



ସ୍କୁଲ, କଲେଜ,ହସ୍ପିଟାଲ ଓ ବୃଦ୍ଧାଶ୍ରମ ପରି ଅଞ୍ଚଳଗୁଡ଼ିକ ଚାରିପାଖକୁ 'ସାଇଲେନ୍ସ ଜୋନ୍' ଘୋଷଣା କରିଛନ୍ତି। ଏହି ଅଞ୍ଚଳଗୁଡ଼ିକର ୩୦୦ 'ସାଇଲେନ୍ସ ଜୋନ୍' ଅଞ୍ଚଳ ବାଣ ନ ଫୁଟାଇବାକୁ ମଧ୍ୟ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ମିଟର ପରିଧି ମଧ୍ୟରେ କୌଣସି ପ୍ରକାରର ବାଣ ଫୁଟାଇବାକୁ ଅନୁମତି ଦିଆଯାଇ ନାହିଁ। ଏହି ଅଞ୍ଚଳଗୁଡ଼ିକୁ 'ନୋ-କ୍ରାକର ଜୋନ୍' ଘୋଷଣା କରାଯାଇଛି। କୋର୍ଟ କର୍ତ୍ତୃପକ୍ଷଙ୍କୁ ଏହି ଅଞ୍ଚଳକୁ ଚିହ୍ନିତ କରିବାକୁ ଓ 'ନୋ-କ୍ରାକର ଜୋନ୍' ବିଷୟରେ ସୂଚନା ସାର୍ବଜନୀନ ଭାବରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅସୁସ୍ଥ ବ୍ୟକ୍ତିମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବା ଉଚିତ୍ ନୁହେଁ ବୋଲି କହିବା ସହିତ କୋର୍ଟ ତାଙ୍କ ଆଦେଶରେ କର୍ତ୍ତୃପକ୍ଷଙ୍କୁ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଶରଦ ପାୱାର ଅସୁସ୍ଥ

ନୂଆଦିଲ୍ଲୀ,୨।୧୧(ଏଜେନ୍ସି):ମହାରାଷ୍ଟ୍ର ରାଜନୀତିର ଅନ୍ୟତମ ବରିଷ୍ଠ ରାଜନେତା ତଥା ଏନ୍‌ସିପି (ଶରଦଚନ୍ଦ୍ର ପାୱାର) ଗୋଷ୍ଠୀର ମୁଖ୍ୟ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟ ହଠାତ୍ ବିଗିଡ଼ି ଯାଇଛି। ତାଙ୍କୁ ପୁଣେର ରୁବି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କାଶ ଓ ଦୁର୍ବଳତା ଅନୁଭବ କରିବା ପରେ ଡାକ୍ତରମାନେ ତାଙ୍କୁ ହସ୍ପିଟାଲରେ ରହି ଚିକିତ୍ସା ହେବା ପାଇଁ ପରାମର୍ଶ ଦେଇଛନ୍ତି।ଶରଦ ପାୱାର ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖରେ ସୋଲାପୁର ଜିଲ୍ଲାର ମାଢା ତାଲୁକା ଅନ୍ତର୍ଗତ ତୁଳସୀ ଗାଁ ଏବଂ ପାଣ୍ଡରପୁର ତାଲୁକାର ଦୁଧାଲି ଗାଁ ଗସ୍ତ କରିଥିଲେ। ଏହି ସମୟରେ ସେ ମରୁଡ଼ି ପ୍ରଭାବିତ ଅଞ୍ଚଳର ସ୍ଥିତି ସମୀକ୍ଷା କରିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ।ଚାଷୀମାନଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ଉଠାଇବେ ବୋଲି ଶ୍ରୀ ପାୱାର ଆଶ୍ୱାସନା ଦେଇଥିଲେ। କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ପରେ ଶ୍ରୀ ପାୱାର ସୋଲାପୁରରୁ ପୁଣେ ଫେରି ଆସିଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କୁ ରୁବି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ବୋଲି ଜଣାପଡ଼ିଛି। ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।ଅନ୍ୟପକ୍ଷରେ ଦୀପାବଳି ପରେ କରମାଲା ମରୁଡ଼ି ପ୍ରଭାବିତ ଅଞ୍ଚଳ ପରିଦର୍ଶନରେ ଯାଇଥାନ୍ତେ ଶରଦ ପାୱାର। ହେଲେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଯାଇଛି। ତେଣୁ ତାଙ୍କର ଆଗାମୀ ଗସ୍ତକୁ ବାତିଲ କରାଯାଇଛି।

ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ଏକାଧିକ କଟକଣା

୫୦ ପ୍ରତିଶତ କର୍ମଚାରୀ କରିବେ ୱାର୍କ ଫ୍ରମ୍ ହୋମ୍

ନୂଆଦିଲ୍ଲୀ,୨।୧୧(ଏଜେନ୍ସି):ଦିଲ୍ଲୀରେ ବିଷାକ୍ତ ପବନକୁ ନେଇ ବଢ଼ିଲା ସରକାରଙ୍କ ଚିନ୍ତା । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଲାଗୁ ହେଲା ନୂଆ କଟକଣା । ପୁରୁଣା ଗାଡ଼ିର ପ୍ରବେଶ ଉପରେ ରୋକ୍‌ଠାରୁ ଆରମ୍ଭ କରି ୱାର୍କ ଫ୍ରମ୍ ହୋମ୍ ପର୍ଯ୍ୟନ୍ତ ଏକାଧିକ ପଦକ୍ଷେପ ନିଆଯାଇଛି । ଏପରିକି ଗାଡ଼ିର ଚଟଉ ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ ଓ ଡିଜେଲ ମିଳିବ ନାହିଁ। ନଭେମ୍ବର ୧ରୁ ଫେବ୍ରୁଆରି ୨୮ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଏହି କଟକଣା ଲାଗୁ ରହିବ । ପ୍ରଥମ କଟକଣା ହେଉଛି ଗାଡ଼ି ଚଳାଚଳ ଉପରେ । ଦିଲ୍ଲୀ ବାହାରେ ପଞ୍ଜୀକୃତ BS-VI ମାନକଠାରୁ କମ୍ ମାନର ଗାଡ଼ିକୁ ରାଜଧାନୀରେ ପ୍ରବେଶ ଅନୁମତି ମିଳିବ ନାହିଁ । ତେବେ ଇଲେକ୍ଟ୍ରିକ୍, ଉଘଏ ଏବଂ ଜରୁରୀକାଳୀନ ସେବାରେ ନିୟୋଜିତ ଗାଡ଼ିକୁ ଏଥିରୁ ଛାଡ଼ ଦିଆଯାଇଛି ।ଦ୍ୱିତୀୟ କଟକଣା ହେଉଛି ୱାର୍କ ଫ୍ରମ୍ ହୋମ୍। ସରକାରୀ ଓ ଘରୋଇ କାର୍ଯ୍ୟାଳୟର ୫୦ ପ୍ରତିଶତ କର୍ମଚାରୀ ଘରୁ କାମ କରିବେ । ଏହାଦ୍ୱାରା ରାସ୍ତାରେ ଗାଡ଼ି ସଂଖ୍ୟା କମିବା ସହ ଯାତାୟାତ ଜନିତ ପ୍ରଦୂଷଣ ହ୍ରାସ ପାଇବା ଲକ୍ଷ୍ୟ ରଖାଯାଇଛି । ତୃତୀୟ କଟକଣା ଅନୁସାରେ, ଗାଡ଼ିର ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବା ଚଟଉ ନଥିଲେ ପେଟ୍ରୋଲ ପମ୍ପରେ ଇନ୍ଧନ ମିଳିବ ନାହିଁ । ଚତୁର୍ଥ ପଦକ୍ଷେପ ଭାବେ ଧୂଳି ସୃଷ୍ଟି କରୁଥିବା ନିର୍ମାଣ କାମ ଉପରେ କଟକଣା ଲଗାଯାଇଛି । ଏହାସହ ଦିଲ୍ଲୀର ସରକାରୀ ପାର୍କିଂରେ ପାର୍କିଂ ଫି' ଦୁଇଗୁଣ କରାଯାଇଛି। ଗାଡ଼ି ବ୍ୟବହାରକୁ ନିରୁତ୍ସାହିତ କରିବା ଏହାର ଉଦ୍ଦେଶ୍ୟ । ଯାତାୟାତ ଭିଡ଼ କମାଇବା ପାଇଁ ସରକାରୀ କାର୍ଯ୍ୟାଳୟର ସମୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି ।

ବାତ୍ୟା 'ମୁରାସୁ'; ଚେନ୍ନାଇ-ବିଜୟୱାଡ଼ାରେ ବିମାନ ଚଳାଚଳ ବାତିଲ୍

ନୂଆଦିଲ୍ଲୀ,୨।୧୧(ଏଜେନ୍ସି): ବଙ୍ଗୋପସାଗରରେ ଶକ୍ତିଶାଳୀ ହୋଇଛି ବାତ୍ୟା 'ମୁରାସୁ'। ଏହାର ପ୍ରଭାବରେ ତାମିଲନାଡୁର ଚେନ୍ନାଇ ସମେତ ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଆରମ୍ଭ ହୋଇଥିବାବେଳେ ଆନ୍ଧ୍ରପ୍ରଦେଶ ଉପକୂଳରେ ବିପଦ ଘନେଇଛି। ସୋମବାର ମଧ୍ୟରାତ୍ରିରୁ ମଙ୍ଗଳବାର ଭୋର୍ ମଧ୍ୟରେ ନେଲ୍‌ଲୋର ଓ ନରସାପୁର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏହା ସ୍ଥଳଭାଗ ଛୁଇଁବା ସମ୍ଭାବନା ରହିଛି। ସେତେବେଳେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିଲୋମିଟର ଓ ଝଟକା ପବନ ୧୨୦ କିଲୋମିଟର ଛୁଇଁପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।ବାତ୍ୟା ପ୍ରଭାବରେ ବିମାନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଜୟୱାଡ଼ା ବିମାନବନ୍ଦରରୁ ଇଣ୍ଡିଗୋର ୧୦ଟି ବିମାନ ବାତିଲ୍ ହୋଇଛି। ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଦୁଇଟି ବିମାନ ସେବା ମଧ୍ୟ ବନ୍ଦ ରହିଛି। ଚେନ୍ନାଇରୁ ବିଜୟୱାଡ଼ା, ରାଜମୁନ୍ଦ୍ରୀ, କଡପା ଓ ତିରୁଚିରାପଲ୍ଲୀକୁ ଯାଉଥିବା ୧୧ଟି ବିମାନ ବାତିଲ୍ କରାଯାଇଛି। ଯାତ୍ରୀମାନଙ୍କୁ ବିମାନବନ୍ଦର ଯିବା ପୂର୍ବରୁ ବିମାନ ସେବା ସଂସ୍ଥାଠାରୁ ସ୍ଥିତି ଜାଣିବାକୁ ପରାମର୍ଶ ଦିଆଯାଇଛି।ଆନ୍ଧ୍ର ସରକାର ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୬ଟି ଏନ୍‌ଡିଆର୍‌ଏଫ୍ ଓ ୭ଟି ଏସ୍‌ଡିଆର୍‌ଏଫ୍ ଦଳ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ନେଇ ପ୍ରଶାସନ ସତର୍କ ରହିଛି।ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଓଡ଼ିଶା ଅଗ୍ନିଶମ ବାହିନୀର ୩୦୦ରୁ ଅଧିକ ଉଦ୍ଧାରକାରୀଙ୍କ ଦଳକୁ ପ୍ରସ୍ତୁତ ରଖାଯାଇଛି। ଓଡ଼ିଶାରେ ୪୦ରୁ ୫୦ କିମି ବେଗରେ ପବନ ବହିପାରେ। ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ବର୍ଷା ହେବ ବୋଲି କୁହାଯାଇଛି। ସମୁଦ୍ରକୂଳକୁ ନଯିବା ଓ ଅନାବଶ୍ୟକ ଯାତ୍ରାରୁ ଦୂରେଇ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି।

'କାହାର ଭାବନା ଆଘାତ ପାଇଥିଲେ କ୍ଷମା ପ୍ରାର୍ଥନା କରୁଛି'

ନୂଆଦିଲ୍ଲୀ,୨।୧୧(ଏଜେନ୍ସି): ବାଗେଶ୍ୱର ଧାମର ପୀଠାଧୀଶ୍ୱର ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ନିଜର ଏକ ମନ୍ତବ୍ୟକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ଦିଆଯାଇଥିବା ଏକ ବିବୃତିକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିବା ପରେ, ସେ ନିଜେ ସାମ୍ନାକୁ ଆସି ଏହାର ସ୍ପଷ୍ଟୀକରଣ ଦେଇଛନ୍ତି। ଧୀରେନ୍ଦ୍ର ଶାସ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ସେ କଦାପି ଭଗବାନ କୃଷ୍ଣଙ୍କ ବିରୋଧୀ ନୁହଁନ୍ତି ଏବଂ ଯଦି ତାଙ୍କ କଥାରେ କାହାର ଧାର୍ମିକ ଭାବନା ଆଘାତପ୍ରାପ୍ତ ହୋଇଥାଏ, ତେବେ ସେ ଏଥିପାଇଁ ନିଃସର୍ତ୍ତରେ କ୍ଷମା ପ୍ରାର୍ଥନା କରୁଛନ୍ତି।ସୂଚନାଯୋଗ୍ୟ ଯେ, ବାଗେଶ୍ୱର ବାବା ନିଜର ଦରବାର ଓ ପ୍ରବଚନ ସମୟରେ ବିଭିନ୍ନ ବିଷୟ ଉପରେ ମତ ରଖିଥାଆନ୍ତି । କିଛି ଦିନ ତଳେ ତାଙ୍କର ଏକ ଭିଡିଓ ଭାଇରାଲ ହୋଇଥିଲା । ଯେଉଁଥିରେ ସେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଏବଂ ତାଙ୍କ ଜୀବନର କିଛି ଦିଗ ଉପରେ ଆଲୋଚନା କରିଥିଲେ । ତେବେ ଏହି ମନ୍ତବ୍ୟକୁ ନେଇ କିଛି ସଂଗଠନ ଏବଂ ବ୍ୟକ୍ତି ଆପତ୍ତି ପ୍ରକାଶ କରିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ, ବାବାଙ୍କ ଏହି ଶୈଳୀ ଭଗବାନ ଶ୍ରୀକୃଷ୍ଣଙ୍କ ମର୍ଯ୍ୟାଦା ବିରୁଦ୍ଧରେ ଯାଉଛି।ଏମିତିରେ ବଢୁଥିବା ବିବାଦକୁ ଦେଖି ଧୀରେନ୍ଦ୍ର ଶାସ୍ତ୍ରୀ ତୁରନ୍ତ ପ୍ରତିକ୍ରିୟା ରଖିଛନ୍ତି ।



ସେ କହିଛନ୍ତି, 'ମୁଁ ସନାତନ ଧର୍ମ ଏବଂ ଭଗବାନଙ୍କ ସେବାରେ ନିଜକୁ ସମର୍ପିତ କରିଛି। ମୁଁ ଜଣେ କୃଷ୍ଣ ଭକ୍ତ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ବିରୋଧରେ କିଛି ଭୁଲ ଚିନ୍ତା ମଧ୍ୟ କରିପାରିବି ନାହିଁ। ଯଦି ମୋର କୌଣସି ଶବ୍ଦ କିମ୍ବା ବକ୍ତବ୍ୟ ଦ୍ୱାରା କାହାର ମନକୁ ଆଘାତ ଲାଗିଛି, ତେବେ ମୁଁ ହାତଯୋଡ଼ି କ୍ଷମା ମାଗୁଛି। ମୋର ଉଦ୍ଦେଶ୍ୟ କାହାର ଭାବନାକୁ ଆଘାତ ଦେବା ନଥିଲା।ସେ ଆହୁରି ମଧ୍ୟ କହିଛନ୍ତି ଯେ, ସମାଜରେ କିଛି ଲୋକ କଥାକୁ ଭୁଲ୍ ଭାବରେ ଉପସ୍ଥାପନ କରି ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ସେ ସମସ୍ତ ଶ୍ରଦ୍ଧାଳୁ ଏବଂ ଭକ୍ତମାନଙ୍କୁ ଅନୁରୋଧ କରିଛନ୍ତି ଯେ ସେମାନେ କୌଣସି ଭୁଲ୍ ଖବର କିମ୍ବା ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ ।ବାବାଙ୍କର ଏହି ବିନମ୍ର କ୍ଷମା ପ୍ରାର୍ଥନା ପରେ ତାଙ୍କର ଅନୁଗାମୀ ଓ ସମର୍ଥକମାନେ କହିଛନ୍ତି ଯେ, ଏହା ତାଙ୍କର ମହାନତାକୁ ପ୍ରମାଣିତ କରୁଛି। ଜଣେ ସାଧୁ ବା ସନ୍ଥ ଭୁଲ୍ ବୁଝାମଣାକୁ ଦୂର କରିବା ପାଇଁ ଯେପରି ଭାବରେ ଆଗେଇ ଆସିଲେ, ତାହା ପ୍ରଶଂସନୀୟ। ଏହି ଘଟଣା ପରେ ବାଗେଶ୍ୱର ଧାମ ପକ୍ଷରୁ ମଧ୍ୟ କୁହାଯାଇଛି ଯେ, ବାବା ସବୁବେଳେ ହିନ୍ଦୁ ସଂସ୍କୃତି, ଏକତା ଏବଂ ଭକ୍ତି ଭାବର ପ୍ରଚାର ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଆଗକୁ ମଧ୍ୟ ଏହି ମାର୍ଗରେ ଅଗ୍ରସର ରହିବେ।

ସିଦ୍ଦରମୈୟାଙ୍କ ଷ୍ଟିଂ ଭିଡିଓ ମାମଲା

ପାୱାର ଟିଭି ମୁଖ୍ୟଙ୍କ ଘର ଓ କାର୍ଯ୍ୟାଳୟରେ ବେଙ୍ଗାଲୁରୁ ପୁଲିସ ଚଢ଼ାଉ

ନୂଆଦିଲ୍ଲୀ,୨।୧୧(ଏଜେନ୍ସି):କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କୁ ନେଇ ପ୍ରସାରିତ ବିବାଦୀୟ ଷ୍ଟିଂ ଭିଡିଓ ମାମଲା ନୂଆ ମୋଡ଼ ନେଇଛି। ଏହି ଘଟଣାରେ ତଦନ୍ତକୁ ଜୋରଦାର କରି ବେଙ୍ଗାଲୁରୁ ପୁଲିସର କେନ୍ଦ୍ରୀୟ ଅପରାଧ ଶାଖା (ସିସିବି) ପାୱାର ଟିଭିର ପରିଚାଳନା ନିର୍ଦ୍ଦେଶକ ରାକେଶ ସେଟ୍ଟୀଙ୍କ ଘର ଓ କାର୍ଯ୍ୟାଳୟରେ ଚଢ଼ଉ କରିଛି। ଏହି ଚଢ଼ାଉ ଘଟଣାକୁ ନେଇ କର୍ଣ୍ଣାଟକ ରାଜନୀତିରେ ପୁଣି ହଟଚମଟ ସୃଷ୍ଟି ହୋଇଛି।ସିଦ୍ଦରମୈୟାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଭାବମୂର୍ତ୍ତି ନଷ୍ଟ କରିବା ଓ ତାଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ଏହି ଭିଡିଓ ପ୍ରସ୍ତୁତ କରାଯାଇଥିଲା। ଏହା ପଛରେ ଷଡ଼ଯନ୍ତ୍ର ଥିବା ନେଇ ସେ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ବେଙ୍ଗାଲୁରୁରେ ତଦନ୍ତକାରୀଙ୍କ ଏକାଧିକ ଦଳ ଚଢ଼ାଉରେ ସାମିଲ ଥିଲା। ସେଟ୍ଟୀ ବହିଷ୍କୃତ କଂଗ୍ରେସ ନେତା କୃପା ଆଲଭାଙ୍କ ସହିତ ଜାଲ୍ ଭିଡିଓ ତିଆରି କରିଥିବା ଅଭିଯୋଗ ହୋଇଥିଲା। ଉଭୟଙ୍କୁ ପୂର୍ବରୁ ପୁଲିସ ପଚରାଉଚରା କରିଥିଲା। ରବିବାର ସିସିବି ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରିବା ପରେ ଏହି ଚଢ଼ଉ କରାଯାଇଥିଲା ଯେ 'ଷ୍ଟିଙ୍ଗ୍' ଭିଡିଓ ଅପଲୋଡ୍ କରିବା ପାଇଁ ବ୍ୟବହୃତ ମୋବାଇଲ୍ ଫୋନ୍ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରମନ୍ତ୍ରୀ ଏଚ୍ ଡି କୁମାରସ୍ୱାମୀଙ୍କ ସରକାରୀ ବାସଭବନରେ ଅନ୍ୟ କାହାକୁ ହସ୍ତାନ୍ତର କରାଯାଇଥିଲା।

ତୃଣମୂଳ କଂଗ୍ରେସକୁ ପୁଣି ବଡ଼ ଝଟକା

ନୂଆଦିଲ୍ଲୀ,୨।୧୧(ଏଜେନ୍ସି):ଡିସେମ୍ବରରେ ହେବାକୁ ଥିବା କୋଲକାତା ମ୍ୟୁନିସିପାଲ କର୍ପୋରେସନ୍ ନିର୍ବାଚନ ପୂର୍ବରୁ ତୃଣମୂଳ କଂଗ୍ରେସକୁ ଏକ ବଡ଼ ଝଟକା ଲାଗିଛି। ଦଳର ଅନେକ ବରିଷ୍ଠ ପୂର୍ବତନ କାଉନସିଲର ନିର୍ବାଚନ ଲଢ଼ିବାରୁ ଓହରି ଯାଇଛନ୍ତି। ଏହି ତାଲିକାରେ କୋଲକାତାର ପୂର୍ବତନ ମେୟର ଫିରହାଦ ହାକିମ ଏବଂ ଶୋଭନ ଚାଟାର୍ଜୀ ମଧ୍ୟ ସାମିଲ ଅଛନ୍ତି। ଏହାବ୍ୟତୀତ ମେୟର-ଇନ୍-କାଉନସିଲ୍‌ର ଅନେକ ପୂର୍ବତନ ସଦସ୍ୟ ଏବଂ ବୋରୋ ଅଧ୍ୟକ୍ଷ ମଧ୍ୟ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଆଗ୍ରହୀ ନାହାନ୍ତି।ବରିଷ୍ଠ ନେତାମାନେ ନିର୍ବାଚନରୁ ଓହରିଯିବା ପରେ ତୃଣମୂଳ କଂଗ୍ରେସର ଉଭୟ ଗୋଷ୍ଠୀ ସମ୍ମୁଖରେ ୨୦୯ଟି ୱାର୍ଡ ପାଇଁ ପ୍ରାର୍ଥୀ ଖୋଜିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଗୋଟିଏ ଗୋଷ୍ଠୀର ନେତୃତ୍ୱ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନେଉଥିବା ବେଳେ ଅନ୍ୟ ଗୋଷ୍ଠୀର ନେତୃତ୍ୱ ବିଧାନସଭାରେ ବିରୋଧୀ ଦଳ ନେତା ରତବ୍ରତ ବାନାର୍ଜୀ ନେଉଛନ୍ତି। ସୂଚନାଯୋଗ୍ୟ, ସୀମା ପୁନଃନିର୍ଦ୍ଧାରଣ ପରେ ମ୍ୟୁନିସିପାଲ କର୍ପୋରେସନ୍‌ର ୱାର୍ଡ ସଂଖ୍ୟା ୧୪୪ରୁ ବୃଦ୍ଧି ପାଇ ୨୦୯ ହୋଇଛି।ତୃଣମୂଳ କଂଗ୍ରେସର ଚାରିଥର ବିଧାୟକ ରହିଥିବା ଫିରହାଦ ହାକିମ ସାର୍ବଜନୀନ ଭାବେ ଘୋଷଣା କରିଛନ୍ତି ଯେ ସେ ଆଗାମୀ ପୌର ନିର୍ବାଚନ ଲଢ଼ିବାକୁ ଚାହୁଁନାହାନ୍ତି। ସେ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀର ଜଣେ ପ୍ରମୁଖ ଚେହେରା। ହାକିମ ତାଙ୍କ ବଡ଼ ଝିଅ ପ୍ରିୟଦର୍ଶିନୀ ହାକିମଙ୍କୁ ସେ ପୂର୍ବରୁ କାଉନସିଲର ଭାବେ ପ୍ରତିନିଧିତ୍ୱ କରୁଥିବା ୱାର୍ଡରୁ ପ୍ରାର୍ଥୀ କରାଯାଇପାରେ ବୋଲି ହେଉଥିବା ଚର୍ଚ୍ଚାକୁ ମଧ୍ୟ ଖଣ୍ଡନ କରିଛନ୍ତି।ସୂଚନାଯୋଗ୍ୟ,



ମମତା ବାନାର୍ଜୀଙ୍କ ପୂର୍ବ ସରକାରରେ ଫିରହାଦ ହାକିମ କୋଲକାତାର ମେୟର ହେବା ସହ ନଗର ବ୍ୟାପାର ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ମଧ୍ୟ ରହିଥିଲେ। ତାଙ୍କ ପରେ କୋଲକାତାର ମେୟର ହୋଇଥିବା ଶୋଭନ ଚାଟାର୍ଜୀ ମଧ୍ୟ ଆଗରୁ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଛନ୍ତି।କଗଡ଼ର ପୂର୍ବତନ ଡେପୁଟି ମେୟର ଅତୀନ ଘୋଷଙ୍କ କ୍ଷେତ୍ରରେ ମଧ୍ୟ ନିର୍ବାଚନ ଲଢ଼ିବା ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ସେ ଦୀର୍ଘ ବର୍ଷ ଧରି ଯେଉଁ ୱାର୍ଡରୁ କାଉନସିଲର ଭାବେ ନିର୍ବାଚିତ ହୋଇ ଆସୁଥିଲେ, ତାହା ଏବେ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ଖବର ଅନୁସାରେ, ଘୋଷ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କୁ କହିଛନ୍ତି ଯେ ସେ ଅନ୍ୟ କୌଣସି ୱାର୍ଡରୁ ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ନୁହନ୍ତି।ମେୟର-ଇନ୍-କାଉନସିଲ୍‌ର କେବଳ ଦୁଇଜଣ ପୂର୍ବତନ ସଦସ୍ୟ ସାର୍ବଜନୀନ ଭାବେ ନିର୍ବାଚନ ଲଢ଼ିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଦକ୍ଷିଣ କୋଲକାତାରୁ ସନ୍ଦୀପ ରଞ୍ଜନ ବକ୍ସି ଏବଂ ଉତ୍ତର କୋଲକାତାରୁ ସ୍ୱପନ ସମଦ୍ଦାର ଅଛନ୍ତି।



ଦୀପାବଳି ପାଇଁ ଘର ସଫା ସହ ଦାନ୍ତର ଯତ୍ନ ବି ଜରୁରୀ

ପାର୍ବଣ ସମୟରେ ମୁଖ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ : ଡ. ସୋନିଆ ଦତ୍ତା

ଭୁବନେଶ୍ୱର, ୨।୧୧ (ନି.ପ୍ର) : ଦୀପାବଳି ଆସିଲେ ଘରକୁ ସଫାସୁତୁରା କରିବା ସହ ସଜାଇବା ପାଇଁ ସବୁଠି ତତ୍ପରତା ଦେଖିବାକୁ ମିଳେ। ଘରର ପ୍ରତ୍ୟେକ କୋଣ ସଫା କରିବା, ଆଲମାରି ସଜାଡ଼ିବା, ଘରକୁ ସୁନ୍ଦର ଭାବେ ସଜାଇବା ଏବଂ ପରିବାର ଓ ବନ୍ଧୁବାନ୍ଧବଙ୍କୁ ସ୍ୱାଗତ କରିବା ପାଇଁ ସମସ୍ତେ ପ୍ରସ୍ତୁତିରେ ଲାଗିପଡନ୍ତି। ତେବେ ଘର ସଫା କରିବା ସହ ନିଜ ଦାନ୍ତ ଓ ମୁଖର ସ୍ୱଚ୍ଛତା ପ୍ରତି ମଧ୍ୟ ସମାନ ଧ୍ୟାନ ଦେବା ଜରୁରୀ ବୋଲି ଦନ୍ତ ବିଶେଷଜ୍ଞମାନେ ମତ ଦିଅନ୍ତି।

ପାର୍ବଣ ସମୟରେ ଆମର ଦୈନନ୍ଦିନ ଜୀବନଶୈଳୀ ଓ ଖାଦ୍ୟପେୟରେ ଅନେକ ପରିବର୍ତ୍ତନ ଆସିଥାଏ। ବିଭିନ୍ନ କାର୍ଯ୍ୟକ୍ରମ, ବନ୍ଧୁବାନ୍ଧବଙ୍କ ସହ ମିଳାମିଶା, ବିଳମ୍ବିତ ରାତି ପର୍ଯ୍ୟନ୍ତ ଉତ୍ସବ ପାଳନ ଏବଂ ମିଠା ଓ ବିଭିନ୍ନ ପ୍ରକାର ଜଳଖିଆ ଖାଇବା ଭିତରେ ଅନେକ ସମୟରେ ଆମେ ଦାନ୍ତର ଯତ୍ନ ନେବାକୁ ଭୁଲିଯାଉ। ହେଲେ ଦାନ୍ତକୁ ସୁସ୍ଥ ରଖିବା ପାଇଁ ନିୟମିତ ଯତ୍ନ ନେବା ଆବଶ୍ୟକ। ପ୍ରତିଦିନ ଦାନ୍ତ ସଫା କରିବାରେ ସାମାନ୍ୟ ଅବହେଳା ମଧ୍ୟ ଆଗକୁ ଦାନ୍ତ ଓ ମାଢ଼ି ସମସ୍ୟା ସୃଷ୍ଟି କରିପାରେ।

ଦନ୍ତ ବିଶେଷଜ୍ଞଙ୍କ ମତରେ, ପ୍ରତିଦିନ ଆମ ଦାନ୍ତରେ ଜୀବାଣୁଯୁକ୍ତ ଏକ ପତଳା ଆସ୍ତରଣ ଜମା ହୋଇଥାଏ, ଯାହାକୁ ପ୍ଲାକ୍ କୁହାଯାଏ। ଠିକ୍ ଭାବରେ ଓ ନିୟମିତ ଦାନ୍ତ ନ ଘଷିଲେ ଏହି ଆସ୍ତରଣ ଜମି ରହି ଦାନ୍ତ ପୋକ ଖାଇବା, ମାଢ଼ିରେ ସଂକ୍ରମଣ ଓ ଅନ୍ୟାନ୍ୟ ମୁଖ ସମସ୍ୟା ସୃଷ୍ଟି କରିପାରେ। ପାର୍ବଣ ସମୟରେ ଅଧିକ ମିଠା ଖାଦ୍ୟ ଓ ମିଠା ପାନୀୟ ସେବନ କରିବା ଯୋଗୁଁ ଏହି ସମସ୍ୟାର



ଆଶଙ୍କା ଆହୁରି ବଢ଼ିଥାଏ।

ଯେପରି ଆମେ ବର୍ଷକୁ କେବଳ ଥରେ ଘର ସଫା କରି ରହିଯାଉନାହୁଁ, ସେହିପରି ଦାନ୍ତର ଯତ୍ନ ମଧ୍ୟ କେବଳ ବେଳେବେଳେ ନୁହେଁ, ପ୍ରତିଦିନ ନେବା ଆବଶ୍ୟକ। ଦିନକୁ ଦୁଇଥର ଦାନ୍ତ ଘଷିବା, ଦାନ୍ତ ମଝିରେ ଲାଗି ରହୁଥିବା ଖାଦ୍ୟ ସଫା କରିବା, ବାରମ୍ବାର ମିଠା ଖାଇବାରୁ ଦୂରେଇ ରହିବା ଏବଂ ରାତିରେ ଶୋଇବା ପୂର୍ବରୁ ଭଲ ଭାବରେ ଦାନ୍ତ ସଫା କରିବା ଭଳି ଛୋଟ ଛୋଟ ଅଭ୍ୟାସ ଦାନ୍ତକୁ ସୁସ୍ଥ ରଖିବାରେ ବେଶ୍ ସହାୟକ ହୋଇଥାଏ। ପାର୍ବଣ ସମୟରେ ମଧ୍ୟ ଏହି ଅଭ୍ୟାସ ଜାରି ରଖିବା ଉଚିତ।

ଦାନ୍ତର ନିୟମିତ ଯତ୍ନ ପାଇଁ ଭଲ ଓ ଭରସାଯୋଗ୍ୟ ଟୁଥପେଷ୍ଟ ବାଛିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଡାବର ରେଡ୍ ପେଷ୍ଟରେ ବିଭିନ୍ନ ଆୟୁର୍ବେଦିକ ଉପାଦାନ ରହିଛି। ଏଥିରେ ଥିବା ଲବଙ୍ଗ ତେଲ ଜୀବାଣୁ ସହ ଲଢ଼ିବା ଏବଂ ଦାନ୍ତ ଯନ୍ତ୍ରଣାରୁ ଆରାମ ଦେବାରେ ପାରମ୍ପରିକ ଭାବେ ଉପଯୋଗୀ ବୋଲି ଜଣାଶୁଣା। ସେହିପରି, ତୋମର ବୀଜ ଦାନ୍ତ ଓ ମାଢ଼ିକୁ ମଜବୁତ କରିବାରେ ସହାୟକ ହୋଇଥାଏ। ଏଥିରେ ଥିବା ପୁଦିନା ସତ୍ତ୍ୱ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଟିକୁ ସତେଜ ରଖିଥାଏ। ଭାରତୀୟ ଦନ୍ତ ଚିକିତ୍ସକ ସଂଘର ସ୍ୱୀକୃତି ପ୍ରାପ୍ତ ଏହି ଟୁଥପେଷ୍ଟ ଦୈନନ୍ଦିନ ଦାନ୍ତ ଓ ମୁଖର ଯତ୍ନ ନେବାରେ ଏକ ଭରସାଯୋଗ୍ୟ ସାଥୀ ହୋଇପାରେ। ବିଶେଷକରି ପାର୍ବଣ ସମୟର ବ୍ୟସ୍ତତା ମଧ୍ୟରେ ଏହା ଦାନ୍ତର ଯତ୍ନ ନେବାରେ ସହାୟକ ହୋଇଥାଏ।

ଦୀପାବଳି ପାଇଁ ଘରକୁ ସଫାସୁତୁରା ଓ ସୁନ୍ଦର ଭାବେ ସଜାଇବା ସହ ପରିବାର ସହ ଖୁସିରେ ପାର୍ବଣ ପାଳନ କରିବାକୁ ସମସ୍ତେ ପ୍ରସ୍ତୁତ ହେଉଥିବା ବେଳେ, ନିଜ ଦାନ୍ତ ଓ ମୁଖର ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସମାନ ଯତ୍ନ ନେବାକୁ ଦନ୍ତ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। କାରଣ, ଘରର ସଫାସୁତୁରା ଓ ସାଜସଜ୍ଜା ପାର୍ବଣର ଖୁସିକୁ ବଢ଼ାଇଥାଏ, କିନ୍ତୁ ଦାନ୍ତର ଯତ୍ନ ନେବାର ଭଲ ଅଭ୍ୟାସ ସାରା ବର୍ଷ ଆମ ହସକୁ ସୁନ୍ଦର ଓ ଉଜ୍ଜ୍ୱଳ ରଖିଥାଏ।

ଇଣ୍ଡସ ଆପଷ୍ଟୋର ଏବେ ଫୋନପେ ଆପଷ୍ଟୋର

ଭାରତର ଡିଜିଟାଲ ସାମଗ୍ରୀ ପାଇଁ ଏକ ୟୁନିଫାଏଡ ମାର୍କେଟପ୍ଲେସ

ଭୁବନେଶ୍ୱର, ୨।୧୧ (ନି.ପ୍ର) : ସମଗ୍ର ଭାରତରେ ଏହି ପ୍ଲାଟଫର୍ମକୁ ବ୍ୟାପକ ସମର୍ଥନ ମିଳିଛି, ଯେଉଁଥିରେ ଉତରପ୍ରଦେଶ, ମହାରାଷ୍ଟ୍ର, ବିହାର, କର୍ଣ୍ଣାଟକ ଏବଂ ତେଲେଙ୍ଗାନା ୟୁଜରଙ୍କ ସଂଖ୍ୟା ଦୃଷ୍ଟିରୁ ଶୀର୍ଷ ୫ଟି ରାଜ୍ୟ ଭାବେ ଉଭା ହୋଇଛନ୍ତି। ଏହାର ବର୍ଦ୍ଧିତ ଆପ୍ ଏବଂ ଗେମିଂ କାଟାଲଗରେ ଚାଟଜିପିଟି, ଡ୍ୟୁଓଲିଙ୍ଗୋ, ସେୟାର ଚାର୍ଟ ଏବଂ ସୋନି ଲିଭ ଭଳି ଲୋକପ୍ରିୟ ଆପ୍ ସହିତ ଅନର ଅଫ କିଙ୍ଗସ୍ ଏବଂ ହିଟୱିକେଟ୍ ଭଳି ଗେମ୍ ମଧ୍ୟ ରହିଛି। ସୋସିଆଲ, ଆକ୍ସନ ଏବଂ ସିମ୍ୟୁଲେସନ ଗେମ୍ଗୁଡ଼ିକ ଏହି ପ୍ଲାଟଫର୍ମର ଅଗ୍ରଣୀ କାଟେଗୋରୀରେ ସାମିଲ ଅଛି। ଓଇଏମ ପାର୍ଟନରସିପ ଯୋଗୁଁ ଆଜି ଏହି ପ୍ଲାଟଫର୍ମ ୨୦୦ ମିଲିୟନ (୨୦ କୋଟି) ରୁ ଅଧିକ ଡିଭାଇସରେ ଉପଲବ୍ଧ ରହିଛି।

PhonePe Appstore

ଏହି ରିବ୍ରାଣ୍ଡିଂ ସମ୍ପର୍କରେ ଫୋନପେ ଆପଷ୍ଟୋରର ଚିଫ୍ ବିଜନେସ ଅଫିସର, ପ୍ରିୟା ନରସିଂହନ କହିଛନ୍ତି, 'ଇଣ୍ଡସ ଆପଷ୍ଟୋରକୁ 'ଫୋନପେ ଆପଷ୍ଟୋର' ଭାବରେ ରିବ୍ରାଣ୍ଡ କରିବା ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଏହା ଫୋନପେର ବିଶ୍ୱସନୀୟତା ଓ ବ୍ୟାପକ ପହଂଚକୁ ସିଧାସଳଖ ଭାବେ ଏହି ପ୍ଲାଟଫର୍ମ ସହ ଯୋଡୁଛି। ଏବେ ଡେଭଲପର୍ସମାନେ କେବଳ ଆପ୍ ଡିସ୍କଭରି ଭିତରେ ସୀମିତ ରହିବେ ନାହିଁ, ସେମାନେ ବିଜ୍ଞାପନ, ଗିଫ୍ଟ କାର୍ଡ ଏବଂ ଟପ୍-ଅପ୍ ମାଧ୍ୟମରେ ରୋଜଗାର (ମନିଟାଇଜେସନ୍) ର ନୂଆ ସୁଯୋଗ ପାଇପାରିବେ।'

ଫୋନପେ ଆପଷ୍ଟୋର ଏବେ କେବଳ ଆପ୍ ଡିସ୍କଭରି ମଧ୍ୟରେ ସୀମିତ ନରହି ଡିଜିଟାଲ ସାମଗ୍ରୀ ଓ ସେବାଗୁଡ଼ିକର ଏକ ସମ୍ପୂର୍ଣ୍ଣ ମାର୍କେଟପ୍ଲେସ ଭାବରେ ଗଢ଼ି ଉଠୁଛି। ଏବେ ୟୁଜରମାନେ ଆପ୍ ଏବଂ ଗେମ୍ସ ବ୍ୟତୀତ ବିଭିନ୍ନ କାଟେଗୋରୀର ଗିଫ୍ଟ କାର୍ଡ ଏବଂ ଟପ୍-ଅପ୍ ଉପରେ ଆକର୍ଷଣୀୟ ଅଫରର ଲାଭ ଉଠାଇପାରିବେ। ଫୋନପେର ସୁରକ୍ଷିତ ତଥା ବିଶ୍ୱସନୀୟ ପେମେଂଟ ଇନଫ୍ରାଷ୍ଟ୍ରକଚର ସାହାଯ୍ୟରେ ଏହି ପ୍ଲାଟଫର୍ମ ଡିଜିଟାଲ ପ୍ରଡକ୍ଟସର ସନ୍ଧାନ ଓ କ୍ରୟକୁ ଅତ୍ୟନ୍ତ ସହଜ କରିଥାଏ ଏବଂ ଏଥିସହ ଡେଭଲପର୍ସମାନଙ୍କୁ ଡ୍ରିଷ୍ଟ୍ରିବ୍ୟୁସନ ଓ ମନିଟାଇଜେସନ ପାଇଁ ଏକ ଦୃଢ଼ ବିକଳ୍ପ ପ୍ରଦାନ କରେ।

ପୁନଃସ୍ଥାପନ କାର୍ଯ୍ୟର ତଦାରଖ ପାଇଁ ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କଲେ ଟିପିଏସ୍ଓଡିଏଲ୍ ସିଇଓ

ବ୍ରହ୍ମପୁର,୨।୧୧ (ନି.ପ୍ର): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍ଓଡିଏଲ)ର ସିଇଓ ଶ୍ରୀ ଅମିତ କୁମାର ଗର୍ଗ ବରିଷ୍ଠ ଅଧିକାରୀଙ୍କ ସହ ଗଞ୍ଜାମ ଜିଲ୍ଲାର ବାତ୍ୟା ପ୍ରଭାବିତ ଆସିକା, ଶେରଗଡ଼ ଓ ସାନଖେମୁଣ୍ଡି ଅଞ୍ଚଳ ଗସ୍ତ କରି ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କାର୍ଯ୍ୟର ସମୀକ୍ଷା କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗସ୍ତ ସମୟରେ ଶ୍ରୀ ଗର୍ଗ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ସେମାନେ ସାମ୍ନା କରିଥିବା ସମସ୍ୟା ଏବଂ ଅନୁଭୂତି ବିଷୟରେ ପଚାରି ବୁଝିଥିଲେ। ଏଥିସହ ସେ ବିଦ୍ୟୁତ୍ ପୁନଃସ୍ଥାପନ କାର୍ଯ୍ୟରେ ନିୟୋଜିତ ଆଗଧାଡ଼ିର କର୍ମଚାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ପ୍ରଭାବିତ ଅଞ୍ଚଳରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିବା ସହ କାର୍ଯ୍ୟ ସମୟରେ କର୍ମଚାରୀମାନେ ସାମ୍ନା କରୁଥିବା ସମସ୍ୟା ଓ ଆହ୍ୱାନ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଆଲୋଚନା ମାଧ୍ୟମରେ କ୍ଷେତ୍ରସ୍ତରରେ ଆବଶ୍ୟକତାଗୁଡ଼ିକୁ ଆକଳନ କରିବା ସହ ବିଦ୍ୟୁତ୍ ଯୋଗାଣ ଶୀଘ୍ର ସ୍ୱାଭାବିକ କରିବା ପାଇଁ ବିଭିନ୍ନ ଦଳ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀ ଗର୍ଗଙ୍କ ନେତୃତ୍ୱରେ ଟିପିଏସ୍ଓଡିଏଲ୍ ନିଜର ଆଠଟି ଜିଲ୍ଲାର



କାର୍ଯ୍ୟକ୍ଷେତ୍ରରେ ବ୍ୟାପକ ବିଦ୍ୟୁତ୍ ପୁନଃସ୍ଥାପନ କାର୍ଯ୍ୟକୁ ସମନ୍ୱିତ ଭାବେ ଆଗେଇ ନେଉଛି। ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପିତ ହୋଇଥିବା ବେଳେ ଅନ୍ୟ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଏହି କାର୍ଯ୍ୟ ଜାରି ରହିଛି। ଜଳବନ୍ଦୀ ସ୍ଥିତି, ରାସ୍ତାରେ ପଡ଼ିଥିବା ଗଛ ଓ ଅନ୍ୟାନ୍ୟ ଆବର୍ଜନା ତଥା ଦୁର୍ଗମ ସ୍ଥାନରେ କାର୍ଯ୍ୟ କରିବାର ଆହ୍ୱାନ ସତ୍ତ୍ୱେ କ୍ଷତିଗ୍ରସ୍ତ ବିଦ୍ୟୁତ୍ ବଣ୍ଟନ ଭିତ୍ତିଭୂମିର ମରାମତି ଏବଂ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ପାଇଁ କ୍ଷେତ୍ରୀୟ ଦଳଗୁଡ଼ିକ ନିରନ୍ତର କାର୍ଯ୍ୟ କରୁଛନ୍ତି। ପୁନଃସ୍ଥାପନ କାର୍ଯ୍ୟରେ ସହଯୋଗ ପାଇଁ ସମଗ୍ର ଦକ୍ଷିଣ ଓଡ଼ିଶାରେ ପ୍ରାୟ ୬,୫୦୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ପ୍ରାୟ ୪୦୦ଟି ଗାଡ଼ି, ୬ଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବ୍?ଷ୍ଟେସନ୍ ଏବଂ ୧୬ଟି ଗ୍ରୀନ୍?ଜିଟ୍ ଷ୍ଟୋର୍?ର ସହାୟତା ମିଳୁଛି। ଏହାଦ୍ୱାରା କର୍ମଚାରୀ, ଯନ୍ତ୍ରପାତି ଓ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ଆବଶ୍ୟକ ସ୍ଥାନରେ ଶୀଘ୍ର ପହଞ୍ଚାଇବା ସମ୍ଭବ ହେଉଛି। ଗସ୍ତ ସମୟରେ ଶ୍ରୀ ଗର୍ଗ କ୍ଷେତ୍ରସ୍ତରରେ ଉତ୍ତମ ସମନ୍ୱୟ ରକ୍ଷା, ଉପଭୋକ୍ତାଙ୍କ ସମସ୍ୟାର ତୁରନ୍ତ ସମାଧାନ ଏବଂ ସୁରକ୍ଷା ନିୟମାବଳୀର କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଟିପିଏସ୍ଓଡିଏଲ୍ ପକ୍ଷରୁ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି। ବାତ୍ୟା ପ୍ରଭାବିତ ସମସ୍ତ ଉପଭୋକ୍ତାଙ୍କ ନିକଟରେ ଯଥାଶୀଘ୍ର ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କରିବା ଦିଗରେ କମ୍ପାନୀ ପ୍ରତିବଦ୍ଧତାର ସହ କାର୍ଯ୍ୟ ଜାରି ରଖିଛି।

ନୀତା ଅମ୍ବାନୀଙ୍କ ଦ୍ୱାରା 'ନୀତା ମୁକେଶ ଅମ୍ବାନୀ ଅନନ୍ତ ଆଶ୍ରୟ' ର ଭୂମିପୂଜନ

୫,୦୦୦ରୁ ଅଧିକ ନିଃସହାୟଙ୍କୁ ମିଳିବ ନିଜସ୍ୱ ଘର

ମୁମ୍ବାଇ, ୨।୧୧ (ନି.ପ୍ର) : ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀ ରବିବାର ମହାରାଷ୍ଟ୍ରର କର୍ଜାତଠାରେ 'ନୀତା ମୁକେଶ ଅମ୍ବାନୀ ଅନନ୍ତ ଆଶ୍ରୟ' ର ଭୂମିପୂଜନ କରିଛନ୍ତି। ପ୍ରାୟ ୧୦୦ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ପରିସରରେ ୫,୦୦୦ରୁ ଅଧିକ ଅନାଥ ଶିଶୁ, ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ଘର ଓ ପରିବାର ଭଳି ପରିବେଶ ସହ ଯତ୍ନ ଓ ସେବା ଯୋଗାଇ ଦିଆଯିବ। ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ଈଶା ଅମ୍ବାନୀ ମଧ୍ୟ ଉପସ୍ଥିତ ଥିଲେ। ରିଲାଏନ୍ସ ଫାଉଣ୍ଡେସନର ଏହି ପଦକ୍ଷେପକୁ ଆବଶ୍ୟକ ଅନୁମୋଦନ ମିଳିବା ପରେ ପର୍ଯ୍ୟାୟକ୍ରମେ ବିକଶିତ କରାଯିବ। ଭୂମିପୂଜନ ଅବସରରେ ନୀତା ଅମ୍ବାନୀ କହିଛନ୍ତି ଯେ, ଅନନ୍ତ ଆଶ୍ରୟ ତାଙ୍କ ଓ ତାଙ୍କ ପରିବାରର ହୃଦୟର ଅତି ନିକଟତର। ସେ କହିଥିଲେ, 'ଜଣେ ମା' ଭାବେ ମୋର ସବୁଠାରୁ ବଡ଼ ଆଶା ହେଉଛି, ଯେଉଁ ମାତାପିତା ଜୀବନସାରା ଏହି ଚିନ୍ତାରେ ରହିଥାନ୍ତି ଯେ, ସେମାନଙ୍କ ଅନୁପସ୍ଥିତିରେ ସେମାନଙ୍କ ପିଲାଙ୍କ ଯତ୍ନ କିଏ ନେବ, ସେମାନଙ୍କୁ ଏହି ବିଶ୍ୱାସ ମିଳୁ ଯେ, ସେମାନଙ୍କ ପିଲାଙ୍କର ସବୁଦିନ ପାଇଁ ନିଜସ୍ୱ ଘର ଓ ପରିବାର ରହିବ।' ଏଠାରେ ପ୍ରତ୍ୟେକ ବୟସର ବ୍ୟକ୍ତିଙ୍କୁ ସମ୍ମାନର ସହ ଜୀବନ ବିତାଇବା ଏବଂ ପ୍ରତ୍ୟେକ ନୂଆ ଦିନକୁ ଆଶା ଓ ଆତ୍ମବିଶ୍ୱାସର ସହ ସ୍ୱାଗତ କରିବାର ସୁଯୋଗ ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ଅନନ୍ତ ଆଶ୍ରୟକୁ କେବଳ ଏକ ଆଶ୍ରୟସ୍ଥଳୀ ଭାବେ ନୁହେଁ, ବରଂ ଏଭଳି ଏକ ସମୁଦାୟ ଭାବେ ପରିକଳ୍ପନା କରାଯାଇଛି, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନ ଓ ଆତ୍ମୀୟତା ମିଳିବ। ଏହି ପରିସରରେ ପରିବାର ଭଳି ଛୋଟ ଛୋଟ ଘର ରହିବ ଏବଂ ସେଠାରେ ସ୍ୱତନ୍ତ୍ର ଭାବେ ନିଯୁକ୍ତ କର୍ମଚାରୀମାନେ ଯତ୍ନ ନେବେ। ପ୍ରତ୍ୟେକ ବ୍ୟକ୍ତିଙ୍କ ଆବଶ୍ୟକତା ଅନୁସାରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ୟକ୍ତିଗତ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏଠାରେ ରହୁଥିବା ଲୋକ, ଡାକ୍ତରୀ ବିଶେଷଜ୍ଞ, କର୍ମଚାରୀ ଓ ସେମାନଙ୍କ ପରିବାରକୁ ମିଶାଇ ପ୍ରାୟ ୧୫ ହଜାର ଲୋକଙ୍କର ଏକ ସମୁଦାୟ ଗଢ଼ି ଉଠିବାର ଆଶା ରହିଛି। ପ୍ରସ୍ତାବିତ ଏହି ପରିସରରେ ଏକ ସ୍ୱତନ୍ତ୍ର ହସ୍ପିଟାଲ, ପୁନର୍ବାସ କେନ୍ଦ୍ର, ଫିଜିଓଥେରାପି ଓ ଅନ୍ୟାନ୍ୟ ଚିକିତ୍ସା ସୁବିଧା ରହିବ। ଏହା ସହିତ ଶିକ୍ଷା, କ୍ରୀଡ଼ା, ସଙ୍ଗୀତ ଓ କଳା କ୍ଷେତ୍ରରେ ମଧ୍ୟ ବିଭିନ୍ନ ସୁଯୋଗ ମିଳିବ। ବେକେରି, କାଫେ ଓ ହସ୍ତଶିଳ୍ପ କେନ୍ଦ୍ର ମାଧ୍ୟମରେ ରୋଜଗାର ଓ ଦକ୍ଷତା ବିକାଶର ବ୍ୟବସ୍ଥା କରାଯିବ। ପରିସରରେ ମନ୍ଦିର, ଉଦ୍ୟାନ ସହିତ ବନତାରାର ସହଯୋଗରେ ପଶୁମାନଙ୍କ ସହ ଯୋଡ଼ି ହେବା ପାଇଁ ଏକ ଫାର୍ମ ମଧ୍ୟ ପ୍ରସ୍ତାବିତ ରହିଛି। ଏହା ସହିତ ଆଖପାଖ ଗ୍ରାମର ଲୋକମାନେ ମଧ୍ୟ ଏଠାକାର କେତେକ ସୁବିଧାର ଲାଭ ଉଠାଇପାରିବେ। ଉଲ୍ଲେଖନୀୟ ଯେ, ନୀତା ଅମ୍ବାନୀ ନିଜ ଜନ୍ମଦିନ ଅବସରରେ ଏହି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପର ମୂଳଦୁଆ ପକାଇଛନ୍ତି। ନିଜ ଅଭିଭାଷଣରେ ସେ ଏହାକୁ ଭାରତମାତାଙ୍କ ଚରଣରେ ଜଣେ ମା'ଙ୍କ ପକ୍ଷରୁ ଏକ ଛୋଟିଆ ଉପହାର ବୋଲି ବର୍ଣ୍ଣନା କରିଛନ୍ତି।

ହୋପ ୩୬୦ ଏକୀକୃତ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ରର ଉଦଘାଟିତ

କଟକ,୨।୧୧ (ନି.ପ୍ର): ହୋପ ୩୬୦ ଏକୀକୃତ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର କଟକ,ଉନ୍ନତ ଚିକିତ୍ସା ପ୍ରଯୁକ୍ତି, ପୁନର୍ବାସ ଏବଂ ରୋଗୀ-କେନ୍ଦ୍ରିକ ଚିକିତ୍ସା ମାଧ୍ୟମରେ ହାଡ଼, ଗଣ୍ଠି, ମେରୁଦଣ୍ଡ ଓ ମାଂସପେଶୀ ସମ୍ବନ୍ଧୀୟ ସମସ୍ୟାର ଯତ୍ନ , ମସ୍କୁଲୋସ୍କ ଲେଟାଲ୍ କେୟାର କ୍ଷେତ୍ରରେ ଏକ ନୂତନ ପଦକ୍ଷେପ ଆରମ୍ଭ କରିଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଉନ୍ନତ ରିଜେନେରେଟିଭ୍ ପ୍ରଯୁକ୍ତି ଏବଂ ସମନ୍ୱିତ ପୁନର୍ବାସ ସେବା ମାଧ୍ୟମରେ ଗଣ୍ଠି, ମେରୁଦଣ୍ଡ ଓ ମାଂସପେଶୀ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ଲୋକମାନଙ୍କୁ ନୂତନ ଚିକିତ୍ସା ପଦ୍ଧତି ସମ୍ପର୍କରେ ସଚେତନ କରିବା। ଅଷ୍ଟିଓଆର୍ଥ୍ରାଇଟିସ୍ (ଗଣ୍ଠିର କ୍ଷୟ), ମେରୁଦଣ୍ଡ ସମ୍ବନ୍ଧୀୟ ସମସ୍ୟା, ଗଣ୍ଠିର କ୍ଷୟଜନିତ ପରିବର୍ତ୍ତନ, ଲିଗାମେଣ୍ଟ ଆଘାତ, ଟେଣ୍ଡିନାଇଟିସ୍ ଏବଂ ଦୀର୍ଘକାଳୀନ ମାଂସପେଶୀ ଓ ଗଣ୍ଠି ଯନ୍ତ୍ରଣା ଜଣେ ବ୍ୟକ୍ତିଙ୍କ ଚଳପ୍ରଚଳ, ଦୈନନ୍ଦିନ କାର୍ଯ୍ୟକଳାପ ଓ ଜୀବନର ଗୁଣବତ୍ତାକୁ ପ୍ରଭାବିତ କରିପାରେ। ଏହି ସମସ୍ୟାଗୁଡ଼ିକର ଉପଯୁକ୍ତ ଯତ୍ନ ପାଇଁ ଚିକିତ୍ସା ବିଶେଷଜ୍ଞଙ୍କ ପରାମର୍ଶ, ଉପଯୁକ୍ତ ଚିକିତ୍ସା ଏବଂ ପୁନର୍ବାସ ଗୁରୁତ୍ୱପୂର୍ଣ୍ଣ। ଏହି ପଦକ୍ଷେପର ଅଂଶ ଭାବେ ହୋପ ୩୬୦ କ୍ୱିଉଆରଏସଟି ରିଜେନେଭା ପ୍ରଯୁକ୍ତିକୁ ଉପସ୍ଥାପନ କରୁଛି। ଏହା ଏକ ଅଣ-ଆକ୍ରମଣାତ୍ମକ, ମ୍ୟାଗନେଟିକ୍ ରେଜୋନାନ୍ସ-ଆଧାରିତ ଚିକିତ୍ସା ପ୍ରଯୁକ୍ତି, ଯାହା ଶରୀରର ତନ୍ତୁଗୁଡ଼ିକର ପୁନର୍ଜନନ ଓ ମରାମତି ପ୍ରକ୍ରିୟାକୁ ସହାୟତା କରିବା ଉଦ୍ଦେଶ୍ୟରେ ବିକଶିତ ହୋଇଛି। ଏହି ପ୍ରଯୁକ୍ତି ମସ୍କୁଲୋସ୍କ ଲେଟାଲ୍ ଚିକିତ୍ସା ଓ ପୁନର୍ବାସ କ୍ଷେତ୍ରରେ ବିଚାର କରାଯାଇପାରୁଥିବା ଅନ୍ୟ ଚିକିତ୍ସା ବିକଳ୍ପ ସହିତ ଆଉ ଏକ ବିକଳ୍ପ ଯୋଗ କରୁଛି। ଆଧୁନିକ ଚିକିତ୍ସା ପ୍ରଯୁକ୍ତିକୁ ବିଶେଷଜ୍ଞଙ୍କ ଅଭିଜ୍ଞତା ଓ ରୋଗୀ-କେନ୍ଦ୍ରିକ ସେବା ସହିତ ଯୋଡ଼ିବା ଉପରେ ହୋପ ୩୬୦ ଗୁରୁତ୍ୱ ଦେଉଛି। ରୋଗୀଙ୍କ ଅବସ୍ଥା ଓ ଚିକିତ୍ସାଗତ ଉପଯୁକ୍ତତା ଅନୁଯାୟୀ ସର୍ବନିମ୍ନ ଶଲ୍ୟକ୍ରିୟାମୂଳକ ପଦ୍ଧତିଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଅଣ-ଆକ୍ରମଣାତ୍ମକ ଚିକିତ୍ସା ପଦ୍ଧତି ପର୍ଯ୍ୟନ୍ତ ବିଭିନ୍ନ ବିକଳ୍ପ ବିଷୟରେ ତଥ୍ୟ ଓ ମାର୍ଗଦର୍ଶନ ପ୍ରଦାନ କରିବା ଏହି ପଦକ୍ଷେପର ଅଂଶ। କେବଳ ଯନ୍ତ୍ରଣା ନିୟନ୍ତ୍ରଣ ନୁହେଁ, ବରଂ ଚଳପ୍ରଚଳ



କ୍ଷମତା, ଦୈନନ୍ଦିନ କାର୍ଯ୍ୟକ୍ଷମତା, ପୁନର୍ବାସ ଏବଂ ଜୀବନର ଗୁଣବତ୍ତାରେ ଉନ୍ନତିର ସମ୍ଭାବନା ଅନୁସନ୍ଧାନ କରିବା ମଧ୍ୟ ଏହି କେନ୍ଦ୍ରର ଲକ୍ଷ୍ୟ। କେନ୍ଦ୍ରର ପ୍ରତିନିଧି କହିଛନ୍ତି, "କଟକ ଏବଂ ସମଗ୍ର ଓଡ଼ିଶାରେ ମସ୍କୁଲୋସ୍କେଲେଟାଲ୍ ଓ ରିଜେନେରେଟିଭ୍ କେୟାର କ୍ଷେତ୍ରରେ ହେଉଥିବା ଉନ୍ନତି ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଆମର ଲକ୍ଷ୍ୟ। ରୋଗୀ ଓ ସେମାନଙ୍କ ପରିବାର ଉପଲବ୍ଧ ଚିକିତ୍ସା ବିକଳ୍ପଗୁଡ଼ିକୁ ବୁଝନ୍ତୁ, ଯୋଗ୍ୟ ଚିକିତ୍ସକଙ୍କ ପରାମର୍ଶରେ ସଠିକ୍ ନିଷ୍ପତ୍ତି ନିଅନ୍ତୁ ଏବଂ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବାରେ ସହାୟକ ହୋଇପାରୁଥିବା ଚିକିତ୍ସା ପଦ୍ଧତି ବିଷୟରେ ଜାଣନ୍ତୁ।"

ହୋପ ୩୬୦ ସାଧାରଣ ଜନସାଧାରଣ, ରୋଗୀ, ସେମାନଙ୍କ ପରିବାର ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ବୃତ୍ତିଗତମାନଙ୍କୁ କେନ୍ଦ୍ର ପରିଦର୍ଶନ କରି କ୍ୱିଉଆରଏସଟିରିଜେନେଭାପ୍ରଯୁକ୍ତି, ଏହାର ଚିକିତ୍ସା ପଦ୍ଧତି ଏବଂ ମସ୍କୁଲୋସ୍କେଲେଟାଲ୍ କେୟାର ଓ ପୁନର୍ବାସ ସମ୍ବନ୍ଧୀୟ ବିଭିନ୍ନ ବିକଳ୍ପ ବିଷୟରେ ଅଧିକ ଜାଣିବାକୁ ଆମନ୍ତ୍ରଣ କରୁଛି ତା ୦୨/୧୧/୨୦୨୬ ରିଖ ସୋମବାର ଦିନ, ସି ଡିଏ,ସେକ୍ଟର-୮। ଏହି ନୂତନ ପଦକ୍ଷେପ ମାଧ୍ୟମରେ ହୋପ ୩୬୦ ଏକୀକୃତ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର କଟକ,ଓଡ଼ିଶାରେ ମସ୍କୁଲୋସ୍କେଲେଟାଲ୍ କେୟାର ଓ ରିଜେନେରେଟିଭ୍ ଥେରାପିର ବିକାଶଶୀଳ ସମ୍ଭାବନା ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବାକୁ ଆଶା କରୁଛି। ଏହି ଉଦଘାଟନ ସମାରୋହରେ ଅତିଥି ରୂପେ ଯୋଗଦେବେ, ସୁବାସ ସିଂ (ମେୟର-କଟକ ମହାନଗର ନିଗମ. ମହମ୍ମଦ ମୋକିମ୍ (ପୂର୍ବତନ ବିଧାୟକ କଟକ - ବାରବାଟୀ),ଡ଼ାକ୍ତର ପ୍ରଭାତ ରଞ୍ଜନ ବିଶ୍ୱାଳ (ପୂର୍ବତନ ବିଧାୟକ କଟକ - ଚୌଦ୍ୱାର),ନନ୍ଦଲାଲ ସିଂ - ବିଜେଡ଼ି ନେତା,କଟ. ଶୈଳେଶ କୁମାର ବର୍ମା - ସଭାପତି ବିହାରୀ କମିଟି , କଟକ, ଡ଼ାକ୍ତର ସଞ୍ଜୟ କୁମାର ସାଜନ୍ (ପ୍ରତିଷ୍ଠାତା - ହୋପ୍ ହସ୍ପିଟାଲ), ବିଶ୍ୱବନ୍ଦିତା ରାଉତ (ନିର୍ଦ୍ଦେଶିକା ହୋପ୍ ୩୬୦ ଏକୀକୃତ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର କଟକ)ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବେ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ଶ୍ରୀଯୁକ୍ତ ରାମଗୋପାଳ ଅଗ୍ରୱାଲ ଓ ସହଯୋଗ ପ୍ରଦାନ କରିବେ ଡ଼ାକ୍ତର ସୁଦୀପ କୁମାର ବେଉରା।

ଏଲଆଇସି ଅଭିକର୍ତ୍ତା ସଂଘର ନିର୍ବାଚନ ଅନୁଷ୍ଠିତ

କୁଚିଣ୍ଡା,୨/୧୧(ନି.ପ୍ର): ଭାରତୀୟ ଜୀବନ ବୀମା ନିଗମ କୁଚିଣ୍ଡା ଶାଖା ଅଭିକର୍ତ୍ତା ସଂଘର ଦ୍ୱିବାର୍ଷିକ ସାଧାରଣ ସଭା ଓ କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୁଚିଣ୍ଡା ଶ୍ରମିକ ଭବନ ପରିସବଇରରେ ଏକ ଅଭିକର୍ତ୍ତା ସମାବେଶ ଅନୁଷ୍ଠିତ ହୋଇଥିଲା । ଏଲଆଇସି କୁଚିଣ୍ଡା ଶାଖା ର ସଭାପତି ଶରତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଡିଭିଜିନାଲ କାଉନସିଲର ସଭାପତି ଅସୀମ ପଟ୍ଟନାୟକ ମୂଖ୍ୟ ଅତିଥି , ପୂର୍ବତନ ଡିଭିଜନ ସମ୍ପାଦକ ତଥା ଫେଡେରାଲ ଇସି ସଦସ୍ୟ ଅନିରୁଦ୍ଧ ସାମଲ ମୂଖ୍ୟ ବକ୍ତା ଭାବେ ଯୋଗ




ଦେଇ ସଂପ୍ରତି ଜୀବନ ବୀମାର ପ୍ରତିବଦ୍ଧତା, ରାଷ୍ଟ୍ରର ବିକାଶରେ ଭାଗିଦାରୀ ଓ ଅଭିକର୍ତ୍ତାଙ୍କ ଦାବି ସମ୍ବନ୍ଧରେ ଆଲୋଚନା କରିଥିଲେ । ସଭାରେ କୁଚିଣ୍ଡା ଶାଖା ପରିଚାଳକ ଯୋଗେଶ୍ୱର ରଣା, ପୂର୍ବତନ ଡିଭିଜନ ସଭାପତି ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ ଉପସଭାପତି ପ୍ରଭାତ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ରେ ଶାଖା ସମ୍ପାଦକ ବିଜୟ ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଆଗାମୀ ଦୁଇ ବର୍ଷ ପାଇଁ କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଭାବେ ରମେଶ ମାଝୀ, ସମ୍ପାଦକ ଭାବେ ବିଜୟ ନାଏକ ଏବଂ କୋଷାଧ୍ୟକ୍ଷ ଭାବେ ସୁବ୍ରତ ପଟେଲଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା । ସଭା ପ୍ରାରମ୍ଭରେ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ସାହୁ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ବିଗତ ଦୁଇ ବର୍ଷ ପାଇଁ ସୁଚାରୁ କାର୍ଯ୍ୟକର୍ତ୍ତା ଶରତ ମହାପାତ୍ର, ସଂପାଦକ ବିଜୟ ନାଏକ, ରାଜା ପ୍ରଧାନ, ବିମଳା ଚୌଧୂରୀ, ମିନତୀ ଘୋଷ,ଟିକେଶ୍ୱର ବେହେରା, ସୁକେଶ ମାଝୀ, ଲକ୍ଷ୍ମଣ ସାହୁ ଏବଂ ବରିଷ୍ଠ ଅଭିକର୍ତ୍ତା ପ୍ରକାଶ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ପୂର୍ବତନ ସଭାପତି ସନ୍ତୋଷ ପଣ୍ଡା, ସତ୍ୟ ସାହୁ, ସଂଜୟ ଅର୍କ, ରମଣୀ ଆଚାର୍ଯ୍ୟ , ପ୍ରମୋଦ ଚୌଧୂରୀ, ଦେବେନ୍ଦ୍ର ନାଏକ ସମେତ କୁଚିଣ୍ଡା ଉପଖଣ୍ଡ ଓ ଦେବଗଡ ଜିଲାର ଶତାଧିକ ଅଭିକର୍ତ୍ତା ଯୋଗ ଦେଇଥିଲେ ।

ପ୍ରଶାସନର ନିର୍ଦ୍ଦେଶକୁ ଖୋଲା ଚ୍ୟାଲେଞ୍ଜ

ଠିପି ବନ୍ଦ ମଦ ଦୋକାନ ଆଗରେ ଚାଲିଛି ଚୋରା ବିକ୍ରି

ମାଲକାନଗିରି ,୨/୧୧ (ନି.ପ୍ର): ବାତ୍ୟା ଓ ପ୍ରବଳ ବର୍ଷାର ଆଶଙ୍କାକୁ ଦୃଷ୍ଟିରେ ରଖି ମଦ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ । ହେଲେ ଏହି ନିର୍ଦ୍ଦେଶକୁ କେତେ ଗୁରୁତ୍ୱ ଦିଆଯାଉଛି ? ପ୍ରଶାସନର ନିୟମ କେବଳ କାଗଜପତ୍ରରେ ସୀମିତ ରହିଯାଇଛି କି ? ମାଲକାନଗିରି ସଦର ମହକୁମାର ଶୁକମା ରାସ୍ତା ପାର୍ଶ୍ୱରେ ଥିବା ଏକ ଠିପି ବନ୍ଦ ମଦ ଦୋକାନକୁ ନେଇ ଏଭଳି ସାଂଘାତିକ ପ୍ରଶ୍ନ ଉଠିଛି । ସୂଚନା ଅନୁଯାୟୀ, ବାତ୍ୟା ଓ ପ୍ରବଳ ବର୍ଷା ଆଶଙ୍କାରେ ମାଲକାନଗିରି ଜିଲ୍ଲାରେ ମଦ ଦୋକାନଗୁଡ଼ିକୁ ବନ୍ଦ ରଖିବା ପାଇଁ ପ୍ରଶାସନ ର କଡା ନିର୍ଦ୍ଦେଶ ରହିଥିଲା । କିନ୍ତୁ ଅଭିଯୋଗ ହେଉଛି, ଶୁକମା ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ମଦ ଦୋକାନ ବାହାରେ କିଛି କର୍ମଚାରୀ ଲୁଚାଛପାରେ ଲୋକଙ୍କୁ ମଦ ବିକ୍ରି କରୁଛନ୍ତି । ଦୋକାନର ଠିପି ବନ୍ଦ, କିନ୍ତୁ ଭିତରେ ଓ ବାହାରେ କାରବାର ଚାଲିଥିବା ଅଭିଯୋଗ ପ୍ରଶାସନର ନିର୍ଦ୍ଦେଶ ପାଳନ ଉପରେ ପ୍ରଶ୍ନଚିହ୍ନ ଲଗାଇଛି ।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଜିଲ୍ଲା



ସଦର ମହକୁମାରେ ଯଦି ଏଭଳି ଭାବେ ନିୟମ ଉଲ୍ଲଂଘନ ହେଉଥିବା ଅଭିଯୋଗ ଆସୁଛି, ତେବେ ଦୁର୍ଗମ ଗାଁ ଓ ବ୍ଲକ ଅଞ୍ଚଳରେ ପରିସ୍ଥିତି କିପରି ଥିବ, ସେଠାରେ ନିର୍ଦ୍ଦେଶର ତଦାରଖ କିଏ କରୁଛି ? ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାହାର ନଜର ଅଛି । ବାତ୍ୟା ଓ ପ୍ରବଳ ବର୍ଷା ସମୟରେ ଜନସାଧାରଣଙ୍କ ସୁରକ୍ଷା ପ୍ରଶାସନର ପ୍ରଥମ ଦାୟିତ୍ୱ । ଏଭଳି ସମୟରେ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରାଯାଉଥିବା ଅଭିଯୋଗ ଯଦି ସତ୍ୟ, ତେବେ ଏହା କେବଳ ନିୟମ ଉଲ୍ଲଂଘନ ନୁହେଁ, ବରଂ ପ୍ରଶାସନିକ ତଦାରଖ ବ୍ୟବସ୍ଥା ଉପରେ ମଧ୍ୟ ଏକ ବଡ଼ ପ୍ରଶ୍ନ । ଏବେ ପ୍ରଶ୍ନ ଉଠୁଛି, ପ୍ରଶାସନର ନିର୍ଦ୍ଦେଶକୁ ଖାତିର ନାହିଁ କାହିଁକି, ଏଭଳି ଅଭିଯୋଗ ଉପରେ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ କେବେ ତଦନ୍ତ କରିବେ ? ଦୋଷୀଙ୍କ ବିରୋଧରେ କେବେ ହେବ କାର୍ଯ୍ୟାନୁଷ୍ଠାନ ଏବେ ସମସ୍ତଙ୍କ ନଜର ଜିଲ୍ଲା ପ୍ରଶାସନର ପଦକ୍ଷେପ ଉପରେ ରହିଛି ।

ଗ୍ରୀନପ୍ଲାଇ ଆଣିଲା ଏଚ୍ଡିଏମ୍ଆର୍ କୋର୍ ଟେକ୍ନୋଲୋଜି ବିଶିଷ୍ଟ ଭାରତର ପ୍ରଥମ ଲେମିନେଟ୍ ଫ୍ଲୋରିଂ

ଭୁବନେଶ୍ୱର, ୨।୧୧ (ନି.ପ୍ର) : ଭାରତର ଅନ୍ୟତମ ଅଗ୍ରଣୀ ଇଣ୍ଟେରିୟର ଇନଫ୍ରାଷ୍ଟ୍ରକ୍ଚର କମ୍ପାନୀ, ଗ୍ରୀନପ୍ଲାଇ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଏଚ୍ଡିଏମ୍ଆର୍ କୋର୍ ଟେକ୍ନୋଲୋଜି ସହିତ ଗ୍ରୀନପ୍ଲାଇ ଲେମିନେଟ୍ ଫ୍ଲୋରିଂର ଶୁଭାରମ୍ଭ କରିଛି, ଯାହା ମଏଶ୍ଚର ରେସିଷ୍ଟାନ୍ସ (ଆର୍ଦ୍ରତା ପ୍ରତିରୋଧ) ଆବଶ୍ୟକ ଥିବା ବର୍ଗରେ ଏକ ନୂଆ ଉତ୍ପାଦ। ମିଡ୍-ପ୍ରିମିୟମ୍ରୁ ପ୍ରିମିୟମ୍ ସେଗମେଣ୍ଟରେ ସ୍ଥାନିତ ଏହି ରେଞ୍ଜ୍ ସାଧାରଣ ଲେମିନେଟ୍ ଫ୍ଲୋରିଂର ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ କରିବା ସହ ପ୍ରାକୃତିକ କାଠର ରୂପ, ସହଜ ସ୍ଥାପନ ଏବଂ କମ୍ ରକ୍ଷଣାବେକ୍ଷଣ ଆବଶ୍ୟକତାର ସୁବିଧା ପ୍ରଦାନ କରୁଛି। ଗ୍ରୀନପ୍ଲାଇ ଏହି ଉତ୍ପାଦକୁ ଭାରତର ପ୍ରଥମ ଏଚ୍ଡିଏମ୍ଆର-କୋର୍ ଲେମିନେଟ୍ ଉଡ୍ ଫ୍ଲୋରିଂ ଭାବେ ଉପସ୍ଥାପନ କରିଛି, ଯାହା ଭାରତୀୟ ଘର ଏବଂ ଇଣ୍ଟେରିୟର ସ୍ପେସ୍ ପାଇଁ ଫ୍ଲୋରିଂ କ୍ଷେତ୍ରରେ ଏକ ନୂତନ ଦୃଷ୍ଟିକୋଣ ପ୍ରଦାନ କରୁଛି। ଆଧୁନିକ ଇଣ୍ଟେରିୟର ଡିଜାଇନ୍ ପାଇଁ କାଠ ଭଳି ଦେଖାଯାଉଥିବା ଫ୍ଲୋରିଂ ଏକ ଗୁରୁତ୍ୱପୂର୍ଣ୍ଣ ପସନ୍ଦ ପାଲଟିଛି, ଯାହା ବିଭିନ୍ନ ଶୈଳୀର ଘର ଏବଂ ବାଣିଜ୍ୟିକ ସ୍ଥାନଗୁଡ଼ିକରେ ପ୍ରାକୃତିକ କାଠର ସୌନ୍ଦର୍ଯ୍ୟ ପ୍ରଦାନ କରୁଛି। ହେଲେ, ଆର୍ଦ୍ରତା ଏହାର ସବୁଠାରୁ ବଡ଼ ସମସ୍ୟା, ଯାହା ଭାରତରେ କାଠ ଫ୍ଲୋରିଂ ନଷ୍ଟ ହେବାର ପ୍ରାୟ ୫୫ ପ୍ରତିଶତ କାରଣ। ଅନ୍ୟାନ୍ୟ କାରଣଗୁଡ଼ିକ ମଧ୍ୟରେ ଲଗାଇବା ପଦ୍ଧତି ଏବଂ ଅନୁପଯୁକ୍ତ ସବ୍ଫ୍ଲୋରିଂ, ଅତ୍ୟଧିକ ଓଦା ପୋଛା ଏବଂ କଠିନ ରକ୍ଷଣାବେକ୍ଷଣ, ଜୈବିକ କ୍ଷୟ ଏବଂ ଉଇ ଲାଗିବା ସମସ୍ୟା ସାମିଲ ରହିଛି। ଏହି କାରଣଗୁଡ଼ିକ ଫ୍ଲୋରିଂର ସୌନ୍ଦର୍ଯ୍ୟ ଏବଂ ସ୍ଥାୟିତ୍ୱକୁ ପ୍ରଭାବିତ କରିଥାଏ। ଭାରତର ପ୍ରଥମ ଏଚ୍ଡିଏମ୍ଆର୍ କୋର୍ ଲେମିନେଟ୍ ଉଡ୍ ଫ୍ଲୋରିଂ ବିଶିଷ୍ଟ ଗ୍ରୀନପ୍ଲାଇ ଲେମିନେଟ୍ ଫ୍ଲୋରିଂ, ଆର୍ଦ୍ରତାକୁ ପ୍ରତିରୋଧ କରିବା ପାଇଁ ପ୍ରସ୍ତୁତ ଏକ ଇଞ୍ଜିନିୟରଡ୍ କୋର୍ ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ବିକଶିତ କରାଯାଇଛି, ଯାହା ଡିଜାଇନ୍ ଏବଂ କାର୍ଯ୍ୟକାରିତାକୁ ଏକତ୍ର କରୁଛି। ଭାରତର ବିଭିନ୍ନ ଜଳବାୟୁ ପରିସ୍ଥିତି ପାଇଁ ପ୍ରସ୍ତୁତ ଏହି ଉତ୍ପାଦ ଗରମ, ଥଣ୍ଡା, ଅତ୍ୟଧିକ ଆର୍ଦ୍ରତା ଏବଂ ବର୍ଷା ଦିନ ଭଳି ବିଭିନ୍ନ ପରିବେଶ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇପାରୁଛି। ଏହି କଲେକ୍ସନ ଜଳ-ପ୍ରତିରୋଧୀ (ୱାଟର-ରେସିଷ୍ଟାଣ୍ଟ) ଏବଂ ଅଗ୍ନି-



ପ୍ରତିରୋଧୀ (ଫାୟାର-ରେସିଷ୍ଟାଣ୍ଟ) ଗୁଣ ସହିତ ଆଣ୍ଟିମାଇକ୍ରୋବିଆଲ୍ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ବୈଶିଷ୍ଟ୍ୟକୁ ମଧ୍ୟ ଏକତ୍ର କରୁଛି। ଏହାର ସହଜରେ ସଫା ହୋଇପାରୁଥିବା ସର୍ଫେସ୍ ରୁଟିନ୍ ରକ୍ଷଣାବେକ୍ଷଣକୁ କମ୍ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଭାରତୀୟ ପରିବାରଗୁଡ଼ିକ ପାଇଁ ଉପଯୁକ୍ତ ଯେଉଁଠାରେ ଧୂଳି, ଦୈନନ୍ଦିନ ଖାଦ୍ୟ/ପାଣି ପଡ଼ିବା ଏବଂ ବଦଳୁଥିବା ପାଣିପାଗ କାରଣରୁ ନିୟମିତ ସଫେଇ ଆବଶ୍ୟକ ହୋଇଥାଏ। ସାଇଟ୍ ପରିସ୍ଥିତି ଅନୁସାରେ, କୌଣସି ଅଠା (ଏଡ୍ହିସିଭ୍) କିମ୍ବା ଶୁଖିବା ସମୟ (କ୍ୟୁରିଂ ଟାଇମ୍) ବିନା ପ୍ରାୟ ଛଅରୁ ସାତ ଘଣ୍ଟା ମଧ୍ୟରେ ୧,୦୦୦ ବର୍ଗ ଫୁଟ୍ ଅଞ୍ଚଳ ସ୍ଥାପନ କରାଯାଇପାରିବ। ଏହି ଫ୍ଲୋରିଂ ପୋଷା ଜୀବଜନ୍ତୁ (ପେଟ୍-ଫ୍ରେଣ୍ଡଲି) ପାଇଁ ମଧ୍ୟ ଅନୁକୂଳ। ଏହି କଲେକ୍ସନରେ ବିଭିନ୍ନ ପ୍ରକାରର କାଠରୁ ଅନୁପ୍ରାଣିତ ଡିଜାଇନ୍ ସାମିଲ ରହିଛି, ଯେଉଁଥିରେ ବିଭିନ୍ନ ଓକ୍ କିସମ, ହାଲୁକା ନୋର୍ଡିକ୍ ଟୋନ୍ ଏବଂ ଗାଢ଼ କାଠ ଫିନିସ୍ ସାମିଲ ରହିଛି। ଓପନ୍-ଗ୍ରେନ୍ ଟେକ୍ସଚର୍ ଏବଂ ବିଭିନ୍ନ କଟିଂ ପ୍ୟାଟର୍ନ ଇଣ୍ଟେରିୟର ଷ୍ଟାଇଲର ବିକଳ୍ପ ପ୍ରଦାନ କରୁଥିବା ବେଳେ କ୍ଲାସିକ୍ ପ୍ଲାଙ୍କ୍, ଲଙ୍ଗ୍ ପ୍ଲାଙ୍କ୍ ଏବଂ ହେରିଂବୋନ୍ ଫୋର୍ମାଟ୍ ଡିଜାଇର୍ନମାନଙ୍କୁ ଭିନ୍ନ ଭିନ୍ନ ଦୃଶ୍ୟମାନ ପ୍ରଭାବ ସୃଷ୍ଟି କରିବାରେ ସାହାଯ୍ୟ କରୁଛି। ଏସି-୩ ରୁ ଏସି-୫ ଆବ୍ରେସନ୍ ଗ୍ରେଡ୍ ଏବଂ ୮ ମିଲିମିଟରରୁ ୧୨ ମିଲିମିଟର ପର୍ଯ୍ୟନ୍ତ ମୋଟେଇରେ ଉପଲବ୍ଧ ଏହି ରେଞ୍ଜ ବିଭିନ୍ନ ଆବଶ୍ୟକତାକୁ ପୂରଣ କରୁଛି। ଏହି ଶୁଭାରମ୍ଭ ସମ୍ପର୍କରେ ଗ୍ରୀନପ୍ଲାଇ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ସାନ୍ନିଧ୍ୟ ମିତ୍ତଲ କହିଛନ୍ତି, "ଭାରତୀୟ ଗ୍ରାହକମାନେ ଆଧୁନିକ ଇଣ୍ଟେରିୟରକୁ ଅଧିକ ଆପଣାଉଥିବାରୁ, କାଠ-ଅନୁପ୍ରାଣିତ ଫ୍ଲୋରିଂ ସେମାନଙ୍କ ରହିବା ସ୍ଥାନକୁ ସଜାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେବେ, ଏକ ଡିଜାଇନ୍ର ଆକର୍ଷଣ ଦୈନନ୍ଦିନ ପରିସ୍ଥିତିରେ କାର୍ଯ୍ୟ କରିବାର କ୍ଷମତା ସହିତ ମେଳ ଖାଇବା ଉଚିତ୍, ବିଶେଷ କରି ଆମ ଦେଶରେ ଯେଉଁଠାରେ ଆର୍ଦ୍ରତା ଫ୍ଲୋରିଂ ପାଇଁ ଏକ ମୁଖ୍ୟ ସମସ୍ୟା ହୋଇପାରେ।



ବିଭିନ୍ନ ଧାର୍ମିକ ପୀଠର ଉନ୍ନୟନ ନିମନ୍ତେ ଉପ ମୁଖ୍ୟମନ୍ତ୍ରୀଙ୍କ ଭିତ୍ତି ପ୍ରସ୍ତର ସ୍ଥାପନ

ବଲାଙ୍ଗା,୨।୧୧ (ନି.ପ୍ର): ବଲଙ୍ଗା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଥିବା ଧାର୍ମିକ ପୀଠର ଉନ୍ନୟନ ନିମନ୍ତେ ସୋମବାର ଦିନ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ହରିପୁର ସ୍ଥିତ ଭାର୍ଗବୀ ନଦୀ ପଠରେ ହରିପୁର ଗ୍ରାମର ଆରାଧ୍ୟ ଠାକୁରାଣୀ ମା ବିଶେଶ୍ୱରିଙ୍କ ପୀଠର ବିକାଶ ପାଇଁ ୩୦ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଉନ୍ନୟନ କାର୍ଯ୍ୟକୁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ପୀଠର କମ୍ୟୁନିଟ ହଲ ସହ ପର୍ଯ୍ୟଟକ ମାନଙ୍କ ପାଇଁ ଶୌଚାଳୟ ଓ ପାନୀୟ ଜଳ ସହ ପୀଠର ଅନ୍ୟାନ୍ୟ ବିକାଶ କାର୍ଯ୍ୟ କରାଯିବା ନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଥିଲେ। ପରେ ସାଇଁଶ ପଞ୍ଚାୟତର ଭଗବତୀପୁର ଗ୍ରାମର ମା ଭଗବତୀ ମନ୍ଦିରର ୫୦ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସେହିଭଳି ଗଡ଼ ପଦନପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳି ଗ୍ରାମର ଉଗ୍ରେଶ୍ୱର ମହାଦେବଙ୍କ ପୀଠର ୧କୋଟି ବ୍ୟୟରେ ହେବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ସୋମନାଥ ଦାଶ, ସ୍ଥାନୀୟ ଜନ ପ୍ରତିନିଧି, ପର୍ଯ୍ୟଟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅନିଲ କୁମାର ବେହେରା ଓ ସରକାରୀ ଯନ୍ତ୍ରୀ, ରାକେଶ କୁମାର ଧର ପ୍ରମୁଖ ଉପସ୍ଥିତ ଥିଲା ବେଳେ ବଲଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କ ନେତୃତ୍ୱରେ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା।



ବିଜେପିର 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଶୋଭାଯାତ୍ରା

କଟକ, ୨।୧୧ (ନି.ପ୍ର) : ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଆହ୍ୱାନରେ ସୋମବାର କଟକରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ବରିଷ୍ଠ ସାଂସଦ ଡା. ସୁଧାଂଶୁ ତ୍ରିବେଦୀଙ୍କ ସମେତ ଦଳର ବହୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତା, ଜନପ୍ରତିନିଧି ଏବଂ ହଜାର ହଜାର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ରେଭେନ୍ସା କଲେଜ ସମ୍ମୁଖସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ଦୋଳମୁଣ୍ଡାଇ ଛକରେ ଶେଷ ହୋଇଥିଲା। ରାଷ୍ଟ୍ରୀୟ ପ୍ରବକ୍ତା ଡା. ସୁଧାଂଶୁ ତ୍ରିବେଦୀ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ୧୫ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ସାମିଲ ହୋଇ ଗଣତନ୍ତ୍ରର ସୁରକ୍ଷା ଓ ଅରାଜକତା ବିରୋଧରେ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରା ଅବସରରେ ଆୟୋଜିତ ସଭାରେ ବକ୍ତାମାନେ କଂଗ୍ରେସର ରାଜନୈତିକ ଆଚରଣ ଓ ଦେଶବିରୋଧୀ କାର୍ଯ୍ୟକଳାପ ନେଇ ଅଭିଯୋଗ କରିବା ସହ ବିଜେପିର ବୈଚାରିକ ଆଦର୍ଶ ଓ ଗଣତନ୍ତ୍ରର ସୁରକ୍ଷା ସମ୍ପର୍କରେ ନିଜ ମତ ରଖିଥିଲେ। ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ବରିଷ୍ଠ ସାଂସଦ ଡା. ସୁଧାଂଶୁ ତ୍ରିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସାମିଲ ହୋଇ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। କୋଣାର୍କ ସୂର୍ଯ୍ୟମନ୍ଦିର ଓ ଓଡ଼ିଶାର ଗୌରବମୟ ଐତିହ୍ୟର ଉଦାହରଣ ଦେଇ ସେ ନିଜ ଅଭିଭାଷଣ ରଖିଥିଲେ। ଗଣତନ୍ତ୍ରରେ ଜନସାଧାରଣଙ୍କ ନିଷ୍ପତ୍ତି ସର୍ବୋପରି ଏବଂ ରାଜନୀତିରେ ଜନତାଙ୍କୁ ଭ୍ରମିତ କରିବା ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ। ଦେଶର ସାଧାରଣ ଜନତା ଗଣତନ୍ତ୍ରକୁ ଦୁର୍ବଳ କରିବାର ଉଦ୍ୟମକୁ ବରଦାସ୍ତ କରିବେ ନାହିଁ ବୋଲି ତ୍ରିବେଦୀ ନିଜ ଅଭିଭାଷଣରେ ମତ ପ୍ରକାଶ କରିଥିଲେ। ବିଜେପିର ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଏବଂ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ମାନିତ ଅତିଥି ଭାବେ ଶୋଭାଯାତ୍ରାରେ ଯୋଗଦେଇ ଶେଷ ପର୍ଯ୍ୟନ୍ତ ସାମିଲ ରହିଥିଲେ। ଦେଶବିରୋଧୀ ଓ ଗଣତନ୍ତ୍ରବିରୋଧୀ ନାରାବାଜିକୁ ଓଡ଼ିଶାରେ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ରାଜ୍ୟବାସୀ ଏହାକୁ ବରଦାସ୍ତ କରିବେ ନାହିଁ ବୋଲି ଶ୍ରୀ ସାମଲ ନିଜ ଅଭିଭାଷଣରେ କହିଥିଲେ। ଏହି ବିଶାଳ ଶୋଭାଯାତ୍ରାରେ ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ସୁଦୀପ୍ତ ରାୟ, ତେଜେଶ୍ୱର ପରିଡ଼ା, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, କଟକ ଗ୍ରାମୀଣ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, ଜିଲ୍ଲା ପ୍ରଭାରୀ ଇଂ. ଜ୍ଞାନଦେବ ବେଉରା, କଟକ ସାଂସଦ ଡା. ଭର୍ତ୍ତୃହରି ମହତାବ, ବିଧାୟକ ବିଜୟ ଦଳବେହେରା, ପ୍ରକାଶ ଚନ୍ଦ୍ର ସେଠୀ, ଛବି ମଲ୍ଲିକ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ଲଲାଟେନ୍ଦୁ ବଡ୍ଡୁ, ବିନୋଦ ଦାଶ, ରଶ୍ମିରେଖା ଦାଶ, ଶ୍ରୀତମ ଦାଶ, ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତୁଷାରକାନ୍ତ ଚକ୍ରବର୍ତ୍ତୀ, ଅରିନ୍ଦମ ରାୟ, ଅଭୟ ବାରିକ, ଚୌଧୁରୀ ହେମନ୍ତ କୁମାର ସାହୁ ଓ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଉଭୟ ସାଂଗଠନିକ ଜିଲ୍ଲାର ବହୁ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଯୋଗଦେଇ ଶୋଭାଯାତ୍ରାକୁ ସଫଳ କରିଥିଲେ।



ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



କଟକ,୨।୧୧ (ନି.ପ୍ର): ନରସିଂହପୁର ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୨୮ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୭ ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪୭ ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣିସ୍ଥଳରେ ଆରକ୍ଷୀ ଅଧୀକ୍ଷକ ବିନୀତ ଆଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଆଠଗଡ ଉପଜିଲ୍ଲାପାଳ ଅନିମେଶ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ୦୯ ତାରିଖରେ ତିଗିରିଆ ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗ୍ରାମରେ ବିଜେଡିର ସ୍ୱତନ୍ତ୍ର ଟିମ୍
ଓଡ଼ିଶା ସହ ରହିବାକୁ ଗ୍ରାମବାସୀଙ୍କ ପ୍ରତିଶ୍ରୁତି, ନବୀନଙ୍କ ଉପରେ ଭରସା ଥିବା କହିଲେ

ମାଲକାନଗିରି, ୨।୧୧ (ନି.ପ୍ର) : ମାଲକାନଗିରି ଜିଲ୍ଲାର ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାନ୍ତ ଗ୍ରାମଗୁଡ଼ିକରେ ଲୋକଙ୍କ ସମସ୍ୟା ବୁଝିବା ସହ ସେମାନଙ୍କ ସହ ସିଧାସଳଖ ଆଲୋଚନା କରିଛି ବିଜୁ ଜନତା ଦଳର ଏକ ସ୍ୱତନ୍ତ୍ର ଟିମ୍। ଚିତ୍ରକୋଣ୍ଡା ବ୍ଲକ ଧୂଳିପୁଟ ଗ୍ରାମ ପଞ୍ଚାୟତ ଅଧୀନ ଝୁମ୍ ?ଡାଙ୍ଗ, ବାଙ୍ଗୁରସୁଧା ଓ ସୁଆପାଲ୍ଲୀ ଗ୍ରାମକୁ ଯାଇ ଦଳୀୟ ପ୍ରତିନିଧିମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି।

ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ଏହି ଟିମ୍‌ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ିଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ନେତା ଏବଂ କର୍ମକର୍ତ୍ତା ସାମିଲ ହୋଇଥିଲେ। ଆନ୍ଧ୍ରପ୍ରଦେଶରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ସୀମାନ୍ତ ଗ୍ରାମର କିଛି ଲୋକ ସେଠାରେ ଭୋଟ୍ ଦେବାକୁ ଆଗ୍ରହୀ ଥିବା ଖବର ପାଇ ବିଜେଡି ଟିମ୍ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ଦଳ ପକ୍ଷରୁ କୁହାଯାଇଛି। ଗ୍ରାମବାସୀଙ୍କ ମତରେ, ଆନ୍ଧ୍ରପ୍ରଦେଶରେ ଚିକିତ୍ସା ସମେତ କିଛି ମୌଳିକ ସୁବିଧା ମିଳୁଥିବାରୁ ସେମାନେ ସେଠାକାର ନିର୍ବାଚନରେ ଭୋଟ୍



ଦେବାକୁ ଚିନ୍ତା କରୁଥିଲେ। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଏହି ଅଞ୍ଚଳରେ ଗୁରୁପ୍ରିୟା ସେତୁ ନିର୍ମାଣ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। କିନ୍ତୁ ବର୍ତ୍ତମାନର ସରକାରଙ୍କ ଅଢେଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସୀମାନ୍ତ ଗ୍ରାମଗୁଡ଼ିକରେ ଆଶାନୁରୂପ ଉନ୍ନତି ହୋଇନଥିବା ସେମାନେ କହିଛନ୍ତି। ପାନୀୟ ଜଳ, ଆବାସ ଯୋଜନା, ଜଙ୍ଗଲ ଜମି ଓ ଘରବାରି ପଟ୍ଟା, ବାର୍ଦ୍ଧକ୍ୟ ଭତ୍ତା, ସୁଭଦ୍ରା ଯୋଜନା ଏବଂ ବିଦ୍ୟୁତ୍ ସୁବିଧା ଭଳି ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିବା ବିଜେଡି ଟିମ୍ ଦାବି କରିଛି। ଏପରିକି କେତେକ ଗ୍ରାମବାସୀଙ୍କ ଆଧାର କାର୍ଡ, ରାସନ୍ କାର୍ଡ ଓ ଶ୍ରମିକ କାର୍ଡ ଦୁଇଟି ଲେଖାଏଁ ଥିବା ମଧ୍ୟ ଟିମ୍ ଉଲ୍ଲେଖ କରିଛି। ଆଲୋଚନା ପରେ ଗ୍ରାମବାସୀ ଓଡ଼ିଶା ସହ ରହିବାକୁ ଇଚ୍ଛା ପ୍ରକାଶ କରିଥିବା ବିଜେଡି ପକ୍ଷରୁ କୁହାଯାଇଛି। ୱାର୍ଡ ସଦସ୍ୟ ସୀତାମା ହନ୍ତାଳ, ନାକା ରାଜୁ ଖିଲ, କାଳିଆ ହନ୍ତାଳ, ମାଲେଶ ରାଓ ହନ୍ତାଳ, ଜାନବାବ ହନ୍ତାଳ, ଡମ୍ବୁ ଖିଲ, ସାରିୟା ଗୋଲରୀ, ଶିବାଜୀ ହନ୍ତାଳ, ଭେଙ୍କଟ ରାଓ ହନ୍ତାଳଙ୍କ ସମେତ ଅନ୍ୟ ଗ୍ରାମବାସୀ ନବୀନ ପଟ୍ଟନାୟକଙ୍କ ଉପରେ ଭରସା ଥିବା ଏବଂ ଓଡ଼ିଶା ସହ ରହିବେ ବୋଲି କହିଥିବା ଦଳ ଦାବି କରିଛି। ଏହି ଅବସରରେ ମାନସ ମାଡକାମୀ କହିଛନ୍ତି ଯେ, ସୀମାନ୍ତ ଗ୍ରାମଗୁଡ଼ିକର ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ, ଚିତ୍ରକୋଣ୍ଡା ବିଡିଓ ଓ ତହସିଲଦାରଙ୍କ ସହ ଆଲୋଚନା କରାଯିବ। ଧୂଳିପୁଟ ଓ ପାପେରମେଟ୍ଲା ପଞ୍ଚାୟତରେ ମୌଳିକ ସୁବିଧା ଯୋଗାଇଦେବା ସହ ମାଲକାନଗିରି ଜିଲ୍ଲାର ଓଡ଼ିଶା-ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଗ୍ରାମଗୁଡ଼ିକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ସେ ଦାବି କରିଛନ୍ତି। ଏହି ଦାବି ପୂରଣ ନହେଲେ ବିଜେଡି ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଟିମ୍‌ରେ ବିଜେଡି ସଂଖ୍ୟାଲଘୁ ସେଲ୍ ଜିଲ୍ଲା ସଭାପତି ରାଜେନ୍ଦ୍ର ଖସଲା, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ପାଣିଗ୍ରାହୀ, ଜିଲ୍ଲା ସମ୍ପାଦକ ସଦାନନ୍ଦ ଖରା, ଚିତ୍ରକୋଣ୍ଡା ବ୍ଲକ ସଭାପତି ରାମଚନ୍ଦ୍ର ଗାଲେଲ ଓ ବ୍ଲକ ସାଧାରଣ ସମ୍ପାଦକ ତପନ ସାହାଙ୍କ ସମେତ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଯୋଡା ମହିଳା ମହାବିଦ୍ୟାଳୟରେ ଭିଜିଲାନ୍ସ ସପ୍ତାହ ପାଳିତ



ଯୋଡା, ୨।୧୧ (ନି.ପ୍ର): ଯୋଡା ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଭିଜିଲାନ୍ସ ସପ୍ତାହ ପାଳିତ ହୋଇଛି । ଏଥିପାଇଁ ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ଛାତ୍ରୀମାନଙ୍କୁ ଲାଞ୍ଚ ନେବା ଓ ଦେବାକୁ ବିରୋଧ କରିବା ସହିତ ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସପଥ ପାଠ କରାଇଥିଲେ ଓ ସଚେତନତା ସଭାରେ ବାର୍ତ୍ତା ଦେଇଥିଲେ । କଲେଜର ଛାତ୍ରୀମାନେ ନିଶାମୁକ୍ତି ସଚେତନତା ରାଲି କରି ସ୍ଥାନୀୟ ବନେଇକଳା ଅଞ୍ଚଳରେ ରାସ୍ତା ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜାତୀୟ ସେବା ଯୋଜନାର +୩ କାର୍ଯ୍ୟକ୍ରମ ଅଧିକାରୀ ଜଗମୋହନ ଝଙ୍କାର ଓ +୨ କାର୍ଯ୍ୟକ୍ରମ ଅଧିକାରିଣୀ ଶୁଚିସ୍ମିତା ସିଂ ।

ଏସିଏଫଙ୍କ ମୃତ୍ୟୁ ମାମଲାରେ ଜେଲ୍ ଗଲେ ପତ୍ନୀ ବିଦ୍ୟାଭାରତୀ



ପାରଳାଖେମୁଣ୍ଡି, ୨।୧୧ (ନି.ପ୍ର): ବହୁ ଚର୍ଚ୍ଚିତ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ତାଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଆଜି ପାରଳାଖେମୁଣ୍ଡି କୋର୍ଟରେ ଆତ୍ମସମର୍ପଣ କରିଥିବା ବେଳେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି । ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଦେବା ପରେ ସେ ଆତ୍ମସମର୍ପଣ କରିଥିଲେ । ସେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ । କିନ୍ତୁ ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ ମାନ୍ୟବର କୋର୍ଟ । ଏହା ସହିତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ । ପରେ ବିଦ୍ୟାଭାରତୀ ପଣ୍ଡାଙ୍କୁ ପାରଳାଖେମୁଣ୍ଡି ଜେଲ୍‌କୁ ନିଆଯାଇଥିଲା । ଏହି ମାମଲାରେ ପୂର୍ବରୁ ଅନ୍ୟ ଦୁଇ ଅଭିଯୁକ୍ତ- ତତ୍କାଳୀନ ଗଜପତି ଡିଏଫଓ ସଂଗ୍ରାମ କେଶରୀ ମହାପାତ୍ର ଓ ରୋଷେୟା ଗିରଫ ହୋଇଥିବା ବେଳେ ସେମାନେ ମଧ୍ୟ ପାରଳାଖେମୁଣ୍ଡି ଜେଲ୍‌ରେ ଅଛନ୍ତି । ବିଦ୍ୟାଭାରତୀ ପଣ୍ଡାଙ୍କ ଆଗୁଆ ଜାମିନ ଆବେଦନ ଉପରେ ଶୁକ୍ରବାର ହାଇକୋର୍ଟରେ ଶୁଣାଣି ହୋଇଥିଲା । ମାନ୍ୟବର କୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ । ଶନିବାର କୋର୍ଟ ତାଙ୍କ ରାୟ ଦେଇଥିଲେ । କୋର୍ଟଙ୍କ ରାୟ ବିଦ୍ୟାଭାରତୀଙ୍କ ବିପକ୍ଷରେ ଯାଇଥଲା । ପରେ ତାଙ୍କ ଗିରଫ ସମ୍ଭାବନା ବୃଦ୍ଧି ପାଇଥିଲା । ସୁପ୍ରିମକୋର୍ଟରୁ ନିରାଶ ହେବା ପରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ବିଦ୍ୟାଭାରତୀ । ୨୦୨୧ ଜୁଲାଇ ୧୧ ତାରିଖ ରାତିରେ ଏସିଏଫ ସୌମ୍ୟରଞ୍ଜନ ଅତି ସନ୍ଦେହଜନକ ଅବସ୍ଥାରେ ପୋଡ଼ି ଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତା' ପରଦିନ ତାଙ୍କର ମୃତ୍ୟୁ ହୋଇଥିଲା । ମାମଲାର ତଦନ୍ତ କରି ପତ୍ନୀ ବିଦ୍ୟାଭାରତୀଙ୍କ ବିରୋଧରେ ଅଗ୍ନି ନିର୍ବାପନରେ ଅବହେଳା ଦଫାରେ ଚାର୍ଜସିଟ ଦାଖଲ କରିବା ସହ ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କୁ କ୍ଲିନଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ । ଏହାକୁ ଚ୍ୟାଲେଞ୍ଜ କରି ସୌମ୍ୟରଞ୍ଜନଙ୍କ ପରିବାର ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟରେ ମାମଲା ଦାଏର କରିଥିଲେ।

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ନୋଳିଆସାହି ଗ୍ରାମରେ କଂକ୍ରିଟ୍ ରାସ୍ତାର ଶିଳାନ୍ୟାସ



ପାରାଦୀପ, ୨।୧୧ (ନି.ପ୍ର): ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ?ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱ ଏବଂ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଗ୍ରାମୀଣ ଭିତ୍ତିଭୂମିର ବିକାଶ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ଥାନୀୟ ଅଞ୍ଚଳର ଦୀର୍ଘଦିନର ଏକ ମୌଳିକ ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୋଳିଆସାହି ଗ୍ରାମରେ ୨୯୦ ମିଟର ଲମ୍ବ ଓ ୧୨ ଫୁଟ୍ ପ୍ରସ୍ଥ ବିଶିଷ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ

ଜେଏସ୍ ?ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଏବଂ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଶିଳାନ୍ୟାସ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ରାସ୍ତା ଗଙ୍ଗାମାତା ମନ୍ଦିରଠାରୁ ଗ୍ରାମର ଶ୍ମଶାନ ପର୍ଯ୍ୟନ୍ତ ସଂଯୋଗ ସ୍ଥାପନ କରିବ। ଦୀର୍ଘଦିନ ଧରି ଶ୍ମଶାନକୁ ଯିବା ପାଇଁ ଗ୍ରାମବାସୀମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଆସୁଥିଲେ। ବିଶେଷକରି ବର୍ଷା ଋତୁରେ ରାସ୍ତାରେ ଜଳବନ୍ଦୀ, କାଦୁଅ ଓ ଅସମତଳ ପଥ ଯୋଗୁଁ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡୁଥିଲା। ଏହି କଂକ୍ରିଟ୍ ରାସ୍ତା ନିର୍ମାଣ ଦ୍ୱାରା ସବୁ ଋତୁରେ ଯାତାୟାତ ସୁବିଧାଜନକ ହେବା ସହ ଗ୍ରାମବାସୀମାନେ ସୁରକ୍ଷିତ ଓ ସହଜରେ ଶ୍ମଶାନରେ ପହଞ୍ଚିପାରିବେ। ଏହାଦ୍ୱାରା ଅନ୍ତିମ ସଂସ୍କାର ଭଳି ଏକ ସମ୍ବେଦନଶୀଳ ସମୟରେ ଗ୍ରାମବାସୀଙ୍କୁ ସମ୍ମାନଜନକ ଓ ସୁବିଧାଜନକ ପରିବେଶ ମିଳିପାରିବ। ଏହି ଶିଳାନ୍ୟାସ ଉତ୍ସବରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦୀପର ଉପସଭାପତି ମନୋଜ ସିଂହ, ଆସୋସିଏଟ୍ ଉପସଭାପତି ମିତ୍ରଭାନୁ ଚୌଧୁରୀ ଏବଂ ଜେଏସ୍ ?ଡବ୍ଲ୍ୟୁ ଫାଉଣ୍ଡେସନ୍, ପାରାଦୀପର ସିଏସ୍ ?ଆର୍ ମୁଖ୍ୟ ଅଭିଜିତ ମହାନ୍ତି ଉପସ୍ଥିତ ଥିଲେ। ଏହାସହ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ସମାଜସେବୀ ଓ ସ୍ଥାନୀୟ ପ୍ରତିନିଧି ଯଦୁନାଥ ଖଟୁଆ, ସମ୍ପଦ ବାରିକ, କିଶୋରଲାଲ ବେହେରା ଏବଂ ଦିବ୍ୟପ୍ରକାଶ ବେହେରାଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହିଥିଲେ। ଏହି ପଦକ୍ଷେପ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍‌ର ସମାଜ କଲ୍ୟାଣ, ଗ୍ରାମୀଣ ଭିତ୍ତିଭୂମିର ବିକାଶ ଏବଂ ସମାବେଶୀ ଅଭିବୃଦ୍ଧି ପ୍ରତି ରହିଥିବା ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଭଳି ଜନହିତକର ପଦକ୍ଷେପ ମାଧ୍ୟମରେ ଉଭୟ ସଂସ୍ଥା ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ, ସମ୍ପ୍ରଦାୟ ସହ ସୁଦୃଢ଼ ସମ୍ପର୍କ ସ୍ଥାପନ ଏବଂ ଆଖପାଖ ଗ୍ରାମଗୁଡ଼ିକର ସ୍ଥାୟୀ ବିକାଶରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଥିବା ନେଇ ଜେଏସଡବ୍ଲ୍ୟୁ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ ।

ଆଜିଠାରୁ ୫ ଯାଏଁ 'କଟକ ନାଟ୍ୟୋତ୍ସବ' ଚୂଡ଼ାନ୍ତ ପର୍ଯ୍ୟାୟ

କଟକ,୨।୧୧ (ନି.ପ୍ର): ନାଟ୍ୟକଳା ଓ ଅଭିନୟ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ, ସୃଜନଶୀଳତା ତଥା ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ "କଟକ ନାଟ୍ୟୋତ୍ସବ" ଦ୍ୱିତୀୟ ସଂସ୍କରଣର ଚୂଡ଼ାନ୍ତ ପର୍ଯ୍ୟାୟ ନଭେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିସଡମ୍ ?ଠାରେ ଅନୁଷ୍ଠିତ ହେବ । ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ନାଟକ ପରିବେଷଣ ଆରମ୍ଭ ହୋଇ ଅପରାହ୍ନ୪ଟା ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ମୋଟ ୧୦ଟି ଦଳ ସେମାନଙ୍କ ନାଟ୍ୟ ପ୍ରତିଭା ପ୍ରଦର୍ଶନ କରିବେ । ଆସନ୍ତା କାଲି ପୂର୍ବାହ୍ନ ୧୦ ଘଟିକା ସମୟରେ ମଞ୍ଚପୂଜା ଅନୁଷ୍ଠିତ ହେବ ଓ ପରେ ପରେ ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ଇନଷ୍ଟିଚ୍ୟୁଟ ପକ୍ଷରୁ ନାଟକ ମହାବାହୁ ପରିବେଷଣ କରାଯିବ । ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନାଟ୍ୟୋତ୍ସବର ବିଜେତା ଦଳକୁ ବାଲିଯାତ୍ରାର ବୈଷ୍ଣବ ପାଣି ମଞ୍ଚରେ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରାଯିବ । ଦଳଗତ ପୁରସ୍କାର ବ୍ୟତୀତ ବିଭିନ୍ନ ବ୍ୟକ୍ତିଗତ ଓ କଳାତ୍ମକ ବିଭାଗରେ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ । ଦର୍ଶକମାନେ ଏହି ନାଟକଗୁଡ଼ିକୁ ବିନାମୂଲ୍ୟରେ ଉପଭୋଗ କରିବାର ସୁଯୋଗ ପାଇବେ। ପୂର୍ବରୁ ନେତାଜୀ ସଂସ୍କୃତି ଭବନଠାରେ ଅକ୍ଟୋବର ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ସେମିଫାଇନାଲ ଆୟୋଜିତ ହୋଇଥିଲା । ଏହି ପର୍ଯ୍ୟାୟରେ ମୋଟ ୧୩ଟି ଦଳ ସେମାନଙ୍କ ନାଟ୍ୟ ପ୍ରତିଭା ପ୍ରଦର୍ଶନ କରିଥିଲେ । ନାଟ୍ୟ ବିଶେଷଜ୍ଞ ତଥା ବିଚାରକମଣ୍ଡଳୀଙ୍କ ଦ୍ୱାରା ନାଟକ ଗୁଡ଼ିକର ମୂଲ୍ୟାୟନ କରାଯାଇ ୧୦ ଟି ଦଳକୁ ଚୂଡ଼ାନ୍ତ ପର୍ଯ୍ୟାୟକୁ ଚୟନ କରାଯାଇଥିଲା ।

ଜିଲ୍ଲାପାଳଙ୍କର ମିଳିତ ଅଭିଯୋଗ ଶୁଣାଣି

ରାୟଗଡ଼ ୦୨/୧୧ (ନି.ପ୍ର) : ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରାସାଦ, ବନ ବିଭାଗର ଅଧିକାରୀ ଶ୍ରୀ ସଚିନ୍ ଆନ୍ନା ସାହେବ ଓହଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ବିଶ୍ୱମ୍ଭର କୁମାର ବେହେରା, ଉପ ଜିଲ୍ଲାପାଳ ରାୟଗଡ଼ ସୁଶ୍ରୀ ମୃଣାଳିକା ରାଠୋଡ଼, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ୟା ଗୁଡ଼ିକର ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ଏଥିରେ



ମୋଟ ୫୨ଟି ଅଭିଯୋଗ ପଞ୍ଜିକୃତ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୩୯ ଏବଂ ୧୨ ଟି ସାମୁହିକ ଅଭିଯୋଗ ଶୁଣାଣି କରାଯାଇଥିଲା। ଉକ୍ତ ଅଭିଯୋଗ ଶୁଣାଣିରେ ରେଡକ୍ରୋସ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କ ପ୍ରଧାନ କରାଯାଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା ହୋଇଥିଲା। ଅନ୍ୟ ଅଭିଯୋଗ ଗୁଡ଼ିକ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ପୁଣି ଅନ୍ତର୍ଜାତୀୟ ସ୍ତରରେ ଚମକିଲା 'ନନ୍ଦମାଷ୍ଟ୍ରଙ୍କ ଚାଟଶାଳୀ'
ଟାଗୋର ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲରେ ଦୁଇଟି ପୁରସ୍କାର ହାସଲ

ବ୍ୟାସନଗର, ୨।୧୧ (ନି.ପ୍ର): ଓଡ଼ିଶାର ଗୌରବ ଓ ଗର୍ବକୁ ପୁଣିଥରେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇଛି ଓଡ଼ିଆ ଚଳଚ୍ଚିତ୍ର 'ନନ୍ଦମାଷ୍ଟ୍ରଙ୍କ ଚାଟଶାଳୀ'। କୋଲକାତାରେ ଆୟୋଜିତ ଟାଗୋର ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲରେ। ଏହି ଚଳଚ୍ଚିତ୍ର ଦୁଇଟି ସମ୍ମାନଜନକ ପୁରସ୍କାର ହାସଲ କରିଛି। ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଏବଂ ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଲ୍ମଙ୍କ ବର୍ଗରେ ଏହା ପୁରସ୍କୃତ ହୋଇଛି। ସ୍ୱର୍ଗତ ନନ୍ଦକିଶୋର ପୃଷ୍ଟିଙ୍କ ଜୀବନ ଓ ତାଙ୍କର ଅତୁଳନୀୟ ଶିକ୍ଷାଦାନକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ର ଏକ ମହାନ୍ ଗୁରୁଙ୍କ ନିଷ୍ଠା, ତ୍ୟାଗ ଓ ସମାଜସେବାର ଜୀବନ୍ତ ଦସ୍ତାବିଜ। ନନ୍ଦ ସାର୍ ନିଜ ଚାଟଶାଳୀ ମାଧ୍ୟମରେ ଦୀର୍ଘ ୭୦ ବର୍ଷ ଧରି ଅଗଣିତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଶିକ୍ଷାଦାନ କରି ଆସୁଥିଲେ। ୧୦୪ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ଶିକ୍ଷା ପ୍ରତି ତାଙ୍କର ଅସାଧାରଣ ନିଷ୍ଠା ଓ ସମାଜ ପ୍ରତି ଅବଦାନକୁ ସ୍ୱୀକୃତି ଦେଇ ଭାରତ ସରକାର ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ। ଅଭିସ୍ମିତା ଫିଲ୍ମ ବ୍ୟାନରରେ ବରିଷ୍ଠ ସାମ୍ବାଦିକ ଡକ୍ଟର ଅଭୟ ପତିଞ୍ଚ ଏହି ଚଳଚ୍ଚିତ୍ରର ନିର୍ମାଣ କରିଥିବା ବେଳେ ମୁମ୍ବାଇର ପ୍ରଣବ୍ ଆଇଚ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଝଅସ୍ମିତା ପତି ସହ-ନିର୍ଦ୍ଦେଶିକା ଭାବେ ଚଳଚ୍ଚିତ୍ର ନିର୍ମାଣରେ ସହଯୋଗ କରିଛନ୍ତି। ଗତ



ଡିସେମ୍ବର ୧୨ ତାରିଖରେ ଏହି ଚଳଚ୍ଚିତ୍ର ସର୍ବଭାରତୀୟ ସ୍ତରରେ ସିନେମା ହଲ୍ ?ରେ ମୁକ୍ତିଲାଭ କରିଥିଲା। ଦର୍ଶକଙ୍କ ଠାରୁ ଏହା ବ୍ୟାପକ ପ୍ରଶଂସା ସାଉଁଟିବା ସହ ବିଭିନ୍ନ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହା ପୂର୍ବରୁ ଡକ୍ ଲିପଜିଗ୍ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ, କାନ୍ସ ଫିଲ୍ମ ଫେଷ୍ଟିଭାଲ, କୋଲକାତା ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ, ଝାଡ଼ଖଣ୍ଡ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ, ଦିଲ୍ଲୀର ହାବିଟାଟ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ସମେତ ମୁମ୍ବାଇ ଓ ଗୋଆର ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ଏହା ପ୍ରଦର୍ଶିତ ହୋଇ ବହୁ ପ୍ରଶଂସା ଓ ପୁରସ୍କାର ହାସଲ କରିଛି। ଏହି ସଫଳତା ପରେ ଚଳଚ୍ଚିତ୍ରର ନିର୍ମାତା ଡକ୍ଟର ଅଭୟ ପତିଞ୍ଚ ସମସ୍ତ କଳାକାର, ନିର୍ଦ୍ଦେଶକ, ସହଯୋଗୀ ଓ ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଶେଷକରି ନନ୍ଦ ସାର୍‌ଙ୍କ ନିଖୁଣ ଓ ହୃଦୟସ୍ପର୍ଶୀ ଅଭିନୟ ଏହି ଚଳଚ୍ଚିତ୍ରର ସଫଳତାର ଏକ ପ୍ରମୁଖ ଆଧାର ବୋଲି ସେ ଉଲ୍ଲେଖ କରିଛନ୍ତି। ଜଣେ ସାଧାରଣ ଚାଟଶାଳୀ ଶିକ୍ଷକଙ୍କ ଅସାଧାରଣ ଜୀବନ ସଂଘର୍ଷ, ତ୍ୟାଗ ଓ ଶିକ୍ଷାଦାନର ମହାନ ଆଦର୍ଶକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ 'ନନ୍ଦମାଷ୍ଟ୍ରଙ୍କ ଚାଟଶାଳୀ' ଆଜି ଏକ ସଫଳ ଉଦାହରଣ ପାଲଟିଛି।

ଅର୍ଣ୍ଣବ ବାତ୍ୟାର ପ୍ରଭାବରେ ବ୍ରହ୍ମପୁର ହାଲ୍ - ବେହାଲ୍

ସ୍ଥିତି ଅନୁଧ୍ୟାନ ସହ ସହାୟତା ଓ ସମୀକ୍ଷା କଲେ ବିଧାୟକ



ବ୍ରହ୍ମପୁର,୧।୧୧(ମନ୍ଥନ): ଅର୍ଣ୍ଣବ ବାତ୍ୟାର ପ୍ରଭାବରେ ଲଗାଣ ବର୍ଷା ଓ ପ୍ରବଳ ପବନ ଯୋଗୁଁ ବ୍ରହ୍ମପୁର ସହରର ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି ବୋଲି କହିଲେ କୌଣସି ଅତ୍ୟୁକ୍ତି ହେବନାହିଁ। ମହାନଗର ନିଗମ ଅନ୍ତର୍ଗତ ପ୍ରାୟ ସମସ୍ତ ୱାର୍ଡରେ ଭୟଙ୍କର ବନ୍ୟାର ପ୍ରକୋପ ଜାରି ରହିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ମାନ୍ୟବର ବିଧାୟକ ବ୍ରହ୍ମପୁର କେ ଅନିଲ କୁମାର ନିଜ ସହଯୋଗୀ ଓ ସମର୍ଥକ ମାନଙ୍କ ମିଳିତରେ ନିଗମ ଅନ୍ତର୍ଗତ ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ ।ଅନ୍ୟ ଗୁଡ଼ିକ ମଧ୍ୟରେ ୧୯ ନମ୍ବର ୱାର୍ଡ ଖଜା ସାହିର କିଛି ଲୋକଙ୍କ ଘରେ ପାଣି ପଶି ଯାଇଥିଲା।ଫଳରେ ଘର ଛାଡ଼ି ସେମାନେ ଖଜା ସାହି ସ୍ଥିତ କଲ୍ୟାଣ ମଣ୍ଡପରେ ଆଶ୍ରୟ ନେବାକୁ ବାଧ ହୋଇଥିଲେ। ଏଭଳି ବିପତ୍ତି ସମୟରେ ଆଶ୍ରୟ ନେଇଥିବା ପରିବାର ବର୍ଗଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ବିଧାୟକ ଶ୍ରୀ କେ.ଅନିଲ କୁମାର ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଥିଲେ। ବିପଦ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ଛିଡ଼ା ହେବା ସହ ସେମାନଙ୍କ ଖାଦ୍ୟ ଓ ଆବଶ୍ୟକତା ପ୍ରତି ଧ୍ୟାନ ଦେବାର ଏହି ପଦକ୍ଷେପ ବିପନ୍ନ ପରିବାରଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲା। ସେହିପରି ବାବାଜୀ ତୋଟା ସାହିରେ ଜଣେ ବୃଦ୍ଧାଙ୍କ ଉପରେ ଗଛ ପଡ଼ି ସେ ଆହତ ହୋଇଥିବା ଦେଖିବାକୁ ପାଇଥିଲେ ବିଧାୟକ । ଉକ୍ତ ଘଟଣାକୁ ଦେଖିବା ମାତ୍ରେ ବିଧାୟକ ବିଳମ୍ବ ନକରି ତୁରନ୍ତ ଆମ୍ବୁଲାନ୍ସ ଡକାଇ ଆହତ ବୃଦ୍ଧାଙ୍କୁ ଏମ୍ ?କେସିଜି ବଡ଼ ମେଡିକାଲକୁ ପଠାଇବାର ବ୍ୟବସ୍ଥା କରିଥିଲେ। କେବଳ ଆମ୍ବୁଲାନ୍ସ ଡକାଇବାରେ ସୀମିତ ନରହି ବୃଦ୍ଧାଙ୍କ ଚିକିତ୍ସା କିପରି ଶୀଘ୍ର ଆରମ୍ଭ ହେବ, ସେଥିପ୍ରତି ମଧ୍ୟ ଧ୍ୟାନ ଦେଇଥିଲେ । ପରେ ବିଧାୟକ ନିଜେ ଏମ୍ ?କେସିଜି ମେଡିକାଲର କାଜୁଆଲିଟିରେ ପହଞ୍ଚି ଆହତ ବୃଦ୍ଧାଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ତାଙ୍କୁ ତୁରନ୍ତ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବାକୁ ମେଡିକାଲ କର୍ମଚାରୀଙ୍କୁ ଅନୁରୋଧ କରିବା ସହ ଚିକିତ୍ସା ପ୍ରକ୍ରିୟା ଉପରେ ଧ୍ୟାନ ଦେଇଥିଲେ ।ତେବେ ବିଶେଷ କରି ବର୍ଷା ଯୋଗୁଁ ଘରର ଛାତ ଓ ଅନ୍ୟାନ୍ୟ ସମସ୍ୟାରେ ଅସୁବିଧା ଭୋଗୁଥିବା ପରିବାରଙ୍କୁ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ଗୋଇଲୁଣ୍ଡି ବଡ଼ ସାହିରେ ପହଞ୍ଚି ଥିଲେ ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନିଲ କୁମାର । ସେଠାରେ ପ୍ରଭାବିତ ପରିବାରଙ୍କୁ ତାରପୋଲିନ୍ ବଣ୍ଟନ କରିବା ସହ ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝି ଥିଲେ ।ବର୍ଷା ଓ ପବନ ଯୋଗୁଁ ଯେପରି ଲୋକଙ୍କ ଘରଦ୍ୱାର ଅଧିକ କ୍ଷତି ଗ୍ରସ୍ତ ନହୁଏ ଏବଂ ପରିବାର ଗୁଡ଼ିକ ଅସୁବିଧାରେ ନ ପଡ଼ନ୍ତି, ସେଥିପାଇଁ ତାରପଲିନ୍ ଯୋଗାଇ ଦିଆଯାଇଥିଲା । ପରେ ପାୟାଲ ହଲ୍ ? ନିକଟସ୍ଥ ସେବକ ସାହିରେ ରାସ୍ତା ଉପରେ ଗଛ ପଡ଼ିଯିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଏହି ଖବର ପାଇବା ପରେ ବିଳମ୍ବ ନକରି ଘଟଣା ସ୍ଥଳରେ ପହଞ୍ଚି ତତ୍ପରତାରେ ଅଗ୍ନିଶମ ବିଭାଗର ସହଯୋଗରେ ରାସ୍ତା ଉପରେ ପଡ଼ିଥିବା ଗଛ କଟାଯାଇ ହଟା ଯାଇଥିଲା। ଫଳରେ ଯାତାୟାତରେ ସୃଷ୍ଟି ହୋଇଥିବା ବାଧା ଦୂର କରିବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା।

ଦିଲ୍ଲୀ ପବ୍ଲିକ ସ୍କୁଲର ମୂନ କାର୍ଯ୍ୟକ୍ରମରେ କୂଟନୀତି, ନେତୃତ୍ୱ ଓ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଉତ୍ସବ



ପାରାଦୀପ - ପାରାଦୀପ ରିଫାଇନେରୀ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ପକ୍ଷରୁ ମୁନ କାର୍ଯ୍ୟକ୍ରମ-୨୦୨୬ ର ଚତୁର୍ଥ ସଂସ୍କରଣ ୩୧ ଅକ୍ଟୋବର ୨୦୨୬ରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ନଅଟି ବିଦ୍ୟାଳୟରୁ ୧୫୪ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। କୂଟନୀତି, ଚିନ୍ତନ-ମନ୍ଥନ, ସହଯୋଗ ଏବଂ ବୌଦ୍ଧିକ ଆଦାନ-ପ୍ରଦାନର ଏହି ଦିନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ସମ୍ମିଳନୀ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିବା, ନିଜର ବକ୍ତୃତା କୌଶଳକୁ ବିକଶିତ କରିବା ଏବଂ ଆନ୍ତର୍ଜାତୀୟ ସମ୍ପର୍କ ଓ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା ସମ୍ପର୍କରେ ଗଭୀର ଜ୍ଞାନ ହାସଲ କରିବା ପାଇଁ ଏକ ସୁଯୋଗ୍ୟ ମଞ୍ଚ ପ୍ରଦାନ କରିଥିଲା। ଏହି ସମ୍ମିଳନୀ ତିନିଜଣ ବିଶିଷ୍ଟ ଅତିଥିଙ୍କ ଗରିମାମୟ ଉପସ୍ଥିତିରେ ଗୌରବାନ୍ୱିତ ହୋଇଥିଲା। ସେମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ଆଇଓସିଏଲ ରିଫାଇନେରୀ ଏଚଆର ସିଜିଏମ ଧର୍ମେଶ ଚୌଧୁରୀ ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲ ପାରାଦୀପ ରିଫାଇନାରୀର ପରିଚାଳନା ପରିଷଦର ସଦସ୍ୟ ଡକ୍ଟର ଦେବସ୍ମିତା ସାହୁ, ଅଧ୍ୟକ୍ଷା, ବ୍ୟାସନଗର ପବ୍ଲିକ୍ ସ୍କୁଲ୍ ?, ଯାଜପୁର ଏବଂ ସହୋଦୟ ସ୍କୁଲ କମ୍ପ୍ଲେକ୍ସ, ପୂର୍ବ ଓଡ଼ିଶା ଶାଖାର ଉପାଧ୍ୟକ୍ଷା; ଏବଂ ଡକ୍ଟର ଜୟନ୍ତୀ ମିଶ୍ର, ପରିଚାଳନା ନିର୍ଦ୍ଦେଶିକା, ସାଲେପୁର ପବ୍ଲିକ୍ ସ୍କୁଲ୍ ?, ସାଲେପୁର ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ଉପସ୍ଥିତି ଏହି ଅବସରର ଗରିମା ବୃଦ୍ଧି କରିବା ସହ ଭବିଷ୍ୟତର ନେତୃତ୍ୱ ଗଢ଼ିବାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିଚାଳିତ ପ୍ରୟାସଗୁଡ଼ିକର ଗୁରୁତ୍ୱକୁ ପ୍ରତିପାଦିତ କରିଥିଲା। ଏହି ସମ୍ମିଳନୀରେ ତିନୋଟି କମିଟି ରହିଥିଲା—ମିଳିତ ଜାତିସଂଘ ମାନବାଧିକାର ପରିଷଦ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଆନ୍ତର୍ଜାତୀୟ ପ୍ରେସ୍ । ପ୍ରତ୍ୟେକ କମିଟି ଅଂଶଗ୍ରହଣକାରୀମାନଙ୍କୁ ସମସାମୟିକ ଆହ୍ୱାନଗୁଡ଼ିକୁ ଅନୁଧ୍ୟାନ କରିବା, ନିଜ ନିଜ ମତାମତ ଆଦାନ-ପ୍ରଦାନ କରିବା, ସମାଧାନ ପାଇଁ ଆଲୋଚନା କରିବା ଏବଂ କୂଟନୀତି, ଗବେଷଣା, ଯୋଗାଯୋଗ ଓ ଗଣମାଧ୍ୟମ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ଦେଇଥିଲା।


ଜଗନେଶ୍ୱର ବୋରାଙ୍କ ମାର୍ଗଦର୍ଶନରେ ମହାସଚିବ ପ୍ରଜ୍ଞା ପରମିତା ଏବଂ ଉପ-ମହାସଚିବ ରୋହନ ସାହୁଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ସୁଚାରୁରୂପେ ପରିଚାଳିତ ହୋଇଥିଲା।

ୟୁଏନଏଚଆରସି କମିଟିର ନେତୃତ୍ୱ ଅଧ୍ୟକ୍ଷ ଜାଙ୍ଗ୍ୟଦତ୍ତ ରଥ ଏବଂ ଉପାଧ୍ୟକ୍ଷା ପି.ପାର୍ଥବୀ ଅଭିଲିପ୍ସା ନେଇଥିଲେ। ଡବ୍ଲୁଏଚଓ କମିଟିର ଅଧ୍ୟକ୍ଷ ଆକାଶ ଦତ୍ତା ଏବଂ ଉପାଧ୍ୟକ୍ଷା ସାଇସ୍ମିତା ସାମଲ କମିଟିର କାର୍ଯ୍ୟଧାରାକୁ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ, ଆନ୍ତର୍ଜାତୀୟ ପ୍ରେସ୍ ଟିମ୍ ?ର ନେତୃତ୍ୱ ମୁଖ୍ୟ ସମ୍ପାଦିକା ରୁଚିସ୍ମିତା ପଟ୍ଟନାୟକ ଏବଂ ମୁଖ୍ୟ ଫଟୋଗ୍ରାଫର ସୁବ୍ରତ କୁମାର ନାୟକ ନେଇଥିଲେ। ସେମାନେ ସମ୍ମିଳନୀର ସାମ୍ବାଦିକତା ଓ ଫଟୋଗ୍ରାଫି ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକର ତଦାରଖ କରିଥିଲେ ଓ ବିଶେଷ କରି ଏସ ସ୍ମୃତି ରଞ୍ଜନଙ୍କୁ ତାଙ୍କର ସହଯୋଗ ଏବଂ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଯାଇଥିଲା।

ସମ୍ମିଳନୀରେ ତିନୋଟି ଯାକ କମିଟିରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କମିଟିରେ ପ୍ରୟାସ ବିଦ୍ୟା ମନ୍ଦିରର ଫ୍ରାନ୍ସ ପ୍ରତିନିଧି ମିହିକା ସତପଥୀଙ୍କୁ ଶ୍ରେଷ୍ଠ ପ୍ରତିନିଧି ପୁରସ୍କାର ପ୍ରଦାନ କରାଯାଇଥିଲା। ଡବ୍ଲୁଏଚଓ କମିଟିରେ ରୁଷିଆର ପ୍ରତିନିଧିତ୍ୱ କରୁଥିବା ଆୟୁଷ ରାଜ ଏବଂ ଜାନଭି ଶ୍ରୀବାସ୍ତବ ଦିଲ୍ଲୀ ପବ୍ଲିକ୍ ସ୍କୁଲ ପାରାଦୀପ ରିଫାଇନାରୀ ରୁ ମିଳିତ ଭାବେ ଶ୍ରେଷ୍ଠ ପ୍ରତିନିଧି ଘୋଷଣା କରାଯାଇଥିଲା। ଆନ୍ତର୍ଜାତୀୟ ପ୍ରେସ୍ ?ରେ ପ୍ରୟାସ ବିଦ୍ୟା ମନ୍ଦିରର ସାତ୍ତ୍ୱିକି ରୟଙ୍କୁ ଶ୍ରେଷ୍ଠ ସାମ୍ବାଦିକ ଏବଂ ଡିଏଭି ଇଫକୋ ର ଶୁଭମ ବସୁଲାଇଙ୍କୁ ଶ୍ରେଷ୍ଠ ଫଟୋଗ୍ରାଫର ପୁରସ୍କାର ପ୍ରଦାନ କରାଯାଇଥିଲା।

ବନ୍ୟା ବିପନ୍ନଙ୍କ ଉଦ୍ଧାର ଠାରୁ ଜଳ ନିଷ୍କାସନ ଯାଏଁ କାର୍ଯ୍ୟରେ ସକ୍ରିୟ ବିଧାୟକ ମନୋରଞ୍ଜନ

ଚିକିଟି,୨।୧୧(ମନ୍ଥନ): ବାତ୍ୟାର ପ୍ରକୋପରେ ଚିକିଟି ଓ ପାତ୍ରପୁର ବ୍ଲକର ବହୁ ଜନ ଜୀବନ ଦୋହଲି ଯାଇଥିବା ବେଳେ, ବିପଦ ସମୟରେ ଲୋକଙ୍କ ପାଖରେ ଛିଡ଼ା ହୋଇଛନ୍ତି ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା। ବାତ୍ୟାର ଭୟ, ପ୍ରବଳ ବର୍ଷା, ବନ୍ୟା ଓ ଜଳବନ୍ଦୀ



ସ୍ଥିତି ମଧ୍ୟରେ ଲୋକଙ୍କୁ ସୁରକ୍ଷିତ ରଖିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସେ ଗତ ପାଞ୍ଚଦିନ ଧରି ସକ୍ରିୟ ରହିଛନ୍ତି। ତାଙ୍କ ସହ ପତ୍ନୀ ତଥା ସାଂସଦ ପ୍ରତିନିଧି ମିନା ଦ୍ୟାନ ସାମନ୍ତରା ମଧ୍ୟ ବିପନ୍ନଙ୍କ ପାଖରେ ପହଞ୍ଚି ସହଯୋଗ ଜାରି ରଖିଛନ୍ତି। ତେବେ ବିଶେଷ କରି ଚିକିଟି ଓ ପାତ୍ରପୁର ଭଳି ଅଞ୍ଚଳରେ ବର୍ଷାଜଳ ଜମିବା, ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହେବା ଏବଂ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ଭଳି ସମସ୍ୟା ଦେଖା ଦେଇଥାଏ। ଏଭଳି ସ୍ଥିତିରେ ମାନ୍ୟବର ବିଧାୟକ ନିଜେ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। କେଉଁଠି ଜଳ ନିଷ୍କାସନରେ ସମସ୍ୟା ରହିଛି, କେଉଁଠି ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି ଏବଂ କେଉଁ ଅଞ୍ଚଳରେ ତୁରନ୍ତ ସହାୟତା ଆବଶ୍ୟକ, ସେସବୁ ଦିଗ ପ୍ରତି ଗୁରୁତ୍ୱ ଦେଇଥିଲେ। କେବଳ ସ୍ଥିତି ଅନୁଧ୍ୟାନରେ ସୀମିତ ନ ରହି ବିପନ୍ନଙ୍କୁ ଉଦ୍ଧାର କରିବା ଏବଂ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଦିଗରେ ମଧ୍ୟ ସେ ପଦକ୍ଷେପ ନେଇଥିଲେ। ସେହିପରି ବାତ୍ୟା ସମୟରେ ଆଶ୍ରୟ ସ୍ଥଳୀରେ ରହୁଥିବା ଲୋକଙ୍କ ସମସ୍ୟା ମଧ୍ୟ ବିଧାୟକଙ୍କ ଗୁରୁତ୍ୱର ବିଷୟ ହୋଇଥିଲା। ବିଭିନ୍ନ ଆଶ୍ରୟ ସ୍ଥଳୀ ପରିଦର୍ଶନ କରି ସେଠାରେ ରହୁଥିବା ଲୋକଙ୍କ ସୁବିଧା ଓ ଅସୁବିଧା ବୁଝିଥିଲେ। ଖାଦ୍ୟ, ପାନୀୟ ଜଳ, ଆଶ୍ରୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯେପରି ଠିକ୍ ଭାବେ ମିଳି ପାରିବ, ସେଥିପାଇଁ ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କରିଥିଲେ। ଏଭଳି ବିପତ୍ତି ସମୟରେ ଲୋକଙ୍କ ସହ ରହିବା, ସେମାନଙ୍କ ସମସ୍ୟା ବୁଝିବା ଏବଂ ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଯୋଗୁଁ ଅଞ୍ଚଳରେ ବିଧାୟକଙ୍କ ଉଦ୍ୟମକୁ ପ୍ରଶଂସା କରାଯାଉଛି। ଇଟା ଭାଟିରେ କାମ କରୁଥିବା ଲୋକଙ୍କୁ ବିପଦ ପୂର୍ଣ୍ଣ ପରିସ୍ଥିତିରୁ ଉଦ୍ଧାର କରିବା ତାଙ୍କ ଗସ୍ତର ଅନ୍ୟତମ ଉଲ୍ଲେଖନୀୟ ଦିଗ ହୋଇଛି। ବର୍ଷା ଓ ବନ୍ୟା ମଧ୍ୟରେ ଶ୍ରମଜୀବୀଙ୍କ ସୁରକ୍ଷା ନିଶ୍ଚିତ କରିବା ସହ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଭଳି ସମୟରେ ଜନ ପ୍ରତିନିଧିଙ୍କ ଉପସ୍ଥିତି ବିପନ୍ନଙ୍କ ମନରେ ସାହସ ଓ ଭରସା ସୃଷ୍ଟି କରିଥିବା କୁହାଯାଉଛି।

ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି


ଅନୁଗୋଳ,୦୨.୧୧(ନିପ୍ର) : ଜିଲ୍ଲା କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୨୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଓ ୧ଟି ଗ୍ରାମଭିତ୍ତିକ ଅଭିଯୋଗ ଶୁଣାଣି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୬ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମାଣ ଆବାସ, ଜମିଜମା ସମସ୍ୟା, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

ଚାରିଘରିଆ ସାହି ରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଆଠମଲ୍ଲିକ(ମନ୍ଥନ): ଆଠମଲ୍ଲିକ ସହରାଞ୍ଚଳ ର ଚାରିଘରିଆ ସାହି ରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ର ଅଷ୍ଟମ ଦିନ ରେ ସ୍ଥାନୀୟ କଳାକାର ଙ୍କ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ହୋଇଥିଲା । ସହର ସ୍ଥିତ ନୃତ୍ୟ ସଂଗୀତ ବିଦ୍ୟାପୀଠ ର କଳାକାର ମାନଙ୍କ ଦ୍ୱାରା ଅତି ଉଚ୍ଚ କୋଟି ର ନୃତ୍ୟ ପରିବେଷଣ ହୋଇଥିଲା। ଯାହା ଦ୍ୱାରା ସ୍ଥାନୀୟ କଳାକାର ଙ୍କ ନୃତ୍ୟ ଦେଖି ଦର୍ଶକ ଖୁସି ବ୍ୟକ୍ତ କରିଥିଲେ। ନୃତ୍ୟ ସଂଗୀତ ବିଦ୍ୟାପୀଠ ର ପ୍ରତିଷ୍ଠାତା ସଲମାନ ଖାଁ, ନୃତ୍ୟ ଶିକ୍ଷକ ଭଗବାନ ନାଏକ ଉପସ୍ଥିତ ରହି ଶିଶୁ କଳାକାର ଙ୍କ ନୃତ୍ୟ ପରିବେଷଣ ରେ ସହଯୋଗ କରିଥିଲେ । ଶ୍ରଦ୍ଧାଞ୍ଜଳି



ସାହୁ ଓ ନିହାରିକା ମଞ୍ଚ ପରିଚାଳନା କରିଥିଲେ । କୁନି କଳାକାର ଶ୍ରାୟାନ୍ସି ଶତପଥୀ ଙ୍କ ଓଡିଶୀ ନୃତ୍ୟ ସମସ୍ତ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଚାରିଘରିଆ ସାହି ଲକ୍ଷ୍ମୀ ପୂଜା କମିଟି ର ସଭାପତି ଗୋପାଳ କୃଷ୍ଣ ବାଘ, ସମ୍ପାଦକ ଗୁପ୍ତ ?ଶ୍ୱର ଘିବାଲା, ସଭ୍ୟ ଦୁର୍ଗା ମାଧବ ସାହୁ, ଦର୍ଶନ ପାଣିଗ୍ରାହୀ,ଦିବ୍ୟଜ୍ୟୋତି ସାହୁ,ରେବତୀକାନ୍ତ ମିଶ୍ର,ସୁବ୍ରତ ଶତପଥୀ,ପ୍ରଭଞ୍ଜନ ମିଶ୍ର,ଗୋପ ରଞ୍ଜନ ଭୁକ୍ତା,ସୁନିଲ ବାଘ, ଶାଧେଶ୍ୱର ପଣ୍ଡା, ଅମ୍ବିକେଶ ବେହେରା, ଆକାଶ ପ୍ରଧାନ, ଅନିଲ ପ୍ରଧାନ, ମଦନ ବାଘ,ଙ୍କ ସମେତ କମିଟି ର ସଭ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସମସ୍ତ କଳାକାର ମାନଙ୍କୁ କମିଟି ତରଫରୁ ଟ୍ରଫି ପ୍ରଦାନ କରାଯାଇଥିଲା ।

କାରୋ ନଦୀ ଜଳମାନରେ ଅବନତି: କୋଇଡ଼ାବାସୀଙ୍କ ପାଇଁ ବିପଦର ଘଣ୍ଟି !

କୋଇଡ଼ା, ୦୨।୧୧: ଖଣିବହୁଳ କୋଇଡ଼ା ଅଞ୍ଚଳର ଜୀବନରେଖା କୁହାଯାଉଥିବା କାରୋ ନଦୀର ଜଳମାନରେ ଦ୍ରୁତ ଅବନତି ଏବେ ସମଗ୍ର ଅଞ୍ଚଳ ପାଇଁ ଚିନ୍ତାର କାରଣ ପାଲଟିଛି। ୨୦୨୦ ମସିହାରେ ଏକ ଖଣି କମ୍ପାନୀ ପକ୍ଷରୁ ପ୍ରକାଶିତ ପ୍ରଦୂଷଣ ତଥ୍ୟ ଏବଂ ସେପ୍ଟେମ୍ବର ୨୦୨୬ରେ ଭୁବନେଶ୍ୱରସ୍ଥିତ ଜଳ ପରୀକ୍ଷାଗାରରେ କରାଯାଇଥିବା ନିଜସ୍ୱ ଜଳ ସଂଗ୍ରହ ନମୁନା ପରୀକ୍ଷା ରିପୋର୍ଟ ମଧ୍ୟରେ ଆକାଶପାତାଳ ପାର୍ଥକ୍ୟ ସାମ୍ନାକୁ ଆସିଛି।ପରୀକ୍ଷା ତଥ୍ୟ ଅନୁସାରେ, ନଦୀ ଜଳରେ ଲୁହା ମାତ୍ରା ୦.୨୯ରୁ ବୃଦ୍ଧି ପାଇ ୩.୬୨୫ ମିଲିଗ୍ରାମ/ଲିଟରରେ ପହଞ୍ଚିଛି। ସେହିପରି ଜୈବିକ ଅମ୍ଳଜାନ ଚାହିଦା ୪ରୁ ବୃଦ୍ଧି ପାଇ ୯.୩୨ ମିଲିଗ୍ରାମ/ଲିଟର ହୋଇଥିବା ବେଳେ ଦ୍ରବୀଭୂତ ଅମ୍ଳଜାନ ୫ରୁ ହ୍ରାସ ପାଇ ମାତ୍ର ୧.୫୬ ମିଲିଗ୍ରାମ/ଲିଟରରେ ପହଞ୍ଚିଛି। ଅନ୍ୟପକ୍ଷରେ ଜଳର ଗୋଳିଆପଣ ୧୭୮ ଘଞ୍ଚଟ ରେକର୍ଡ କରାଯାଇଛି।କାରୋ ନଦୀ ଜଳ ଅନେକ ଗ୍ରାମର ଲୋକଙ୍କ ଦୈନନ୍ଦିନ ବ୍ୟବହାର, ପଶୁପାଳନ ଓ ଜଳଜୀବଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଜଳରେ ଅମ୍ଳଜାନ ମାତ୍ରା ଏତେ କମିଯିବା ମାଛ ଓ ଅନ୍ୟ ଜଳଚର ପ୍ରାଣୀଙ୍କ ବଞ୍ଚିବା ପାଇଁ ବିପଦ ସୃଷ୍ଟି କରିଛି। ଅତ୍ୟଧିକ ଗୋଳିଆପଣ ଓ ଖଣିଜ କଣିକା ନଦୀ ଗର୍ଭରେ ଜମା ହୋଇ ଜୈବବିବିଧତାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏହା ସହିତ ଭୂତଳ ଜଳ ଓ ଚାଷଜମି ମଧ୍ୟ ପ୍ରଦୂଷଣର ପ୍ରଭାବରେ ଆସିପାରେ। ନଦୀ ଜଳ ଉପରେ



ନିର୍ଭରଶୀଳ ଲୋକଙ୍କ ସ୍ୱାସ୍ଥ୍ୟକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି।ଏଭଳି ସ୍ଥିତିରେ ନଦୀ ଜଳର ପୁନଃପରୀକ୍ଷା, ପ୍ରଦୂଷଣର ପ୍ରକୃତ କାରଣ ଚିହ୍ନଟ ଏବଂ ନିୟମିତ ତଦାରଖ ଜରୁରୀ ହୋଇପଡ଼ିଛି। ସମୟ ଥାଉଥାଉ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ହସ୍ତକ୍ଷେପ କରି ଆବଶ୍ୟକ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବାସୀଙ୍କ ଦାବି ହେଉଛି।

ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୨।୧୧(ନି.ପ୍ର) : ଆଜି ଜିଲ୍ଲାପାଳ ଶ୍ରୀ ଅବ୍ ?ଦାଲ୍ ମୁହମ୍ମଦ୍ ଅଖ୍ତରଙ୍କ ଅଧ୍ୟକ୍ଷତାରେ କିଶୋରନଗର ପଞ୍ଚାୟତ ସମିତି ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାହୁଲ ଜୈନ ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୪୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୪୧ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମପଞ୍ଚାୟତ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା



କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦିଲ୍ଲୀପ ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, କିଶୋରନଗରର ତହସିଲଦାର ରଞ୍ଜନ କୁମାର ସାହୁ, କିଶୋରନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭକାନ୍ତ ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ 1 ମନିଷ ଏକ୍କା, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ଓ ବ୍ଲକ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମସ୍ୟା, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

ଗୋ-ରକ୍ଷା ନାମରେ ହିଂସା ! ନ୍ୟାୟ ଦାବିରେ ଆଦିବାସୀ ସମାଜର ଜାତୀୟ ରାଜପଥ ଅବରୋଧ

କୋଇଡ଼ା,୦୨/୧୧ (ସୌମ୍ୟ ମହାନ୍ତି) ଗୋ-ରକ୍ଷା ନାମରେ ଜଣେ ଆଦିବାସୀ ବ୍ୟକ୍ତିଙ୍କୁ କିଛି ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଚାଷ କାମ ପାଇଁ ଗୋରୁ ନେଇ ଯାଉଥିବା ବେଳେ ଆକ୍ରମଣର ଶିକାର ହୋଇଥିବା ପତୁ ମୁଣ୍ଡା (୪୩) କେ. ବଳାଙ୍ଗ ପଞ୍ଚାୟତର ଝାରବେଡ଼ା ଗ୍ରାମର ବାସିନ୍ଦା। ସେ ବର୍ତ୍ତମାନ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ଘଟଣାର ଦୁଇ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ଗିରଫ ନହେବା ଏବଂ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଅସନ୍ତୋଷ ବଢ଼ିଥିଲା। ଏହାର ପ୍ରତିବାଦରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲ୍ଲା ପରିଷଦ ସଦସ୍ୟା (କ) ସୁଶୀଳା ମୁଣ୍ଡା, ନେଲସନ ମୁଣ୍ଡା, ସହଦେବ ନାଏକ, ଆନ୍ଦୋ ହୋରୋ,କେ. ବଳାଙ୍ଗ ସରପଞ୍ଚ, ଆଦିବାସୀ



ମହାସଂଘ ଏବଂ ହଜାର ହଜାର ସ୍ଥାନୀୟ ଲୋକ ଏକଜୁଟ ହୋଇ ୨୧୫/୫୨୦ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆନ୍ଦୋଳନକାରୀମାନେ ଅଡ଼ି ବସିଥିଲେ।ରାସ୍ତାରୋକ ଯୋଗୁଁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିବା ସହ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୫ଟି ଥାନାର ଆଇଆଇସି ମୁତୟନ ହୋଇଥିଲେ। ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସୂଚନା ଦିଆଯାଇଥିଲା। ଘଟଣାସ୍ଥଳରେ ଅତିରିକ୍ତ ପୋଲିସ ଅଧୀକ୍ଷକ ହୃଷୀକେଶ ନାଏକ ଓ ବଣାଇଁ ଏସ୍‌ଡିପିଓ ରାମକୃଷ୍ଣ ବିଶ୍ୱାଳଙ୍କ ଉପସ୍ଥିତିରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ଆଦିବାସୀ ସଂଘ ସହ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯିବା ନେଇ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀମାନେ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ। ତେବେ ପୋଲିସର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓ ଅଭିଯୁକ୍ତଙ୍କ ଗିରଫ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଚକ୍ରଧରପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବା ବାତିଲ୍

ଭୁବନେଶ୍ୱର:ଚକ୍ରଧରପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ, କାର୍ଯ୍ୟଗୁଡ଼ିକର ସୁରକ୍ଷିତ ଓ ସୁଚାରୁ ସମ୍ପାଦନ ପାଇଁ କେତେକ ନିର୍ଦ୍ଦିଷ୍ଟ ତାରିଖରେ କିଛି ଟ୍ରେନ୍‌ସେବା ବାତିଲ ରହିବ।ବାତିଲ୍ ହେବାକୁ ଥିବା ଟ୍ରେନ୍ ସେବା: ୨୨୮୬୧ ହାୱଡ଼ା-କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ। ୨୨୮୬୨ କଣ୍ଟାବାଞ୍ଜି-ହାୱଡ଼ା ଇସ୍ପାତ ଏକ୍ସପ୍ରେସ୍ ନଭେମ୍ବର ୪, ୨୦୨୬ ତାରିଖରେ ବାତିଲ୍ ରହିବ।୧୮୧୦୭ ରାଉରକେଲା-ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ।୧୮୧୦୮ ଜଗଦଲପୁର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୪, ୨୦୨୬ ତାରିଖରେ ବାତିଲ୍ ରହିବ। ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ। ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ। ୨୨୮୩୯ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ନଭେମ୍ବର ୩, ୨୦୨୬ ତାରିଖରେ ବାତିଲ୍ ରହିବ।

ପୂର୍ବତଟ ରେଳପଥରେ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦

ଭୁବନେଶ୍ୱର୨।୧୧(ନି.ପ୍ର.):ପୂର୍ବ ତଟ ରେଳପଥ ପକ୍ଷରୁ ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀ ମାନଙ୍କ ପାଇଁ ୧ ନଭେମ୍ବରରୁ ୩୦ ନଭେମ୍ବର, ୨୦୨୬ ପର୍ଯ୍ୟନ୍ତ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ କ୍ୟାମ୍ପେନ୍ ୫.୦ ଆୟୋଜନ କରାଯିବ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାକୁ ସହଜ ଓ ସୁବିଧାଜନକ କରିବା ସହ ପେନସନଭୋଗୀ ମାନଙ୍କ ପାଇଁ ଅଧିକ ସୁଲଭ କରିବା।ପୂର୍ବ ତଟ ରେଳପଥ ଅଧୀନରେ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ସମେତ ଖୋର୍ଦ୍ଧା ରୋଡ, ସମ୍ବଲପୁର ଏବଂ ରାୟଗଡ଼ା ଡିଭିଜନର ବିଭିନ୍ନ ସ୍ଥାନରେ ଏହି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। ଏହି ଶିବିର ଗୁଡ଼ିକରେ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନେ ଡିଜିଟାଲ ମାଧ୍ୟମରେ ସେମାନଙ୍କର ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ।ଖୋର୍ଦ୍ଧା ରୋଡ ଡିଭିଜନ ଅଧୀନରେ ବ୍ରହ୍ମପୁର, ବାଲୁଗାଁ, ପୁରୀ, ଭୁବନେଶ୍ୱର, କଟକ, ପାରାଦୀପ, ଅନୁଗୁଳ, ଭଦ୍ରକ ଏବଂ କେନ୍ଦୁଝରଗଡ଼ରେ ଶିବିର ଆୟୋଜନ କରାଯିବ। ରାୟଗଡ଼ା ଡିଭିଜନ ଅଧୀନରେ ଡିଆରଏମ୍ (ପର୍ସ ?ନେଲ୍) କାର୍ଯ୍ୟାଳୟ, ରାୟଗଡ଼ା ସମେତ କୋରାପୁଟ, ଜୟପୁର ଏବଂ ଆରକୁର ନିର୍ଦ୍ଧାରିତ କାର୍ଯ୍ୟାଳୟଗୁଡ଼ିକରେ ଶିବିର ଅନୁଷ୍ଠିତ ହେବ।

ସମ୍ବଲପୁର ଡିଭିଜନ ଅଧୀନରେ ରେଢ଼ାଖୋଲ, ବଲାଙ୍ଗୀର, ଟିଟିଲାଗଡ଼, ମହାସମୁନ୍ଦ ଏବଂ କଣ୍ଟାବାଞ୍ଜିରେ ଶିବିର ଆୟୋଜନ କରାଯିବ। ଏହା ସହିତ ଭୁବନେଶ୍ୱରର ମଞ୍ଚ ?ଶ୍ୱରସ୍ଥିତ କ୍ୟାରେଜ ରିପେୟାର



ୱର୍କସପ୍ ଏବଂ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ଅଧୀନରେ ପିସିପିଓ/ପିଏଫଏ (ଚଉଚଙ/ ଚଉଇ) କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ନିର୍ଦ୍ଧାରିତ ସ୍ଥାନରେ ମଧ୍ୟ ଶିବିର ଆୟୋଜନ କରାଯିବ।୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ଅତି ବରିଷ୍ଠ ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ।ଶିବିରକୁ ଆସୁଥିବା ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ସୁବିଧାଜନକ ଭାବେ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଆଧାର କାର୍ଡ, ପେନସନ ପେମେଣ୍ଟ ଅର୍ଡର , ବ୍ୟାଙ୍କ ପାସବୁକ୍ ଏବଂ ଆଧାର କାର୍ଡ ସହ ସଂଯୁକ୍ତ ମୋବାଇଲ ଫୋନ୍ ସାଙ୍ଗରେ ଆଣିବାକୁ ଅନୁରୋଧ କରାଯାଇଛି।ଏହି ପଦକ୍ଷେପ ମାଧ୍ୟମରେ ପୂର୍ବ ତଟ ରେଳପଥ ଅବସରପ୍ରାପ୍ତ ରେଳ କର୍ମଚାରୀ ଏବଂ ସେମାନଙ୍କର ପରିବାର ପେନସନଭୋଗୀମାନଙ୍କୁ ସୁଗମ, ଦକ୍ଷ ଏବଂ ପେନସନଭୋଗୀ ଅନୁକୂଳ ସେବା ପ୍ରଦାନ କରିବା ପାଇଁ ପ୍ରୟାସ ଜାରି ରଖିଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ